

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୦୩ ଫେବୃଆରୀ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 03 FEBRUARY 2023

Vol.No. 34 ■ No. 32 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ସଂସଦରେ ହିଣ୍ଡେନବର୍ଗ ରିପୋର୍ଟ ତାତି



ନୂଆଦିଲ୍ଲୀ,୦୨/୦୨ : ସଂସଦର ବଜେଟ ଅଧିବେଶନରେ ଉଠିଲା ଆଦାନୀ ପ୍ରସଙ୍ଗ । ସଂସଦର ଉଭୟ ଗୃହରେ ଉଠିଛି ହିଣ୍ଡେନବର୍ଗର ସେହି ରିପୋର୍ଟର କଥା ଯାହାକୁ ନେଇ ଉଠୁଛି ପଡୁଛି ସାରା ଦେଶ । ବିଶିଷ୍ଟ ଶିଳ୍ପପତି ଗୌତମ ଆଦାନୀଙ୍କ ବିରୋଧରେ ରିପୋର୍ଟରେ ଆନକ ସଙ୍ଗୀନ ଦାବି ଆସିଥିଲା । ଏହି ପ୍ରସଙ୍ଗକୁ ସଂସଦର ଉଭୟ ଗୃହରେ ଉଠାଇଛନ୍ତି ବିରୋଧୀ । କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ କହିଥିଲେ କି ଏଲଆଇସି, ଏସିବିଆଇ ସହିତ ଅନେକ ସରକାରୀ ସଂସ୍ଥାରେ ଯେଉଁମାନେ ନିବେଶ କରିଛନ୍ତି ଏହାର ଯାଞ୍ଚ କରାଯାଉ । ଏହାର ରିପୋର୍ଟ ଜନତାଙ୍କ ସାମ୍ନାରେ ରଖାଯାଉ । ପ୍ରାୟ ୧୩ଟି ବିରୋଧ ଏକଜୁଟ ହୋଇ ସରକାରଙ୍କୁ ରିପୋର୍ଟ ବାବଦରେ ପ୍ରଶ୍ନ କରିଛନ୍ତି । ଆମ ଆଦମୀ ପାର୍ଟି କହିଛି ଆଦାନୀ ପ୍ରସଙ୍ଗକୁ ନେଇ କଣ ପାଇଁ ପ୍ରଧାନମନ୍ତ୍ରୀ ମୋଦୀ ଓ ବିଜେପି ଚୁପ ବସିଛନ୍ତି । ଏହାର ଜବାବ ପୂରା ଦୁନିଆକୁ ଦିଅନ୍ତୁ । ବିରୋଧୀଙ୍କ ହଙ୍ଗାମା ପରେ ଗୃହକାର୍ଯ୍ୟକୁ କାଲି ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି । ଆଦାନୀ ଗ୍ରୁପକୁ ନେଇ ହିଣ୍ଡେନବର୍ଗ ଯେଉଁ ରିପୋର୍ଟ ଦେଇଛି ତାପଛରେ ସତ୍ୟତା କଣ ଏହା ଜବାବ ସରକାରଙ୍କୁ ମାଗିଛନ୍ତି ବିରୋଧୀ । ସେପଟେ ବିଜେପି କହିଛି ସଂସଦର ମୂଲ୍ୟବାନ ସମୟ ନଷ୍ଟ କରି ବିରୋଧୀ ମୁଖ୍ୟ ପ୍ରସଙ୍ଗର ଚର୍ଚ୍ଚାରୁ ଦୂରେଇ ଯାଉଛନ୍ତି । ସଂସଦର କାର୍ଯ୍ୟ ଆରମ୍ଭ ପୂର୍ବରୁ ବିରୋଧୀ ଦଳଙ୍କୁ ନେଇ ବୈଠକ ପ୍ରସ୍ତୁତ ହୋଇଥିଲା । କେଉଁ କେଉଁ ପ୍ରସଙ୍ଗକୁ ନେଇ ସରକାରଙ୍କୁ ଘେରିବେ ଏନେଇ ବୈଠକରେ ରଣନୀତି ପ୍ରସ୍ତୁତ ହୋଇଥିଲା । ଆମେରିକା ରିସର୍ଚ୍ଚ ଫାର୍ମ ହିଣ୍ଡେନବର୍ଗର ରିପୋର୍ଟ ପ୍ରକାଶ ପାଇବା ପରେ ଆଦାନୀ ଗ୍ରୁପର ସମସ୍ୟା ବଢିବାରେ ଲାଗିଛି । ରିପୋର୍ଟରେ କୁହାଯାଇଥିଲା କି ସେୟାର ପ୍ରାଇସ୍ରେ ହେରଫେର, ସେଲ୍ କମ୍ପାନୀରେ କାରବାର, ଆକାଉଣ୍ଟରେ ଅନିୟମିତତା କରିଛି । ଅସାଧୁ ଉପାୟରେ ଷ୍ଟକ ମୂଲ୍ୟରେ ବୃଦ୍ଧି ଘଟାଇ ୩ବର୍ଷ ଭିତରେ ୧୨୦ ବିଲିୟନ ଡଲାର ଠୁଳ କରିଛି ଆଦାନୀ ଗ୍ରୁପ୍ । ପୁଞ୍ଜିବଜାରରେ ଆଦାନୀ ଗ୍ରୁପର ୭ଟି କମ୍ପାନୀର ସେୟାର ୩ବର୍ଷରେ ହାରାହାରି ୮ଶହ ପ୍ରତିଶତ ବୃଦ୍ଧି ପାଇଛି । ଷ୍ଟକ ଓ ଆକାଉଂଟରେ ବ୍ୟାପକ କାରସାଦି କରାଯାଇଥିବା ଅଭିଯୋଗ ଥିବା ରିପୋର୍ଟରେ କୁହାଯାଇଥିଲା ।

## ୪ ଦିନ ବିତିଲା, ଖୋଲୁନି ନବ ଦାସଙ୍କ ହତ୍ୟା ପଛର ରହସ୍ୟ

### ପାଇଖାନା ଟାଙ୍କିରୁ ମିଳିଲା ଟୁକୁଡା କାଗଜ, ପରୀକ୍ଷା ପାଇଁ ଯିବ ଫରେନସିକ୍ ଲ୍ୟାବ୍



ଭୁବନେଶ୍ୱର,୦୨/୦୨ (ନି.ପ୍ର): ଯେଉଁ ଖବରର ରହସ୍ୟ କ'ଣ ଜାଣିବା ପାଇଁ ସାରା ରାଜ୍ୟବାସୀ ଅପେକ୍ଷା କରିଛନ୍ତି । ସେହି ଘଟଣା ଉପରୁ କିନ୍ତୁ ଚାରି ଦିନ ପରେ ବି ପରଦା ହଟାଇପାରିନି କ୍ରାଇମବ୍ରାଞ୍ଚ । ଏହା ଭିତରେ ମନ୍ତ୍ରୀ ନବ ଦାସଙ୍କ ହତ୍ୟାକାଣ୍ଡ ମାମଲାକୁ ନେଇ ନାଟକୀୟ ଭାବେ ସାମନାକୁ ଆସିଛି କେତେକ ରୋଚକ ତଥ୍ୟ । ଝାରସୁଗୁଡା ବିମାନବନ୍ଦର ଥାନା ପାଇଖାନା ଟାଙ୍କିରୁ ଜବତ ହୋଇଛି କେତେକ କାଗଜ ଟୁକୁଡା । ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଗୁଳିକାଣ୍ଡ ପରେ ପୋଲିସ୍ ହେପାଜତରେ ଥିବାବେଳେ ଏହି କାଗଜକୁ ପାଇଖାନାରେ ଫ୍ଲସ କରି ଦେଇଥିଲେ ଗୋପାଳ । ତେବେ ଜେରା ସମୟରେ ଗତକାଲି କହିବା ପରେ ଏନେଇ ଖୋଜାଖୋଜି ଆରମ୍ଭ କରିଥିଲା କ୍ରାଇମବ୍ରାଞ୍ଚ । ନବ ଦାସଙ୍କ ହତ୍ୟାକାଣ୍ଡର କାରଣ ଖୋଜୁଥିବା କ୍ରାଇମବ୍ରାଞ୍ଚ ଟିମକୁ ବୁଧବାର ରାତିରେ ନାଟକୀୟ ଭାବେ ଝାରସୁଗୁଡା ବିମାନବନ୍ଦର ଥାନା ପାଇଖାନା ଖୋଲୁଥିବା ଅବସ୍ଥାରେ ଦେଖାଯାଇଥିଲା । ତଦନ୍ତକାରୀ ଟିମର ବରିଷ୍ଠ ଅଧିକାରୀ ଓ ସ୍ଥାନୀୟ ପୋଲିସ ସହାୟତାରେ ରାତିରେ ଉଠାଯାଇଥିଲା ପାଇଖାନା ଟାଙ୍କିର ସ୍ଲାବ । ରାତି ତମାମ ସକାଳ ପର୍ଯ୍ୟନ୍ତ ଖୋଳାଖୋଳି ଚାଲିଥିଲା । ପାଇଖାନା ଟାଙ୍କି ଭିତରୁ ମିଳିଛି କିଛି ଟୁକୁଡା କାଗଜ । କୁହାଯାଉଛି, ଏହି କାଗଜକୁ ନବ ଦାସଙ୍କୁ ହତ୍ୟା କରିଥିବା ଗୋପାଳ ଦାସ, ଥାନାରେ ପୋଲିସ କବଜାରେ ଥିବାବେଳେ, କୌଶଳ କ୍ରମେ ପାଇଖାନାକୁ ଯାଇ, ଫ୍ଲସ କରିଦେଇଥିଲା । ଆଉ କାଗଜ ଗୁଡିକ ପାଇଖାନା ଟାଙ୍କି ଭିତରକୁ ଚାଲି ଯାଇଥିଲା । ମିଳିଥିବା କାଗଜ ଗୁଡିକରେ କିଛି ଲେଖାଯାଇଥିବା ବି ଦେଖାଯାଉଛି । ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଏହି କାଗଜରେ ଗୋପାଳ ଦାସ କୁଆଡେ ମନ୍ତ୍ରୀଙ୍କୁ ହତ୍ୟା କରିବା କାରଣ ସମ୍ପର୍କରେ ଉଲ୍ଲେଖ କରିଥିଲେ । ଅଭିଯୁକ୍ତ ଗୋପାଳଙ୍କୁ ରିମାଣ୍ଡରେ ଆଣି ମାରାଥନ ଜେରା କରୁଥିବା କ୍ରାଇମବ୍ରାଞ୍ଚ ଟିମକୁ ବୁଧବାର ମିଳିଥିଲା କିଛି ଗୁରୁତ୍ୱପୂର୍ଣ୍ଣ ସୂଚନା । ଅଭିଯୁକ୍ତ ଗୋପାଳ ଦାସ ଗୁଳିକାଣ୍ଡ ପରେ, ଝାରସୁଗୁଡା ବିମାନବନ୍ଦର ଥାନା ପାଇଖାନା ଟାଙ୍କିରେ କିଛି କାଗଜ ଫିଙ୍ଗି ଥିବା କହିଥିଲା । ତାପରେ ରାତିରେ କ୍ରାଇମବ୍ରାଞ୍ଚ ଟିମ୍ ସ୍ଥାନୀୟ ପୋଲିସ ସହାୟତାରେ ଝାରସୁଗୁଡା ବିମାନବନ୍ଦର ଥାନାର ପାଇଖାନା ଟାଙ୍କି ଖୋଲିଥିଲା । ଆଉ ସେଥିରୁ କାଗଜ ଟୁକୁଡା ମିଳିଛି । ତେବେ ସେହି କାଗଜଗୁଡିକୁ ଫୋରେନସିକ୍ ଲାବକୁ ପଠାଯିବ ବୋଲି ସୂଚନା ମିଳିଛି । କାଗଜରେ କଣ ଲେଖାଅଛି ତାହା ଜଣାପଡୁନଥିଲେ ବି ନବ ଦାସଙ୍କ ହତ୍ୟାକାଣ୍ଡକୁ ନେଇ ଏଥିରୁ କିଛି ଗୁପ୍ତ ରହସ୍ୟ ଜଣାପଡିବ ବୋଲି କୁହାଯାଉଛି । କିନ୍ତୁ ଚାରି ଦିନ ପରେ ପାଇଖାନା ଟାଙ୍କି ଭିତରୁ କାଗଜ ମିଳିବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି । ଯାହାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି ।

## ଜୟପୁରର ବିକ୍ରମଦେବ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟରେ ପରିଣତ ହେଲା

ଭୁବନେଶ୍ୱର,୦୨/୦୨ (ନି.ପ୍ର): ଜୟପୁରର ପ୍ରସିଦ୍ଧ ଉଚ୍ଚଶିକ୍ଷାନୁଷ୍ଠାନ ବିକ୍ରମଦେବ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ ସଂକ୍ରାନ୍ତୀୟ ପ୍ରସ୍ତାବ କୁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି। ଅବିଭକ୍ତ କୋରାପୁଟ ଜିଲ୍ଲାର ବୁଦ୍ଧିଜୀବୀ ତଥା ଛାତ୍ରଛାତ୍ରୀ ମାନଙ୍କର ବହୁ ଦିନର ଦାବୀ ଆଜି ପୂରଣ ହୋଇଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ ଖୁସି ବ୍ୟକ୍ତ କରିଛନ୍ତି । ବିକ୍ରମ ଦେବ ମହାବିଦ୍ୟାଳୟ ଅବିଭକ୍ତ କୋରାପୁଟ ଜିଲ୍ଲାର ଉଚ୍ଚଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଆସିଛି । ଚଳିତ ବର୍ଷ ଏହି ମହାବିଦ୍ୟାଳୟ ତାର ୭୫ ବର୍ଷ ପୂର୍ତ୍ତି ପାଳନ କରୁଛି । ବିକ୍ରମଦେବ ମହାବିଦ୍ୟାଳୟ ୧୯୪୭ ମସିହାରେ ସ୍ଥାପିତ ହୋଇଥିଲା। ଏହି ମହାବିଦ୍ୟାଳୟରେ ଏବେ ୧୬ଟି ସ୍ନାତକୋତର ୧୭ଟି ସ୍ନାତର ପ୍ରୋଗ୍ରାମ ସହିତ ବିବିଏ, ବିସିଏ ଓ ବିଏଡ ପାଠ୍ୟକ୍ରମ ଜାରି ରହିଛି । ବର୍ତ୍ତମାନ ଚାରି ହଜାର ଛାତ୍ରଛାତ୍ରୀ ଏଠାରେ ଅଧ୍ୟୟନ କରୁଛନ୍ତି. ଅବିଭକ୍ତ କୋରାପୁଟ ଜିଲ୍ଲାର ସମସ୍ତ କଲେଜ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ ହୋଇଛି . ବର୍ତ୍ତମାନ ଏହି ନୂଆ ବିଶ୍ୱବିଦ୍ୟାଳୟ ହେବା ଦ୍ୱାରା କୋରାପୁଟ, ରାୟଗଡା ନବରଙ୍ଗପୁର ଓ ମାଲକାନଗିରି ଜିଲ୍ଲାର ହାଜର ହଜାର ଛାତ୍ରଛାତ୍ରୀ ଉପକୃତ ହେବେ. ଦକ୍ଷିଣ ଓଡିଶା ରେ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଏହା ଏକ ମାଇଲଖୁଣ୍ଟ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

## ଚୀନ-ପାକିସ୍ତାନକୁ ମୁକାବିଲା ପାଇଁ ଅଧିକ ମଜବୁତ ହେବ ଭାରତର ପ୍ରତିରକ୍ଷା ମନ୍ତ୍ରାଳୟ



ନୂଆଦିଲ୍ଲୀ,୦୨/୦୨ : ଚୀନ-ପାକିସ୍ତାନର ଭୟ ବଢାଇବା ପାଇଁ ମୋଦୀ ସରକାର ନେଇଛନ୍ତି ବଡ ପଦକ୍ଷେପ । କାରଣ ଚଳିତ ବଜେଟରେ ବୃଦ୍ଧି କରାଯାଇଛି ପ୍ରତିରକ୍ଷା ବଜେଟ । ୨୦୨୩-୨୪ ଆର୍ଥିକ ସାଧାରଣ ବଜେଟରେ ପ୍ରତିରକ୍ଷା ବଜେଟକୁ ୫.୨୫ ଲକ୍ଷ କୋଟିରୁ ୫.୯୪ କୋଟିକୁ ବୃଦ୍ଧି କରାଯାଇଛି । ଏହି ବର୍ଦ୍ଧିତ ପୁଞ୍ଜିରେ ସେନା ପାଇଁ ନୂତନ ଅସ୍ତ୍ରଶସ୍ତ୍ର, ବିମାନ, ଯୁଦ୍ଧ ଜାହଜ, ଅନ୍ୟାନ୍ୟ ପ୍ରତିରକ୍ଷା ଉପକରଣ କ୍ରୟ କରାଯିବ । ଆତ୍ମନିର୍ଭର ଭାରତକୁ ଅଧିକରୁ ଅଧିକ ଫୋକସ କରି ସରକାର ରକ୍ଷା ବଜେଟକୁ ଗୁରୁତ୍ୱ ଦେଇ ଆସୁଛନ୍ତି । ପ୍ରତିରକ୍ଷା ସାମଗ୍ରୀ ପାଇଁ ବିଦେଶ ଉପରେ ଭରଷା ନକରି ଏବେ ସ୍ୱଦେଶୀ ହତିଆର ନିର୍ମାଣ ଉପରେ ଜୋର ଦେଉଛି ଭାରତ । ଭାରତର ଏହି ନୂଆ ବଜେଟ ପାକିସ୍ତାନ ପ୍ରତିରକ୍ଷା ବଜେଟଠୁ ୩ ଗୁଣା ଅଧିକ ଅଟେ । କିନ୍ତୁ ଭାରତର ବର୍ତମାନ ବଜେଟ ଚୀନ ତୁଳନାରେ ୩ ଗୁଣା କମ ରହିଛି । ୧୪ଦେଶର ସୀମା ସହ ନିଜ ଦେଶର ସୀମା ଯୋଡୁଥିବା ଚୀନ ସବୁଠୁ ଅଧିକ ବଜେଟ ନିଜର ପ୍ରତିରକ୍ଷା ପାଇଁ କରିଥାଏ ।

## ଓଡ଼ିଶା ଅଗ୍ନିଶମ ବିଭାଗର ନାମ ବଦଳିବା ନେଇ ପ୍ରକାଶିତ ହେଲା ଗେଜେଟ ବିଜ୍ଞପ୍ତି

ଭୁବନେଶ୍ୱର,୦୨/୦୨ (ନି.ପ୍ର): ଓଡ଼ିଶା ଅଗ୍ନିଶମ ବିଭାଗକୁ ଏବେ ଓଡ଼ିଶା ଅଗ୍ନିଶମ ବିଭାଗ ଏବଂ ଜରୁରୀକାଳୀନ ସେବା ନାଁରେ ନାମିତ କରାଯାଇଛି । ଅଗ୍ନିଶମ ବିଭାଗ ବିପର୍ଯ୍ୟୟବେଳେ ଉଲ୍ଲେଖନୀୟ ସେବା ପ୍ରଦାନ କରୁଛି । ନୂଆ ନାମ ନେଇ ବିଧିବଦ୍ଧ ଭାବେ ଗେଜେଟ ବିଜ୍ଞପ୍ତି ପ୍ରକାଶ ପାଇଛି ।

## ଚିତ୍ରକୋଣ୍ଡା ଢେପ ସାହିରେ ଅଭାବନୀୟ ଘଟଣା: ପାଣି ଗାତରେ ଖସିପଡ଼ି ଦୁଇ ଶିଶୁକନ୍ୟାଙ୍କର ମୃତ୍ୟୁ

ଭୁବନେଶ୍ୱର,୦୨/୦୨ (ନି.ପ୍ର): ପାଣି ଗାତରେ ଖସିପଡ଼ି ଦୁଇ ଶିଶୁକନ୍ୟାଙ୍କର ମୃତ୍ୟୁ ହୋଇଛି । ଚିତ୍ରକୋଣ୍ଡା ପଞ୍ଚାୟତ ଢେପ ସାହିରେ ଘଟିଛି ଏଭଳି ଅଭାବନୀୟ ଘଟଣା । ଦୁଇ ଶିଶୁ କନ୍ୟା ଖେଳୁଥିବା ବେଳେ ନିକଟରେ ପାଣି ଭର୍ତି ଥିବା ଏକ ଗାତରେ ପଡ଼ିଯାଇଥିଲେ । ସ୍ଥାନୀୟ ଲୋକେ ଦୁହିଁଙ୍କୁ ତୁରନ୍ତ ଉଦ୍ଧାର କରି ମେଡିକାଲ ନେଇଥିଲେ । କିନ୍ତୁ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଦୁଇ ଶିଶୁ କନ୍ୟା ସୁଭଦ୍ରା କମାର ଓ ସୁମି ଜାନମ ବୋଲି ଜଣାପଡ଼ିଛି । ରାସ୍ତା କାମ ପାଇଁ ଠିକାଦାରମାନେ ଏକ କୃତ୍ରିମ ଗାତ କରି ପାଣି ରଖୁଥିଲେ । କିନ୍ତୁ ରାସ୍ତା କାମ ସରିବା ପରେ ପାଣି ଗାତକୁ ଖୋଲା ଛାଡ଼ି ଦେଇଥିବା ଜଣାପଡ଼ିଛି । ଯେଉଁ କାରଣରୁ ଏଭଳି ଅଭାବନୀୟ ଘଟଣା ଘଟିଥିବା ସୂଚନା ମିଳିଛି ।

## ନାଗାଲାଣ୍ଡ ବିଧାନସଭା ନିର୍ବାଚନ : ବିଜେପି ଜାରି କଲା ପ୍ରାର୍ଥୀଙ୍କ ତାଲିକା



ନୂଆଦିଲ୍ଲୀ,୦୨/୦୨ : ନାଗାଲାଣ୍ଡ ବିଧାନସଭା ନିର୍ବାଚନ ପାଇଁ ଭାରତୀୟ ଜନତା ଦଳ ୨୦ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି । ବିଜେପି ପକ୍ଷରୁ ଜାରି ହୋଇଥିବା ଏହି ତାଲିକା ଅନୁସାରେ ନାଗାଲାଣ୍ଡର ବିଜେପି ଅଧକ୍ଷ ତେମାଜିନ ଇମନା ଅଲଙ୍ଗ, ଏଲଙ୍ଗଟକି ବିଧାନସଭା ଆସନରୁ ନିର୍ବାଚନ ଲଢିବେ । ନାଗାଲାଣ୍ଡରେ ବିଜେପିର ୧୨ ବିଧାୟକଙ୍କ ମଧ୍ୟରୁ ୧୧ ଜଣଙ୍କୁ ପୁଣିଥରେ ଟିକଟ ମିଳିଛି । ଦଳ ବର୍ତ୍ତମାନ ବିଧାୟକ ଥିବା ଜଣଙ୍କ ଟିକଟ କାଟିଛି । ରାଜ୍ୟରେ ବିଜେପି ଏନଡିପିପି ସହ ମିଳିତ ଭାବେ ନିର୍ବାଚନ ଲଢିବ । ୬୦ ଆସନ ବିଶିଷ୍ଟ ବିଧାନସଭାରେ ବିଜେପି ୨୦ ଆସନରେ ନିର୍ବାଚନ ଲଢିବାକୁ ଯାଉଥିବା ବେଳେ ଏନଡିପିପି ୪୦ ଆସନରେ ନିଜର ଆଶାୟୀଙ୍କୁ ମଇଦାନକୁ ଓହ୍ଲାଇଛି । ନାଗାଲାଣ୍ଡ ସହ ମେଘାଳୟରେ ମଧ ବିଧାନସଭା ନିର୍ବାଚନ ହେବାକୁ ଯାଉଛି । ବିଜେପି ମେଘାଳୟର ସମସ୍ତ ୬୦ ଆସନରେ ନିର୍ବାଚନ ଲଢିବାକୁ ନିଷ୍ପତ୍ତି ନେଇଛି । ମେଘାଳୟ ଏବଂ ନାଗାଲାଣ୍ଡ ବିଧାନସଭା ନିର୍ବାଚନକୁ ଆଖିରେ ରଖି ବୁଧବାର ବିଜେପିର କେନ୍ଦ୍ରୀୟ ନିର୍ବାଚନ ଆୟୋଗର ବୈଠକ ଦିଲ୍ଲୀରେ ବସିଥିଲା । ଏହି ବୈଠକରେ ନିଜେ ପ୍ରଧାନମନ୍ତ୍ରୀ ମୋଦୀ ଉପସ୍ଥିତ ରହିଥିଲେ । ବୈଠକରେ ହିଁ ପ୍ରାର୍ଥୀଙ୍କ ତାଲିକାରେ ମୋହର ବାଜିଥିଲା ।

## ଆଗାମୀ ୨୧ରୁ ଓଡିଶା ବିଧାନସଭାର ବଜେଟ ଅଧିବେଶନ



ଭୁବନେଶ୍ୱର,୦୨/୦୨ (ନି.ପ୍ର): ରାଜ୍ୟ ବିଧାନସଭାର ବଜେଟ୍ ଅଧିବେଶନ ଆଗାମୀ ୨୧ ତାରିଖରୁ ଆରମ୍ଭ ହେବ । ଏହି ଅଧିବେଶନ ଦୁଇଟି ପର୍ଯ୍ୟାୟରେ ଚାଲିବ ଓ ଏପ୍ରିଲ ମାସ ୬ ତାରିଖରେ ଶେଷ ହେବ । ମିଳିଥିବା ସୂଚନା ଅନୁସାରେ ଫେବ୍ରୁଆରି ୨୧ରୁ ମାର୍ଚ୍ଚ ୨ ତାରିଖ ଯାଏ ବିଧାନସଭାର ପ୍ରଥମ ପର୍ଯ୍ୟାୟ ଚାଲିବ। ପୁଣି ମାର୍ଚ୍ଚ ୧୦ ତାରିଖରୁ ଏପ୍ରିଏ ୬ ତାରିଖ ଯାଏ ଦ୍ୱିତୀୟ ପର୍ଯ୍ୟାୟ ଚାଲିବ। ଦ୍ୱାଦଶ ଅଧିବେଶନର କାର୍ଯ୍ୟସୂଚୀ ଅନୁଯାୟୀ ଏହି ବିଧାନସଭା ଅଧିବେଶନରେ ମୋଟ ୨୭ଟି କାର୍ଯ୍ୟଦିବସ ରହିଛି । ଅଧିବେଶନର ପ୍ରଥମ ଦିନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଗୃହରେ ଅଭିଭାଷଣ ରଖିବେ । ଫେବୃଆରୀ ୨୪ ତାରିଖରେ ଅର୍ଥମନ୍ତ୍ରୀ ଶ୍ରୀ ନିରଞ୍ଜନ ପୂଜାରୀ ୨୦୨୩-୨୪ ଆର୍ଥିକ ବର୍ଷର ବଜେଟ୍ ଉପସ୍ଥାପନ କରିବେ । ଅଧିବେଶନରେ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ନେଇ ଆଲୋଚନା, ବଜେଟ ସମ୍ବନ୍ଧୀୟ ଆଲୋଚନା, ଅନୁଦାନ ଦାବି, ୨୦୨୩-୨୪ ବର୍ଷ ପାଇଁ ବିନିଯୋଗ ବିଲ୍, ବେସରକାରୀ ସଭ୍ୟଙ୍କ କାର୍ଯ୍ୟ (ବିଲ୍ ଓ ସଂକଳ୍ପ) ଇତ୍ୟାଦି ବିଷୟରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି ।

## ମନ୍ତ୍ରୀ ନବ ଦାସଙ୍କ ମୃତ୍ୟୁ ପରେ ସାଂଘାତିକ ଅଭିଯୋଗ ଆଣିଲେ ମୀନତି ବହିଦାର



ନୂଆଦିଲ୍ଲୀ,୦୨/୦୨ : ମନ୍ତ୍ରୀ ନବ ଦାସଙ୍କ ହତ୍ୟାକାଣ୍ଡକୁ ନେଇ ବଡ ବୟାନ ଦେଇଛନ୍ତି କଟକର ସମାଜସେବୀ ମୀନତି ବହିଦାର । ପ୍ରଥମେ ସୋସିଆଲ ମିଡିଆ ପୋଷ୍ଟ କରି ମନ୍ତ୍ରୀଙ୍କ ମୃତ୍ୟୁ ସମ୍ପର୍କରେ ମନ୍ତବ୍ୟ ରଖିଥିଲେ ମୀନତି ବହିଦାର । ସେ ଅଭିଯୋଗ କରିଛନ୍ତି, ୧୭ ବର୍ଷ ତଳେ ତାଙ୍କ ଭାଇଙ୍କ ହତ୍ୟା ପଛରେ ଥିଲା ମନ୍ତ୍ରୀଙ୍କ ହାତ । ତେବେ ରାଜନୈତିକ ଆକ୍ରୋଶ ରଖି ତାଙ୍କ ଭାଇଙ୍କୁ ବୋମା ପକାଇ ମାରି ଦିଆଯାଇଥିଲା ବୋଲି କହିଛନ୍ତି ମୀନତି । ମୀନତି ହେଉଛନ୍ତି ସେହି ବୃଦ୍ଧା, ଯିଏ ତାଙ୍କ ସବୁ ସମ୍ପତି ଜଣେ ରିକ୍ସାବାଲାଙ୍କୁ ଦାନ କରିଦେଇଥିଲେ । କଟକରେ ରହୁଥିବା ଏହି ମହିଳା ମୀନତି ମ୍ୟାଡମ୍ ଝାରସୁଗୁଡ଼ାର ମୂଳବାସିନ୍ଦା । ତେବେ ସେ ଏବେ ଏକ ଭିନ୍ନ କାରଣକୁ ନେଇ ଚର୍ଚ୍ଚାରେ ଅଛନ୍ତି । ମନ୍ତ୍ରୀ ନବ ଦାସଙ୍କ ମୃତ୍ୟୁକୁ ନେଇ ସାରା ଓଡ଼ିଶା ସ୍ତବ୍ଧ ଥିବା ବେଳେ ମିନତୀ ବହିଦାର, ମନ୍ତ୍ରୀଙ୍କ ମୃତ୍ୟୁକୁ ନେଇ ଖୁସିଥିବା କହିଛନ୍ତି । ସେ ଅଭିଯୋଗ କରି କହିଛନ୍ତି, ତାଙ୍କ ଭାଇ ବିଧାନ ବହିଦାରଙ୍କ ମୃତ୍ୟୁ ପଛରେ ମନ୍ତ୍ରୀ ନବ ଦାସଙ୍କ ସଂପୃକ୍ତ ଥିଲେ । ମିନତୀ ବହିଦାରଙ୍କ ଅଭିଯୋଗ ଅନୁସାରେ, ତାଙ୍କ ଭାଇ ବିଧାନ ବହିଦାରଙ୍କୁ ବୋମାମାଡ଼ କରି ରାତିର ଅନ୍ଧାରରେ ହତ୍ୟା କରାଯାଇଥିଲା । ଭାଇ ବିଧାନଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ଭାଙ୍ଗି ପଡ଼ିଥିଲା । ରାଜନୈତିକ ପ୍ରତିଦ୍ୱନ୍ଦିତାକୁ କେନ୍ଦ୍ରକରି ତାଙ୍କ ଭାଇଙ୍କୁ ହତ୍ୟା କରିଥିବା ମିନତୀ ବହିଦାର ଅଭିଯୋଗ କରିଛନ୍ତି । ମୀନତି ବହିଦାର ଯେଉଁ ଦୁଇ ଜଣ ନେତାଙ୍କ ନାଁରେ ଅଭିଯୋଗ ଆଣୁଛନ୍ତି, ବର୍ତମାନ ଉଭୟ ନେତାଙ୍କ ଦେହାନ୍ତ ହୋଇସାରିଛି । ଏମିତି କି ମୀନତି ଆଣୁଥିବା ଅଭିଯୋଗ ଉପରେ ପ୍ରତିପକ୍ଷଙ୍କ ପରିବାର ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ । ତେବେ ସ୍ୱାମୀ-ଝିଅଙ୍କ ମୃତ୍ୟୁ ପରେ ସମାଜସେବା ପ୍ରତି ଆକର୍ଷିତ ହୋଇ ଗତବର୍ଷ ବିଜେଡିରେ ସାମିଲ ହୋଇଥିଲେ ମୀନତି ବହିଦାର । ହେଲେ ଏସବୁ ଭିତରେ ମୀନତି ବହିଦାର, ଦିବଙ୍ଗତ ନେତାଙ୍କୁ ନେଇ ଯେଉଁ ସନ୍ଦେହ କରୁଛନ୍ତି ବା ଯେଉଁ ଅଭିଯୋଗ କରିଛନ୍ତି ସେଥିରେ କେତେ ସତ୍ୟତା ରହିଛି, ତାର ଉତ୍ତର କେବଳ ପୁଲିସ ତଦନ୍ତର ପୁରୁଣା ଫାଇଲରେ ହିଁ ମିଳିପାରେ ।

## ତାଇୱାନ ସୀମାରେ ସେନା ମୁତୟନ କରୁଛି ଆମେରିକା



ନୂଆଦିଲ୍ଲୀ, ୦୨/୦୨ : ଗୋଟେପଟେ ରୁଷ-ୟୁକ୍ରେନ ଯୁଦ୍ଧକୁ ନେଇ ସାରା ବିଶ୍ୱରେ ଚିନ୍ତା । ଅନ୍ୟପଟେ ଚୀନ-ତାଇୱାନ ତିକ୍ତତା ଭିତରେ ନୂଆ ଯୁଦ୍ଧ ଆଶଙ୍କା ସୃଷ୍ଟି ହୋଇଛି । କାରଣ ଖୁବଶୀଘ୍ର ତାଇୱାନ ସୀମା ନିକଟରେ ସୈନ୍ୟ ମୃତୟନ କରିବାକୁ ଯାଉଛି ଆମେରିକା । ମିଳିଥିବା ସୂଚନା ଅନୁସାରେ ଆମେରିକା ମରୀନ କପର୍ସ ୟୁନିଟ ତାଇୱାନ ସୀମା ନିକଟରେ ମୃତୟନ ହେବାକୁ ଯାଉଛି । ଏହି ୟୁନିଟ ମୁଖ୍ୟତଃ ଭାବେ ରିପୋର୍ଟ ଆଇଲ୍ୟାଣ୍ଡରେ ଲଢେଇ କରିବାରେ ସକ୍ଷମ ହୋଇଥାଏ । ସେପଟେ ଆମେରିକା ଏୟାରଫୋର୍ସର ବରିଷ୍ଠ ଅଧିକାରୀ ଏକଥାର ଆକଳନ କରିଛନ୍ତି କି ଦୁଇ ବର୍ଷର ତିକ୍ତତା ପରେ ଆଗକୁ ▶▶ପୃଷ୍ଠା ୭

# ବଲାଙ୍ଗିର ଜଳସେଚନ ବିଭାଜନ ପକ୍ଷରୁ ପାଣି ପଂଚାୟତ ପକ୍ଷ ପାଳନ : ଜଳ ସଂରକ୍ଷଣ ଓ ଉପଯୁକ୍ତ ପରିଚାଳନା ଉପରେ ଗୁରୁତ୍ୱ

ବଲାଙ୍ଗିର, ୨/୦୨ (ନି.ପ୍ର): ରାଜ୍ୟରେ ପାଣି ପଂଚାୟତ ପକ୍ଷ ଫେବୃଆରୀ ୧ ତାରିଖ ଠାରୁ ୧୫ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି । ପାଣି ପଂଚାୟତ ପକ୍ଷ ପାଳନ ଉପଲକ୍ଷେ ଆଜି କୋଶଳ କଳା ମଣ୍ଡଳ ପଡିଆ ଠାରୁ ବଲାଙ୍ଗିର ଜଳସେଚନ ମଣ୍ଡଳ ପକ୍ଷରୁ ଆୟୋଜିତ ଜିଲ୍ଲା ସ୍ତରୀୟ ପାଣି ପଂଚାୟତ ସଚେତନତା ରଥକୁ ଜିଲ୍ଲାପାଳ ଚଂଚଳ ରାଣା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ବିଭିନ୍ନ ଜଳ ସେଚନ ପ୍ରକଳ୍ପରେ ଥିବା ପାଣି ପଂଚାୟତକୁ ସଶକ୍ତିକରଣ ଓ ସଚେତନ କରିବା ଉଦ୍ଦେଶ୍ୟରେ ଏହି ସଚେତନା ରଥ ଜିଲ୍ଲାର ବିଭିନ୍ନ ଅଂଚଳ ପରିକ୍ରମା କରିବ । ଏହି ପକ୍ଷ ପାଳନ ଉପଲକ୍ଷେ ଆଜି ବଲାଙ୍ଗିର ଜଳସେଚନ ବିଭାଜନ ଆନୁକୂଲ୍ୟରେ ଲାଲଟିକ୍ରା ସ୍ଥିତ ଜଳସେଚନ ବିଭାଜନ କାର୍ଯ୍ୟାଳୟ ପରିସରରେ ଏକ ସଚେତନତା ସଭାର ଆୟୋଜନ କରାଯାଇଥିଲା । ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ଏହି ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାଣି ପଂଚାୟତର ସଦସ୍ୟ ମାନେ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ ହୋଇ ଜଳ ସଂରକ୍ଷଣ ଓ ଉପଯୁକ୍ତ ପରିଚାଳନା ଦିଗରେ ଏକତାବଦ୍ଧ ଭାବେ କାର୍ଯ୍ୟ କରିବାକୁ ଉପସ୍ଥିତ ଚାଷୀ ମାନଙ୍କୁ ପରାମର୍ଶ ଦେଇଥିଲେ । ଜିଲାରେ ଜଳ ସଂରକ୍ଷଣ ନିମନ୍ତେ ଆବଶ୍ୟକତା ଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ସୂଚନା ଦେବା ସହ ନଦୀ ନାଳ ଗୁଡିକରେ ଚେକ ଡ୍ୟାମ କରି ଜଳ ସଂରକ୍ଷଣ କରିବାକୁ ପରାମର୍ଶ ଦେଇଥିଲେ । ସଭାରେ ଜିଲ୍ଲା ପରିଷଦ ଅଧକ୍ଷ୍ୟା ଦେବକୀ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପାଣି ପଂଚାୟତର ଉପଯୁକ୍ତ କାର୍ଯ୍ୟକାରିତା ନିମନ୍ତେ ସହଯୋଗିତା ଓ ସହଭାଗିତା ଉପରେ ଗୁରୁତ୍ୱାରୋପ କରିବା ସହ ପାଣି ପଂଚାୟତ ମାଧ୍ୟମରେ ଚାଷୀ ମାନେ ଯେପରି ଉପକୃତ ହୋଇପାରିବେ ସେଥିପ୍ରତି ବିଭାଗୀୟ ଅଧିକାରୀ ମାନେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ । ଜିଲ୍ଲା ପରିଷଦ ସଭ୍ୟା ବୀଣାପାଣି ଦାସ ଓ ସବିତା ସେଠ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପାଣି ପଂଚାୟତର ସଠିକ କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରିଥିଲେ । ଜଳସେଚନ ବିଭାଗର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ସଂଜୀବ କୁମାର ତ୍ରିପାଠୀ ପାଣି ପଂଚାୟତର ଗଠନ, ଦାୟିତ୍ୱ, କର୍ତବ୍ୟ ଓ ଅଧିକାର ସମ୍ପର୍କରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ । ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ମହିତୋଷ ଦାସ ଚାଷୀ ମାନଙ୍କ ଉନ୍ନତି ନିମନ୍ତେ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ସଭା ପ୍ରାରମ୍ଭରେ ପାଣି ପଂଚାୟତ ପକ୍ଷ ପାଳନ ଉପଲକ୍ଷେ ମୁଖ୍ୟମନ୍ତ୍ରୀ ଦେଇଥିବା ବାର୍ତାକୁ ଜଳସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ସୁରେନ୍ଦ୍ର କୁମାର ଭୋଇ ପଠନ କରିଥିଲେ । ପରେ ସେଠାରେ ପାଣି ପଂଚାୟତ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପାଣି ପଂଚାୟତ ପକ୍ଷ ପାଳନ ଉପଲକ୍ଷେ ପୂର୍ବରୁ ଅନୁଷ୍ଠିତ ସାଧାରଣ ଜ୍ଞାନ, ଚିତ୍ରାଙ୍କନ, ପ୍ରବନ୍ଧ ଲିଖନ ଓ ବକ୍ତୃତା ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ମୁଖ୍ୟ ଅତିଥି ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ । ଜଳସେଚନ ବିଭାଜନ କାର୍ଯ୍ୟାଳୟ ପରିସରରେ କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ, କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ଆୟୋଜିତ ପ୍ରଦର୍ଶନୀକୁ ମୁଖ୍ୟ ଅତିଥି ଶ୍ରୀ ମିଶ୍ର ଉଦଘାଟନ କରି ପ୍ରଦର୍ଶନୀ ମଣ୍ଡପ ବୁଲି ଦେଖିଥିଲେ । ସଭା ଶେଷରେ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଶ୍ରୀ ତ୍ରିପାଠୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାୟଗଡ଼ା : ଅନ୍ଧାରରେ ରହିଲେ ମହାପ୍ରଭୁ

ରାୟଗଡ଼ା : ରାୟଗଡ଼ା ଶ୍ରଦ୍ଧା ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଛି ଟାଟା ପାୱାର୍ । ମଙ୍ଗଳବାର ଅପରାହ୍ନ ଠାରୁ ମନ୍ଦିରକୁ ବିଦ୍ୟୁତ୍ ସଂଯୋଗ ବନ୍ଦ ହେବା ପରେ ଅନ୍ଧାରରେ ରାତି କାଟିଛନ୍ତି ମହାପ୍ରଭୁ । ଗତକାଲି ରାତିରେ ମନ୍ଦିର ପରିସର ଅନ୍ଧାର ହୋଇଥିବା ବେଳେ ଆଜି ଭୋରରେ ବଡ଼ ଏକାଦଶୀ ନୀତି ପରିଚାଳନା ସମୟରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ ସେବାୟତ । ସକାଳେ ଏହି ଖବର ଭକ୍ତ ମହଲରେ ପହଞ୍ଚିବା ପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ବିଭିନ୍ନ ମହଲରୁ ସମାଲୋଚନା ପରେ ତରବରିଆ ଭାବେ ବୁଧବାର ପୂର୍ବାହ୍ନରେ ଟାଟା ପାୱାର୍ ପକ୍ଷରୁ ନୂତନ ମିଟର ସ୍ଥାପନ କରି ସଂଧାରେ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ କରାଯାଇଛି । ଜଗନ୍ନାଥ ମନ୍ଦିର ପରିସରକୁ ଦୁଇଟି ବିଦ୍ୟୁତ୍ ସଂଯୋଗ ଯାଇଛି । ଗୋଟିଏ ଜଗନ୍ନାଥ ମନ୍ଦିର ଏବଂ ଅନ୍ୟଟି ଲକ୍ଷ୍ମୀ ମନ୍ଦିରକୁ ଯାଇଛି । ଲକ୍ଷ୍ମୀ ମନ୍ଦିରର ବିଦ୍ୟୁତ୍ ମିଟର ଠିକ୍ ଭାବେ କାମ କରୁଥିବା ବେଳେ ଜଗନ୍ନାଥ ମନ୍ଦିରରେ ଆରମ୍ଭରୁ କୌଣସି ମିଟର୍ ନଥିଲା । ବହୁ ବର୍ଷ ଧରି ଏପରି ଚାଲିଥିବା ବେଳେ ସାଉଥକୋ ଏ ନେଇ କୌଣସି ପଦକ୍ଷେପ ନେଇନଥିଲା । ଏପରିକି ଟାଟା ପାୱାର୍ ବିଦ୍ୟୁତ୍ ବଣ୍ଟନ ଦାୟିତ୍ୱ ନେବାକୁ ଇତି ମଧ୍ୟରେ ଏକ ବର୍ଷ ବିତିବାକୁ ଯାଉଥିଲେ ମଧ୍ୟ ମନ୍ଦିରରେ ମିଟର ନଥିବା ନେଇ କୌଣସି ନୋଟିସ୍ ଦେବୋତ୍ତର ବିଭାଗ କିମ୍ବା ମନ୍ଦିର ପରିଚାଳନା କମିଟିକୁ ଦେଇନଥିଲା । ଯାହା ଫଳରେ ମନ୍ଦିର କର୍ତ୍ତୃପକ୍ଷ ମଧ୍ୟ ଏ ନେଇ ଚିନ୍ତିତ ନଥିଲେ ।

ଗତକାଲି ଟାଟା ପାୱାର୍ କର୍ତ୍ତୃପକ୍ଷ ହଠାତ୍ ମନ୍ଦିରରେ ପହଞ୍ଚି ବିଦ୍ୟୁତ୍ ସଂଯୋଗକୁ ବିଚ୍ଛିନ୍ନ କରି ଦେଇଥିଲେ । ମନ୍ଦିର ପରିସରରେ ଥିବା ଇନଭର୍ଟର ମାତ୍ର ୧୫ ମିନିଟ୍ କାମ କରିବା ପରେ ବନ୍ଦ ହୋଇଯିବା ଯୋଗୁ ମହାପ୍ରଭୁଙ୍କ ସନ୍ଧ୍ୟା ନୀତି ସମେତ ରାତି ପହୁଡ଼ ଅନ୍ଧାରରେ ସଂପନ୍ନ ହୋଇଥିଲା । ଆଜି ସକାଳେ ବଡ଼ ଏକାଦଶୀ ପାଇଁ ସେବାୟତ ମନ୍ଦିର ଖୋଲିଥିଲେ । କିନ୍ତୁ ବିଦ୍ୟୁତ୍ ନଥିବାରୁ ଅନ୍ଧାରରେ ହିଁ ମହାପ୍ରଭୁଙ୍କ ନୀତିକାନ୍ତି ହୋଇଥିଲା । ଭୋରରେ ଶହ ଶହ ଭକ୍ତ ମନ୍ଦିର ପରିସରରେ ପୂଜାର୍ଚ୍ଚନା ପାଇଁ ପହଞ୍ଚିଥିବା ବେଳେ ବିଦ୍ୟୁତ୍ ବିଚ୍ଛିନ୍ନକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ । ଭକ୍ତ ମହଲରେ ଅସନ୍ତୋଷ ପରେ ପୂର୍ବାହ୍ନରେ ଟାଟା ପାୱାର୍ କର୍ତ୍ତୃପକ୍ଷ ମନ୍ଦିରରେ ପହଞ୍ଚି ଜଗନ୍ନାଥ ମନ୍ଦିରରେ ନୂତନ ମିଟର ଲଗାଇ ବିଦ୍ୟୁତ୍ ସଂଯୋଗ ଦେଇଥିଲେ । ବିନା ସୂଚନାରେ ଜଗନ୍ନାଥ ମନ୍ଦିରରୁ ବିଦ୍ୟୁତ୍ ବିଚ୍ଛିନ୍ନକୁ ଭକ୍ତ ମହଲରେ ନାପସନ୍ଦ କରାଯାଇଛି ।

# ଫୁଲବାଣୀରେ ଆସନ୍ତା ଶନିବାର କନ୍ଧମାଳ ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

କନ୍ଧମାଳ, ୨/୦୨ (ନି.ପ୍ର): କନ୍ଧମାଳ ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୁଲ୍ୟରେ ଜିଲ୍ଲା କୋର୍ଟ ପରିସରରେ ଏବଂ ତାଲୁକ୍ ସ୍ତରୀୟ ବିଚାର ବିଭାଗୀୟ କୋର୍ଟ ପରିସରରେ ଚଳିତ ମାସ ତା ୧୧.୦୨.୨୦୨୩ ରିଖ ଶନିବାର ଦିନ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ ବୋଲି ଅଧକ୍ଷ, ଜିଲ୍ଲା ଆଇନସେବା ପ୍ରାଧିକରଣ, କନ୍ଧମାଳ, ଫୁଲବାଣୀ ସୂଚନା ଦେଇଛନ୍ତି ।

ସୂଚନାରୁ ଜଣାପଡ଼ିଛି ଯେ, ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧିନ ମକଦ୍ଦମା ଫୌଜଦାରି,(ସାଲିସ ଯୋଗ୍ୟ), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର୍ ଦୁର୍ଘଟଣା ଜନିତକ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ୍ , ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟ ଜନିତ ବିବାଦ (ସାଲିସ ବିହୀନ ବିବାଦକୁ ବାଦ୍ ଦେଇ), ବୈବାହିକ ବିବାଦ ( ଛାଡ଼ପତ୍ର ବ୍ୟତୀତ) ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ (ଦରମା, ଭତା ଓ ଅବସରକାଳୀନ ପ୍ରାପ୍ୟ ) ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ଆପୋଷ ସହମତିରେ ସମାଧାନ କରାଯାଇପାରିବ ।

ସୂଚନାରୁ ଆଉ ମଧ୍ୟ ଜଣାପଡ଼ିଛି ଯେ, କେବଳ ବିଚାରାଧିନ ନୁହେଁ, ପ୍ରାକ୍-ମକଦ୍ଦମା ସ୍ତରୀୟ ( କଚେରୀରେ ଦାଏର ହୋଇ ନ ଥିବା) ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ୍ , ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟ ଜନିତ ବିବାଦ (ସାଲିସ ବିହୀନ ବିବାଦକୁ ବାଦ୍ ଦେଇ), ଭରଣ ପୋଷଣ ବିବାଦ, ଅନ୍ୟାନ୍ୟ ସାଲିସଯୋଗ୍ୟ ଫୌଜଦାରି ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇ ପାରିବ । ଲୋକ ଅଦାଲତରେ ମକଦ୍ଦମା/ ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼େ ନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୁଡ଼ାନ୍ତ ଏବଂ ଅମଳଯୋଗ୍ୟ । ଯଦି କୌଣସି ବିଚାରଧିନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପୈଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ । ଦୀର୍ଘଦିନ ଧରି ଚାଲୁ ରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହି ସୁଯୋଗର ସଦୁପଯୋଗ କରିବାକୁ ଜିଲ୍ଲା ଆଇନସେବା ପ୍ରଧିକରଣ, କନ୍ଧମାଳ, ଫୁଲବାଣୀ ତରଫରୁ ଅନୁରୋଧ କରାଯାଇଛି । ସବିଶେଷ ବିବରଣୀ ତଥା ଏହା ଉପରେ ଅଧିକ ଜାଣିବା ପାଇଁ ନିକଟସ୍ଥ ଅଦାଲତରେ କାର୍ଯ୍ୟରତ ଜିଲ୍ଲା ଆଇନସେବା ପ୍ରାଧିକରଣ ବା ତାଲୁକ୍ ଆଇନସେବା କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ କୁହାଯାଇଛି ।

# ପ୍ରସ୍ତାବରେ ରହିଗଲା ବାସଗୃହ ପ୍ରକଳ୍ପ : ଆରଡିଏର ଯୋଜନା ଥିଲା ୨୦ ହଜାର ଘର

ରାଉରକେଲା, ୨/୦୨ (ନି.ପ୍ର): ରାଜ୍ୟର ଦ୍ୱିତୀୟ ସ୍ମାର୍ଟସିଟି ରାଉରକେଲାରେ ବାସଗୃହ ସ୍ୱପ୍ନ । ପେଟପାଟଣା ପାଇଁ ରାଜ୍ୟ ଓ ରାଜ୍ୟ ବାହାରୁ ଆସୁଥିବା ସାଧାରଣ ଲୋକଟିଏ ଘର ଖଣ୍ଡିଏ ପାଇଁ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଛି । ରାଜ୍ୟରେ ପ୍ରମୁଖ ସହରରେ ହାଉସିଂ ପ୍ରୋଜେକ୍ଟ ଜରିଆରେ ଘର ନଥିବା ଲୋକଙ୍କୁ ଘର ନିର୍ମାଣ ପାଇଁ ସରକାରୀ ମୂଲ୍ୟରେ ପ୍ଲଟ ଯୋଗାଇ ଦିଆଯାଉଛି । କିନ୍ତୁ ରାଉରକେଲା ସହରରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ରାଜ୍ୟ ଗୃହ ନିର୍ମାଣ ସଂସ୍ଥା ହେଉ ଅବା ରାଉରକେଲା ଉନ୍ନୟନ ସଂସ୍ଥା (ଆରଡିଏ) ପକ୍ଷରୁ ବର୍ଷ ବର୍ଷ ଧରି ସହରବାସୀଙ୍କୁ ପ୍ଲଟ ଯୋଗାଇ ଦେବାକୁ କେବଳ ସ୍ୱପ୍ନ ଦେଖାଯାଉଛି । ବର୍ଷେ କି ଦୁଇ ବର୍ଷ ନୁହେଁ ଆଜିକୁ ପ୍ରାୟ ୧୫ ବର୍ଷ ଧରି ହାଉସିଂ ପ୍ରକଳ୍ପ କାହାରିକୁ ଖଣ୍ଡିଏ ପ୍ଲଟ ଯୋଗାଇ ଦିଆଯାଇନି । ଉଭୟ ରାଜ୍ୟ ଗୃହ ନିର୍ମାଣ ସଂସ୍ଥା ଓ ଆରଡିଏ କୌଣସି ପଦକ୍ଷେପ ନିଆଯାଉ ନାହିଁ । ବିପିୟୁଟି ପାର୍ଶ୍ୱରେ ପ୍ରାୟ ୧୦୮ ଏକର ଜମି ରାଜସ୍ୱ ବିଭାଗ ଆରଡିଏକୁ ହସ୍ତାନ୍ତର କରିବା କଥା । ଏହି ଜାଗାରେ ଆରଡିଏ ପ୍ରାୟ ୨୦ ହଜାରରୁ ଅଧିକ ନିର୍ମାଣ କରିବାକୁ ଘୋଷଣା କରିଥିା । ତାହା ଏବେ କେବଳ ଘୋଷଣାରେ ରହିଯାଇଛି । ସବୁଠୁ ଆଶ୍ଚର୍ଯ୍ୟ କଥା ଯେଉଁ ୧୦୮ ଏକର ଜାଗା ଆରଡିଏକୁ ମିଳିବାର ଥିଲା ସେଥିରୁ ପ୍ରାୟ ୪୦ ଏକରୁ ଅଧିକ ଜାଗାରେ ବସ୍ତି ଗଢ଼ି ଉଠିଛି । କିନ୍ତୁ ଆଜି ପର୍ଯ୍ୟନ୍ତ ଆରଡିଏକୁ ଜମି ହସ୍ତାନ୍ତର କରାଯାଇ ନାହିଁ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି । ଅପରପକ୍ଷେ ସେହି ଜାଗାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ ଚାଲିଛି । ନିର୍ମାଣକାରୀ ସଂସ୍ଥାକୁ ଆପାର୍ଟମେଣ୍ଟ ନିର୍ମାଣ କରିବାକୁ କିଛି ଜାଗା ମଧ୍ୟ ଯୋଗାଇ ଦିଆଯାଇଛି । ଗୋଟିଏ ସାଧାରଣ ଲୋକଙ୍କୁ ଘର ଖଣ୍ଡିଏ ନିର୍ମାଣ କରିବାକୁ ପ୍ଲଟଟିଏ ମିଳୁ ନଥିବାବେଳେ ବଡ ବଡିଆଙ୍କୁ ଶାଗମାଛ ଦରରେ ପ୍ଲଟଗୁଡ଼ିକୁ ଟେକି ଦିଆଯାଉଛି । ସେପଟେ ୧୯୮୦ରୁ ୮୫ ମଧ୍ୟରେ ଆରଡିଏ ଓ ହାଉସଂ ବୋର୍ଡ ଠାରୁ ହାତେଇଥିବା ଶତାଧିକ ଖାଲି ପ୍ଲଟ, ଅର୍ଦ୍ଧନିର୍ମିତ ଘରକୁ ବେପାର ନାଁରେ ବର୍ଷ ବର୍ଷ ଧରି ପକାଇ ରଖାଯାଇଛି । କେବଳ ଏତିକି ନୁହେଁ, ଆରଏମ୍‌ସି, ଆରଡିଏ, ହାଉସିଂ ବୋର୍ଡ ଓ ସ୍ଥାନୀୟ ତହସିଲଦାର କାର୍ଯ୍ୟାଳୟର ବିଭାଗୀୟ ଅଧିକାରୀଙ୍କ ସହ ଭିତିରି ସଲାସୁତୁରା କରି ସହରରେ ଘର ନାହିଁ ବୋଲି ଏକାଧିକ ଜାଲ୍ ଏନ୍‌ଓସି ହାତେଇ ନେଉଛନ୍ତି । ସେହି ଏନ୍‌ଓସି ଜରିଆରେ ଜଣେ ଜଣେ ବ୍ୟବସାୟୀ, ଶିଳ୍ପପତି, ନର୍ସିଂ ହୋମ୍ ସହ କିଛି କଥାକଥିତ ଜମି ମାଫିଆ ହାଉସିଂ ବୋର୍ଡ, ଆରଡିଏରୁ ବାସନ୍ତୀ କଲୋନି, ଛେଣ୍ଡ କଲୋନି, କଳିଙ୍ଗ ବିହାରରେ ଏକାଧିକ ପ୍ଲଟ ହାତେଇଛନ୍ତି । ଆଉ କିଛି ନିଜ ସମ୍ପର୍କୀୟଙ୍କ ନାଁରେ ମଧ୍ୟ ନେଇଛନ୍ତି । ବର୍ଷ ବର୍ଷ ଧରି ପଡିଥିବା ପ୍ଲଟରେ ଘର ନିର୍ମାଣ କରି ଅନ୍ୟମାନଙ୍କୁ ୬୦ ଲକ୍ଷରୁ ୧ କୋଟିରୁ ଅଧିକ ଟଙ୍କାରେ ବିକ୍ରି କରି ଦେଉଛନ୍ତି । ଯେଉଁମାନେ ପ୍ଲଟଗୁଡ଼ିକୁ ବିକୁଛନ୍ତି ସେମାନଙ୍କୁ ଆରଡିଏ ବିନା ଯାଞ୍ଚରେ ଅନୁମତି ଦେଇଦେଉଥିବା ଅଭିଯୋଗ ହେଉଛି । କେବଳ ଏତିକି ନୁହେଁ ପ୍ଲଟ ଯେତିକି ଟଙ୍କାରେ ବିକ୍ରି କରୁଛନ୍ତି, ଓନରସିପ୍ ଟ୍ରାନ୍ସଫର ସମୟରେ ଅଧା ମୂଲ୍ୟ ଦର୍ଶାଉଛନ୍ତି । ଏହି କାରବାର ବିଧିବଦ୍ଧ ତଦନ୍ତ କରାଗଲେ ଏକାଧିକ ପ୍ଲଟ ହାତେଇଥିବା ବ୍ୟବସାୟୀ, ଶିଳ୍ପପତି, ଜମି ମାଫିଆଙ୍କ ସମେତ ଆରଡିଏ କିଛି ଅଧିକାରୀ କାରନାମା ପଦାକୁ ଆସିପାରନ୍ତା । ଜିଲ୍ଲା ପ୍ରଶାସନ ଏଭଳି ବେଆଇନ କାମ କରୁଥିବା ଲୋକ ଓ ବିଭାଗୀୟ କର୍ମଚାରୀଙ୍କ ବିରୋଧରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସହରବାସୀଙ୍କ ପକ୍ଷରୁ ଦାବି ହେଉଛି ।

# କେରେଡି ଉଚ୍ଚ ପ୍ରଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ

କନ୍ଧମାଳ, ୨/୦୨ (ନି.ପ୍ର): କନ୍ଧମାଳ ଜିଲ୍ଲା ଫୁଲବାଣୀ ବ୍ଲକ୍ ଅନ୍ତର୍ଗତ କେରେଡି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳରେ ବାର୍ଷିକ ଉତ୍ସବ ଅତି ଆନନ୍ଦ ଉଲ୍ଲାସରେ ପାଳିତ ହୋଇଯାଇଛି । ଶନିବାର ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ଯୋଗ ଦେଇ ଅନୁଷ୍ଠାନିକ ଭାବରେ କାର୍ଯ୍ୟକ୍ରମର ଉଦଘାଟନ କରି ତାଙ୍କ ଅଭିଭାଷଣରେ ଶିକ୍ଷା ସମ୍ପର୍କିତ ଅଭିଜ୍ଞତାକୁ ଯୋଗ ଦେଇଥିବା ଶିକ୍ଷକ ଓ ଛାତ୍ରଛାତ୍ରୀ ମାନଙ୍କୁ ନିଜ ବକ୍ତବ୍ୟରେ କହିଥିଲେ । ଏହା ସହିତ ପିଲା ମାନଙ୍କୁ ଶିକ୍ଷା ଦିଗରେ ସେମାନଙ୍କର ପରିଶ୍ରମ ହିଁ ଜୀବନରେ ସଫଳତା ଆଣି ଦେବ ଏବଂ ଜୀବନରେ ପ୍ରତ୍ୟେକ କାର୍ଯ୍ୟରେ ଶିକ୍ଷାର ନିହାତି ଆବଶ୍ୟକତା ରହିଛି ବୋଲି କହିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଥମେ ବାର୍ଷିକ ବିବରଣୀ ପାଠ କରାଯାଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ବକ୍ତା ଭାବରେ ଅଧାପିକା ଜ୍ୟୋତିର୍ମୟୀ କହଁର ପିଲାମାନଙ୍କୁ ପାଠପଢା ବେଳେ ସେମାନଙ୍କର ଦାୟିତ୍ୱବାବଦରେ ସଚେତନ ରହିବା ଦିଗରେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଅଭିଭାବକ ମାନଙ୍କ ସମେତ ଶିକ୍ଷକ ପ୍ରତାପ କୁମାର ପଣ୍ଡା, ମିତାଞ୍ଜଳି ପ୍ରଧାନ, ଅରିନ୍ଧତି ଦିଗାଲ, କୃପାନିଧି ପ୍ରଧାନ, ସୂନିତି ଆଚାରୀ, ଶିବପ୍ରସାଦ ଦାସ, ବିସ୍ମିତା ପ୍ରଧାନ, କାଂଚନବାଳା ଦେବୀ ଓ ଅନ୍ୟମାନେ ସହାୟତା କରିଥିଲେ । କାର୍ଯ୍ୟକ୍ରମରେ ଗ୍ରାମବାସୀ ଏବଂ ସ୍ୱୟଂସହାୟୀକା ଗୋଷ୍ଠୀର ମହିଳା ମାନେ ଯୋଗ ଦେଇଥିଲେ ।

# ନୂତନ ତହସିଲଦାରଙ୍କ କାର୍ଯ୍ୟରେ ଯୋଗଦାନ

ଗଞ୍ଜାମ, ୨/୦୨ (ନି.ପ୍ର): ଗଞ୍ଜାମ ଜିଲା ଶେରଗଡ଼ ବ୍ଲକର ନୂତନ ତହସିଲଦାର ଭାବେ ତ୍ରିଦେବ ରଥ ଆଜି ଅପରାହ୍ନରେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଡକ୍ଟର ଦୟାସିନ୍ଧୁ ପରିଡା ଦୀର୍ଘ ସାଢେ ଚାରିବର୍ଷ ଧରି ତହସିଲଦାର ରୂପେ କାର୍ଯ୍ୟ କରି ଛତ୍ରପୁରକୁ ଡେପୁଟି କଲେକ୍ଟର ରୂପେ ପଦୋନ୍ନତି ପାଇ ବଦଳି ହୋଇ ଚାଲିଯାଇଛନ୍ତି ।ଏହି ଅବସରରେ ଶେରଗଡ ମିଡିଆ ହାଉସର ଉପଦେଷ୍ଟା ଡାକ୍ତର ହୃଷୀକେଶ ମହାନ୍ତି, ନୂତନ ତହସିଲଦାର ଶ୍ରୀ ରଥଙ୍କୁ ସ୍ୱାଗତ ଜଣାଇବା ସହ ବିଦାୟୀ ତହସିଲଦାରଙ୍କୁ ମଧ୍ୟ ପଦୋନ୍ନତି ପାଇଁ ଅଭିନନ୍ଦନ ଜ୍ଞାପନ କରିଛନ୍ତି ।

# ବାକି ଟଙ୍କା ମାଗିବାରୁ ଥାନାରେ ଏତଲା ଦେଇ ମୋ ପୁଅକୁ ମିଥ୍ୟା କେସରେ ଫସାଇଲେ

କନ୍ଧମାଳ, ୨/୦୨ (ନି.ପ୍ର): କନ୍ଧମାଳ ଜିଲ୍ଲାର ଜିଲ୍ଲା ପ୍ରେସ୍ କ୍ଲବ ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ କେରେଡିର ବନିତା ଦିଗାଲ ବାକି ଟଙ୍କା ମାଗିବାରୁ ଥାନାରେ ଏତଲା ଦେଇ ମୋ ପୁଅକୁ ମିଥ୍ୟା କେସରେ ଫସାଇଛନ୍ତି ବୋଲି ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି ।

ବନିତାଙ୍କ କହିବା ଅନୁଯାୟୀ, ଆଜକୁ ଦୁଇ ବର୍ଷ ତଳେ ଧାର ଆକାରରେ ୩୦,୦୦୦/- ନେଇଥିଲେ ବଳରାମ ଦିଗାଲ । ତାଙ୍କର ଅସୁବିଧାର କାରଣ ଦର୍ଶାଇ ଠକୁଥିଲେ ଏବଂ ଧରାଛୁଆଁ ଦେଉ ନଥିଲେ । ଗତ ଜାନୁଆରୀ ୨୨ ତାରିଖ ସନ୍ଧ୍ୟାରେ ମୋର ପୁଅ ସୌମ୍ୟରଞ୍ଜନ ଦିଗାଲ ଏବଂ ପୁତୁରା ପ୍ରବିଣ ଦିଗାଲ ବଳରାମ ଦିଗାଲ ଘରକୁ ଯାଇ ଧାର ନେଇଥିବା ଟଙ୍କା ମାଗିବାରୁ ବଳରାମଙ୍କ ସ୍ତ୍ରୀ ଘରୁ ବାହାରି ଆସି ମୋ ସ୍ୱାମୀଙ୍କୁ କାହିଁକି ଡାକୁଛ ବୋଲି କହିଥିଲେ । ବଳରାମ ଘରୁ ବାହାରି ଆସି ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ । ମୋ ପୁଅ ଆଉ ପୁତୁରା ଭାଇ ବାକି ଟଙ୍କାଟା ଫେରସ୍ତ କରୁ ନାହାନ୍ତି କାହିଁକି ? କହିବାରୁ ବଳରାମ ଘର ଭିତରକୁ ଯାଇ ଲୁହା ରଡ଼ ଧରି ଆସି ମାରିବାକୁ ଚେଷ୍ଟା କରିବାରୁ ଆମେ ଜୀବନ ବିକଳରେ ସେଠାରୁ ପଳାଇ ଆସିଲୁ । ଆସିବା ସମୟରେ ଆମକୁ ନମାରି ପାରିବାରୁ ମୋ ପୁଅ ଓ ପୁତୁରା ନାମରେ ତା ସ୍ତ୍ରୀକୁ ଦୁଷ୍କର୍ମ କରିଥିବା କେସ ଦେଇ ଫସେଇବି ବୋଲି କହିଥିଲା ତେଣୁ ସେ ମିଛରେ ଥାନାରେ ଏତଲା ଦେଇଛି ବୋଲି କହିଛନ୍ତି । ଏଥି ସହିତ ଆଗରୁ ମଧ୍ୟ ବଳରାମଙ୍କ ନାମରେ ବିଗତ ଦିନରେ ଦୁଷ୍କର୍ମ ଅଭିଯୋଗରେ ଜେଲ ଯାଇଥିବା କଥା ମଧ୍ୟ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି । ହେଲେ ଆଗକୁ ପୋଲିସ ଏହାର ତଦନ୍ତ କରି କି ପଦକ୍ଷେପ ଗ୍ରହଣ କରିବ ତାହା ସମୟ କହିବ ।

# ପାଣି ପଂଚାୟତ ସଚେତନତା ରଥ ଉଦ୍‌ଘାଟିତ

ପୁରୀ, ୨/୦୨ (ନି.ପ୍ର): ଜଳର ସଠିକ ପରିଚାଳନା ଓ ସୁ ବିନିଯୋଗ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପାଣି ପଂଚାୟତ ପକ୍ଷ ପାଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ ଏକ ସଚେତନତା ରଥକୁ ଆଜି ଜିଲ୍ଲାପାଳ ସମର୍ଥ ବର୍ମା ପତାକା ଦେଖାଇ ଉଦଘାଟନ କରିଛନ୍ତି । ଏହି ରଥ ଚଳିତ ମାସ ୧୫ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ପାଣି ପଂଚାୟତ ବୁଲି ସଦସ୍ୟ ଓ ସମସ୍ତ କୃଷକ ମାନଙ୍କୁ ପାଣିର ଉପଯୋଗ ସମ୍ପର୍କରେ ସଚେତନତାର ବାର୍ତା ଦେବ । ପାଣି ପଂଚାୟତ ପକ୍ଷ ପାଳନ ଅବସରରେ ଜଳସମ୍ପଦ ବିଭାଗ ପକ୍ଷରୁ ଏହାର ଆୟୋଜନ କରାଯାଇଛି । ସହଭାଗି ଜଳସେଚନ ମାଧ୍ୟମରେ ତୃଣମୂଳ ସ୍ତରରେ ଜଳର ଉପଲବ୍ଧତାରେ ଗୁଣାତ୍ମକ ମାନ ବୃଦ୍ଧି ପରିପ୍ରେକ୍ଷୀରେ ପାଣି ପଂଚାୟତ ପକ୍ଷ ପାଳନ କରାଯାଇଥାଏ ବୋଲି ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ରତ୍ନାକର ଦଳାଇ ସୂଚନା ଦେଇଥିଲେ ।

# ଅଲବଗା ପ୍ରାଥମିକ ବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜିତ

ବାସୁଦେବପୁର/ଭଦ୍ରକ , ୨/୦୨ (ନି.ପ୍ର): ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକ୍ ଅନ୍ତର୍ଗତ ଅଲବଗା ସ୍ଥିତି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ମନ୍ମଥ କୁମାର ଅଗସ୍ତି ଉଦ୍ଦେଶ୍ୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଯାଇଛି । ଉକ୍ତ ସଭାର ସଭାପତିତ୍ୱ କରିଥିଲେ ବରିଷ୍ଠ ଶିକ୍ଷାବିତ୍ ଶ୍ରୀଯୁକ୍ତ କମଳାକାନ୍ତ ପାଢ଼ୀ । ଲୁଙ୍ଗା ହାଇସ୍କୁଲର ଶିକ୍ଷକ ଗୟାଧର ଦାସ ମୁଖ୍ୟ ବକ୍ତା ଭାବରେ, କୃଷ୍ଣଚନ୍ଦ୍ର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ନାୟକ ମୁଖ୍ୟ ଅତିଥି ଭାବରେ ଓ ମିଶ୍ରପୁର କଷ୍ଟରର ସିଆରସିସି ମାନସ କୁମାର ଜେନା ସମ୍ମାନୀତ ଅତିଥି ଭାବରେ ଯୋଗଦେଇଥିଲେ । ଏହି ବିଦ୍ୟାଳୟର ଶିକ୍ଷକଗଣ ଶେଖ୍ ଅବଦୁଲ୍ ସଲାମ, ଶ୍ରୀମତୀ ଦେଇ, ସବିତାରାଣୀ ପତି ଉକ୍ତ ସଭାର ଆୟୋଜନ କରିଥଲେ ଏବଂ ଅନ୍ୟତମ ଅତିଥି ଭାବରେ ଧନୁର୍ଜୟ ସ୍ୱାଇଁ, ସୁନିଲ କୁମାର ପରିଡ଼ା, ରବିନ୍ଦ୍ର କୁମାର ରାଉଳ, ବିଜୟ କୁମାର ନାୟକ, ନାଗେଶ କୁମାର ମହାପାତ୍ର, ଅବନ୍ତୀଲତା ପାଢ଼ୀ, ରଞ୍ଜୁଲତା ବାରିକ, ରଶ୍ମିତା ଅଗସ୍ତି, ସଞ୍ଜୟ କୁମାର ପାଣିଗ୍ରାହୀ ଆଦି ଯୋଗ ଦେଇଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମେତ ମନିଷ ଅଗସ୍ତି ଓ ସଂଗ୍ରାମ କେଶରୀ ସେନାପତି ଆଦି ଏହି ସଭାରେ ଯୋଗଦେଇଥିଲେ ।

# ବଲାଙ୍ଗୀର ଜିଲ୍ଲାସ୍ତରୀୟ କୃଷି ଓ କୃଷି ଯନ୍ତ୍ରପାତି ମେଳା ଉପଲକ୍ଷେ ପ୍ରଚାର ରଥର ଶୁଭାରମ୍ଭ

ବଲାଙ୍ଗୀର, ୨/୦୨ (ନି.ପ୍ର): ଫେବୃଆରୀ ୩ ତାରିଖରୁ ୬ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ କୋଶଳ କଳା ମଣ୍ଡଳ ପଡିଆରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ କୃଷି ଓ କୃଷି ଯନ୍ତ୍ରପାତି ମେଳା ଉପଲକ୍ଷେ ପ୍ରଚାର ରଥ କୁ ଆଜି କୋଶଳ କଳାମଣ୍ଡଳ ପଡିଆରୁ ଜିଲ୍ଲାପାଳ ଚଂଚଳ ରାଣା ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ତିନିଦିନ ଧରି ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମ ରେ ପ୍ରଥମ ଦିନ ଶୋଭାଯାତ୍ରା ଓ ଉଦଘାଟନ ହେବା ସହିତ ବିଭିନ୍ନ ଅନୁଷ୍ଠାନ କୃଷି ଜନ୍ତ୍ରପାତି ପ୍ରଦର୍ଶନୀ ଉଦଘାଟନ ହେବ ।

# ଏନ୍‌ଜିଟିରେ ବର୍ଜ୍ୟବସ୍ତୁ ପରିଚାଳନା ପ୍ରସଙ୍ଗ : ୧୧୩୮ କୋଟି ଟଙ୍କାର କ୍ଷତିପୂରଣ ଦେବାରୁ ବର୍ତ୍ତିଲେ ରାଜ୍ୟ ସରକାର

କଟକ , ୨/୦୨ (ନି.ପ୍ର): ବର୍ଜ୍ୟବସ୍ତୁ ପରିଚାଳନା ନିୟମ ପାଳନରେ ଅବହେଳା ପାଇଁ ଓଡ଼ିଶା ସରକାର ୧୧୩୮ କୋଟି ଟଙ୍କା କ୍ଷତିପୂରଣ ଦେବାରୁ ଅଳ୍ପକେ ବର୍ତ୍ତିଛନ୍ତି ।

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ବିଭିନ୍ନ ରାଜ୍ୟର କଠିନ ଓ ତରଳ ବର୍ଜ୍ୟବସ୍ତୁ ପରିଚାଳନା ପ୍ରସଙ୍ଗ ଜାତୀୟ ଗ୍ରିନ ଟ୍ରିବୁନାଲ (ଏନ୍‌ଜିଟି) ତଦାରଖ କରୁଛନ୍ତି । ଓଡ଼ିଶା ପ୍ରସଙ୍ଗରେ ଏନ୍ ?ଜିଟିରେ ଶୁଣାଣି ସମୟରେ ସ୍ପଷ୍ଟ ହୋଇଥିଲା ଯେ ରାଜ୍ୟରେ ପ୍ରତିଦିନ ୨୨୫୭ ଟନ୍ (ଟିପିଡି ବା ଟନ୍ ପର୍ ଡେ’)) ବର୍ଜ୍ୟ ସୃଷ୍ଟି ହେଉଛି । ଏଥିମଧ୍ୟରେ ଓଦା ବର୍ଜ୍ୟ ୧୧୫୮ ଟିପିଡି ଓ ଶୁଖିଲା ବର୍ଜ୍ୟ ୧୦୯୯ ଟିପିଡି ରହିଛି । ଏହିସବୁ ବର୍ଜ୍ୟବସ୍ତୁ ନିୟମ ଅନୁସାରେ ପ୍ରକ୍ରିୟାକରଣ/ପରିଚାଳନା କରାଯାଉଛି ।

ଅନ୍ୟପକ୍ଷରେ, ରାଜ୍ୟରେ ୩୭.୪୬ ମେଟ୍ରିକ୍ ଟନ୍ ପୁରୁଣା ବର୍ଜ୍ୟ (ଲିଗାସି ୱେଷ୍ଟ) ପଡ଼ିରହିଛି । ଏଥିସହିତ ରାଜ୍ୟରେ ବହୁ ପରିମାଣର ସିୱେଜ (ବର୍ଜ୍ୟ ଜଳ) ଟ୍ରିଟ୍ ?ମେଣ୍ଟ (ବିଶୋଧନ) ନକରି ସିଧାସଳଖ ନଦୀ/ନାଳ/ଜଳାଶୟକୁ ଛଡ଼ାଯାଉଥିବା ଶୁଣାଣିରେ ସ୍ପଷ୍ଟ ହୋଇଥିଲା । ରାଜ୍ୟରେ ପ୍ରତିଦିନ ୬୪୨.୩୭୩ ନିୟୁତ ଲିଟର (ଏମଏଲଡି ବା ମିଲିୟନ ଲିଟର ପର୍ ଡେ’) ବର୍ଜ୍ୟଜଳ ସୃଷ୍ଟି ହେଉଛି । ଅନ୍ୟପକ୍ଷରେ, ରାଜ୍ୟରେ ୧୨୮ ଏମଏଲଡି ବର୍ଜ୍ୟଜଳ ଟ୍ରିଟମେଣ୍ଟ ବା ବିଶୋଧନ ପାଇଁ ବ୍ୟବସ୍ଥା ରହିଛି । ତେଣୁ ସୃଷ୍ଟି ହେଉଥିବା ବର୍ଜ୍ୟଜଳ ଓ ଟ୍ରିଟମେଣ୍ଟ ହେଉଥିବା ବର୍ଜ୍ୟଜଳ ପରିମାଣ ମଧ୍ୟରେ ୫୧୪ ଏମ୍‌ଏଲ୍‌ଡିର ବ୍ୟବଧାନ ରହିଥିବା ଜଣାପଡ଼ିଥିଲା ।

ପୂର୍ବରୁ ଏନଜିଟି ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗ ପ୍ରସଂଗରେ ଶୁଣାଣି କରି ପ୍ରତି ଏମଏଲଡି ପାଇଁ ୨ କୋଟି ଟଙ୍କା କ୍ଷତିପୂରଣ ଧାର୍ଯ୍ୟ କରିଥିଲେ । ଏଥିସହିତ ପୁରୁଣା ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କରାଯାଇ ନଥିବାରୁ ପ୍ରତି ମେଟ୍ରିକ ଟନ୍ ପାଇଁ ୩୦୦ ଟଙ୍କା କ୍ଷତିପୂରଣ ଦେବାକୁ ଏନଜିଟି ନିର୍ଦ୍ଦେଶ ଦେଇଥିଲେ । ପଶ୍ଚିମବଙ୍ଗ ସରକାରଙ୍କୁ କଠିନ ଓ ତରଳ ବର୍ଜ୍ୟବସ୍ତୁ ପରିଚାଳନାରେ ଅବହେଳା ପାଇଁ ମୋଟ ୩ହଜାର ୫ଶହ କୋଟି ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ବର୍ଜ୍ୟଜଳ ସୃଷ୍ଟି ଓ ବିଶୋଧନ ପରିମାଣ ମଧ୍ୟରେ ୫୧୪ ଏମଏଲଡିର ବ୍ୟବଧାନ ଓ ୩୭ ଲକ୍ଷ ମେଟ୍ରିକ ଟନର ପୁରୁଣା ବର୍ଜ୍ୟବସ୍ତୁ ପ୍ରସଂଗକୁ ଓଡ଼ିଶାର ମୁଖ୍ୟ ଶାସନ ସଚିବ ସ୍ୱୀକାର କରିଥିବା ବେଳେ ରାଜ୍ୟ ସରକାର ୧୧୩୮ କୋଟି ଟଙ୍କା କ୍ଷତିପୂରଣ ଦେବା କଥା ବୋଲି ଏନ୍‌ଜିଟି କହିଛନ୍ତି । ତେବେ, ଯଦି ରାଜ୍ୟ ସରକାର ଆବଶ୍ୟକ କ୍ଷମତା ସଂପନ୍ନ ବର୍ଜ୍ୟ ଜଳ ବିଶୋଧନାଗାର ବା ଟ୍ରିଟମେଣ୍ଟ ପ୍ଲାଣ୍ଟ ନ କରନ୍ତି, ତେବେ ଭବିଷ୍ୟତରେ ଏନ୍ ?ଜିଟି କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେବାର ସମ୍ଭାବନା ରହିଛି । ବର୍ଜ୍ୟବସ୍ତୁ ପରିଚାଳନା ପ୍ରସଂଗରେ ହେଉଥିବା ଅଗ୍ରଗତି ନେଇ ପ୍ରତି ୬ ମାସରେ ମୁଖ୍ୟ ସଚିବ ରିପୋର୍ଟ ଦାଖଲ କରିବେ ବୋଲି ଏନ୍‌ଜିଟି ନିର୍ଦ୍ଦେଶ ଦେଇଛନ୍ତି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଚଳିତ ବର୍ଷର ବଜେଟ୍...

ଅର୍ଥମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତାରମଣ ୨୦୧୩-୨୪ ଆର୍ଥିକ ବର୍ଷ ପାଇଁ ସଂସଦରେ ସାଧାରଣ ବଜେଟ୍ ଉପସ୍ଥାପନ କରିଛନ୍ତି । ଏହି ବଜେଟରେ ସମାଜର ସବୁ ବର୍ଗର ନାଗରିକମାନଙ୍କୁ ଖୁସି କରିବା ପାଇଁ ବ୍ୟବସ୍ଥା ଥିବା ପ୍ରତୀୟମାନ ହୁଏ । ବଜେଟ୍ ଦେଶର ଗରିବ, ଆକାଂକ୍ଷୀ ଏବଂ ମଧ୍ୟମ ବର୍ଗର ଲୋକମାନଙ୍କ ଆଶା ଆକାଂକ୍ଷା ପୂରଣ କରିବାକୁ ସକ୍ଷମ ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୃଢ଼ ଆଶା ପୋଷଣ କରିଛନ୍ତି । ସେହିଭଳି ଏକ ବିକଶିତ ଭାରତ ଗଠନ ନିମନ୍ତେ ଏହା ଦେଶର ଆର୍ଥିକ ଓ ସାମାଜିକ ଭିତ୍ତିଭୂମିକୁ ସୁଦୃଢ଼ କରିବ । କୃଷକମାନଙ୍କ ପାଇଁ ମଧ୍ୟ ଏହି ବଜେଟ ସହାୟକ ହେବ ବୋଲି ସେ କହିଛନ୍ତି । ଗୋଟିଏ ଦୃଷ୍ଟିରୁ ଦେଖିଲେ, ଦେଶରେ ସାଧାରଣ ନିର୍ବାଚନ ପାଇଁ ଆଉ ମାତ୍ର ଗୋଟିଏ ବର୍ଷ ବାକି ଥିବାବେଳେ ଚଳିତ ବର୍ଷ ବଜେଟରେ ବ୍ୟକ୍ତିଗତ ଆୟକର ସୀମାକୁ ପାଞ୍ଚ ଲକ୍ଷରୁ ସାତ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଟିକସ ଛାଡ଼ କରିବାର ଯେଉଁ ପ୍ରସ୍ତାବ ଅଛି, ତାହାକୁ କେବଳ ମଧ୍ୟମ ବର୍ଗ ନୁହଁନ୍ତି, ସଭିଏଁ ସ୍ୱାଗତ କରିବେ । ଗତ କିଛି ବର୍ଷ ଧରି ଦେଶବାସୀ ବଜେଟରୁ ଏହି ପ୍ରତ୍ୟାଶା ରଖିଆସିଥିଲେ । ସମଗ୍ର ବିଶ୍ୱ ଯେତେବେଳେ ଏକ ଆର୍ଥିକ ମାନ୍ଦାବସ୍ଥା ଭିତର ଦେଇ ଗତି କରୁଛି, ସେତେବେଳେ ଭାରତ ଭିତ୍ତିଭୂମି ବିକାଶ ଲାଗି ବଜେଟରେ ବିପୁଳ ଅର୍ଥ ବ୍ୟବସ୍ଥା କରିବା ବାସ୍ତବିକ ଅଭିନନ୍ଦନୀୟ । ତେଣୁ ରେଳ ବିକାଶ (୨.୪୦ ଲକ୍ଷକୋଟି) ଓ ନୂତନ ରେଳ ପ୍ରକଳ୍ପ (୭୯ ହଜାରକୋଟି) ଠାରୁ ନେଇ ଅକ୍ଷୟ ଶକ୍ତି, କୃଷିକ୍ଷେତ୍ର ଲାଗି ଡିଜିଟାଲ ଭିତ୍ତିଭୂମି, ଏମଏସଏମଇ କ୍ରେଡିଟ ଗ୍ୟାରେଣ୍ଟି ଯୋଜନା, ଗ୍ରାମାଞ୍ଚଳରେ କୃଷି ଷ୍ଟାର୍ଟଅପ୍, ଦେଶର ୫୦ଟି ବିମାନ ବନ୍ଦରର ବିକାଶ, ଜନଜାତି ମିଶନ, ପ୍ରଦୂଷଣ ନିୟନ୍ତ୍ରଣ ନିମନ୍ତେ ଯାନବାହାନ ପରିବର୍ତ୍ତନ, ଗୋବର୍ଦ୍ଧନ ଯୋଜନା ଆଦି ସରକାରଙ୍କ ବିକାଶ ଆଭିମୁଖ୍ୟକୁ ପ୍ରତିପାଦିତ କରେ । ଗରିବ ଓ ମଧ୍ୟମ ବର୍ଗଙ୍କ ପାଇଁ ଯେଉଁସବୁ ସାମଗ୍ରୀ ଅତ୍ୟାବଶ୍ୟକ ଯଥା- ସାଇକେଲ, ଅଟୋମୋବାଇଲ, ଏଲଇଡି ଟେଲିଭିଜନ, ମୋବାଇଲର ବିଭିନ୍ନ ଯନ୍ତ୍ରାଂଶ, ଷ୍ଟିଲ ଓ ନିକେଲ ଉପରୁ ଟିକସ ହ୍ରାସ କରିବାକୁ ବଜେଟରେ ପ୍ରସ୍ତାବ ରହିଛି । ତେଣୁ ଏହାକୁ ଗରିବ ଓ ମଧ୍ୟମ ବର୍ଗଙ୍କୁ ସୁହାଇବା ଭଳି ବଜେଟ ବୋଲି ଆଖ୍ୟାୟିତ କରିବାରେ ଦ୍ୱିରୁକ୍ତି ଥାଇନପାରେ । ସେହିଭଳି ସୁନା, ରୁପା, ପ୍ଲାଟିନମ ଆଦି ସାମଗ୍ରୀ ଉପରେ ଶୁଳ୍କ ବୃଦ୍ଧି ସରକାରଙ୍କ ତହବିଲକୁ ଅଧିକ ଅର୍ଥ ସଂଗ୍ରହ ଦିଗରେ ସହାୟକ ହେବ, ଯାହାକି ଅନ୍ୟ ଅର୍ଥରେ କହିଲେ ସରକାର ଅନ୍ୟାନ୍ୟ ବିକାଶମୂଳକ ଯୋଜନା ନିମନ୍ତେ ବ୍ୟୟ କରିପାରିବେ । ତେଣୁ ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ପ୍ରୟାସର ଯଥାର୍ଥତା ସରକାର ଆସନ୍ତା ବର୍ଷ ବଜେଟରେ ହିଁ ପ୍ରତିଫଳିତ କରିପାରିଛନ୍ତି । ଅର୍ଥଶାସ୍ତ୍ରୀମାନଙ୍କର ମତ ଯେ, ବଜେଟ ଯେତିକି ଲୋକପ୍ରିୟ ହେବ ଅର୍ଥବ୍ୟବସ୍ଥା ଉପରେ ସେତିକି ଚାପ ପଡ଼ିବ । ଗୋଟିଏ ବଜେଟରେ ସବୁ ଲୋକଙ୍କ ସକଳ ପ୍ରକାର ଆଶା ଆକାଂକ୍ଷା ପୂରଣ ହେବା ଅସମ୍ଭବ । ତେଣୁ ଏହା ସ୍ୱୀକାର୍ଯ୍ୟ ଯେ, ସରକାର ଟିକସ ବସାଇବେ, ବଢ଼ାଇବେ ଓ ସେହି ଅର୍ଥକୁ ଦେଶର ବିକାଶ ଯୋଜନା ଲାଗି ବ୍ୟୟ କରିବେ । ଅନ୍ୟଥା ପ୍ରଗତିର ଚକ ଆଗକୁ ଗଡ଼ିବ ନାହିଁ । ବିରୋଧୀ ନେତୃବର୍ଗ ବଜେଟକୁ ସମାଲୋଚନା କରିବା ସ୍ୱାଭାବିକ । କିନ୍ତୁ ସେଭଳି ସମାଲୋଚନା ଯୁକ୍ତିନିଷ୍ଠ ହେବା ବାଞ୍ଛନୀୟ । ଅନ୍ୟଥା ତାହା ସାଧାରଣ ଜନତାଙ୍କ ଦ୍ୱାରା ମଧ୍ୟ ଗ୍ରାହ୍ୟ ହେବନାହିଁ । ତେଣୁ କର, ଟିକସ, ବ୍ୟତୀତ ସରକାର ୨୦୨୩-୨୪ ଆର୍ଥିକ ବର୍ଷରେ ବିନିଯୋଗ ସୂତ୍ରରୁ ୫୧ହଜାର କୋଟି ଟଙ୍କା ସଂଗ୍ରହର ଲକ୍ଷ୍ୟ ରଖିଛନ୍ତି । ୨୦୨୩ରେ ଏହି ପରିମାଣ ୬୫ ହଜାର କୋଟି ଥିଲା । ସେହିଭଳି ପ୍ରତିରକ୍ଷା ବିଭାଗ ପାଇଁ ଚଳିତ ବର୍ଷ ୫.୯୪ ଲକ୍ଷ କୋଟି ଟଙ୍କାର ବଜେଟ ପ୍ରାବଧାନ ପ୍ରସ୍ତାବ ରଖାଯାଇଛି ଯାହାକି ପୂର୍ବ ବର୍ଷ ତୁଳନାରେ ପ୍ରାୟ ୬୩ହଜାର କୋଟି ଟଙ୍କା ଅଧିକ । ଅପରପକ୍ଷରେ, ମହିଳା ଓ ବରିଷ୍ଠ ନାଗରିକ ପାଇଁ ସରକାର ସଞ୍ଚୟ ଉପରେ ଅଧିକ ପ୍ରୋତ୍ସାହନ ଯୋଜନାମାନ ପ୍ରାବଧାନ କରିଛନ୍ତି । ତେଣୁ ସାମ୍ପ୍ରତିକ ସ୍ଥିତିରେ ବଜେଟରେ ଯେଉଁସବୁ ପ୍ରସ୍ତାବ ରଖାଯାଇଛି, ତାହା ସବୁ ଦୃଷ୍ଟିରୁ ବାସ୍ତବଧର୍ମୀ ଓ ଜନସାଧାରଣଙ୍କ ସ୍ୱାର୍ଥପ୍ରତି ବିଶେଷ ଧ୍ୟାନ ପ୍ରଦାନପୂର୍ବକ କରାଯାଇଥିବା ପରି ଲାଗେ । ଏହା କେବଳ ଦେଶର ଜନସାଧାରଣଙ୍କୁ ନୁହେଁ, ଦେଶର ସାମାଜିକ ଓ ଆର୍ଥିକ ଭିତ୍ତିକୁ ମଧ୍ୟ ମଜଭୁତ କରିବ, ଏହା ଆଶା କରାଯାଇପାରେ ।

## ସତ୍ୟନାମର ମାହାତ୍ମ୍ୟ



ଡା. ଉମେଶ ଚନ୍ଦ୍ର ପାତ୍ର

ସତ୍ୟନାମରେ ତ୍ରିତାପଜ୍ୱାଳା ବିଦୂରିତ ହୁଏ। ଏହି ନାମ ଦ୍ୱାରା ଯେପରି ଆଧ୍ୟାତ୍ମିକ ଉନ୍ନତ ବା ଆତ୍ମାର ଉନ୍ନୟନ ଅତି ସତ୍ୱର ଅତି ସହଜରେ ହୁଏ, ସେହିପରି ସାଂସାରିକ ଦୁଃଖ-କଷ୍ଟ, ଯନ୍ତ୍ରଣା, ବିପଦ-ଆପଦ, ରୋଗଶୋକାଦି ମଧ୍ୟ ଶୀଘ୍ର ବିଦୂରିତ ହୁଏ। ସାଧାରଣତଃ ଦେଖାଯାଏ ଯେ କୌଣସି ଜଣେ ଲୋକକୁ ଯଦି ଗୋଟିଏ ଅଙ୍କ କରିବାକୁ ଦିଆଯାଏ, ସେ ସେହି ଅଙ୍କଟି କଠିନ ଏକଥା ଶୁଣିଲେ ବା ଅଙ୍କଟି କଠିନ ମନେ କଲେ ତା'ପକ୍ଷରେ ସେ ଅଙ୍କ କରିବା ଆଉ ସାଧ୍ୟ ହୁଏନାହିଁ। 'ଅଙ୍କଟି କରିପାରିବି ନାହିଁ' - ଏହି ଭାବ ମନରେ ଆସିଲେ ସେହି ଅଙ୍କରେ ସେ ଆଉ ମନୋନିବେଶ କରିପାରେନା। ମନଟି ନିବଷ୍ଟ ନ ହେଲେ ଆଉ ତାହାଦ୍ୱାରା ସେ ଅଙ୍କ ହୋଇପାରେନା। ହୁଏତ ଅଙ୍କଟି ସେ କରିପାରିବ ବିଶ୍ୱାସ କରି ଆରମ୍ଭ କଲେ ସେଥିରେ ତାର ମନ ନିବିଷ୍ଟ ହୁଅନ୍ତା, ଫଳରେ ସେ ଚେଷ୍ଟା କରି ହୁଏତ ସଫଳତା ଲାଭ କରିପାରନ୍ତା। ବିଶ୍ୱାସରେ ମନୋନିବେଶ ହୁଏ ଏବଂ ତଦ୍ୱାରା ଆଭ୍ୟନ୍ତରୀଣ ସୁପ୍ତଶକ୍ତିର ଉଦବୋଧନରେ କାର୍ଯ୍ୟରେ ସଫଳତା ଲାଭ ହୁଏ। ସେଥିପାଇଁ ଭଗବାନ କୃଷ୍ଣ ଶ୍ରୀମଦ ଭଗବତ ଗୀତାରେ କହିଛନ୍ତି - ଯୋଗ କର୍ମସୁ କୌଶଳଂ।

ସେହିପରି ଆମେ ଯେତେବେଳେ ବିଶ୍ୱାସର ସହିତ ଯେକୌଣସି ଉଦ୍ଦେଶ୍ୟରେ ଭଗବାନଙ୍କ ନାମ କରୁ ସେତେବେଳେ ଆମର ମନ ଅନ୍ତର୍ମୁଖୀ ହୁଏ ଏବଂ ସେହି କାର୍ଯ୍ୟରେ ମନୋନିବେଶ ହୁଏ। ନାମ ଜପ କଲେ ନାମର ଗୋଟିଏ ସ୍ପନ୍ଦନ ଉପସ୍ଥିତ ହୁଏ। ସେହି ସ୍ପନ୍ଦନ ଆମର ସର୍ବାଙ୍ଗରେ, ସମସ୍ତ ତନ୍ତୁ, କୋଷ, ସ୍ନାୟୁ ତଥା ସମସ୍ତ ଯନ୍ତ୍ରରେ, କ୍ରମେ କ୍ରମେ ଅନ୍ତଃରାଜ୍ୟରେ ପ୍ରବେଶ କରି ଅନ୍ତରପ୍ରଦେଶକୁ କମ୍ପିତ କରିବା ଦ୍ୱାରା ମର୍ମସ୍ଥାନ ସଞ୍ଜିବନୀ ଶକ୍ତି କମ୍ପନ ଦ୍ୱାରା ଉତ୍ତେଜିତ ହୋଇପଡ଼େ। ମର୍ମସ୍ଥାନ ବା ଜୀବନୀ ଶକ୍ତି ଉତ୍ତେଜିତ ହେଲେ ଗୋଟାଏ ପ୍ରବାହ ଉପସ୍ଥିତ ହୁଏ, ଏବଂ ସେହି ପ୍ରବାହ ଦ୍ୱାରା ସମସ୍ତ ଯନ୍ତ୍ର, ଶରୀର ଓ ମନର କାର୍ଯ୍ୟକାରିତା ବୃଦ୍ଧି ପାଏ।

ଆମ ଶରୀର ମଧ୍ୟରେ ହିଁ ଆରୋଗ୍ୟକାରୀ ଶକ୍ତି ବର୍ତ୍ତମାନ ଅଛି। କୌଣସି ପ୍ରକାର ଔଷଧ ବା ଉଷ୍ଣତା ବା ଶୈତ୍ୟାଦି ପ୍ରୟୋଗ ଦ୍ୱାରା ରୋଗ ଭଲ ହୁଏ ନାହିଁ। ଏଗୁଡ଼ିକର ପ୍ରୟୋଗ ଦ୍ୱାରା ସେହି ସୁପ୍ତ ଆରୋଗ୍ୟକାରୀ ଶକ୍ତିକୁ ଉଦବୋଧିତ ବା ଜାଗ୍ରତ କରିଦିଏ ବୋଲି ରୋଗ ଆରୋଗ୍ୟ ହୁଏ। ସେହିପରି ଭାବରେ ଜୀବନୀଶକ୍ତି ଉତ୍ତେଜିତ ହେଲେ ଆମ୍ଭମାନଙ୍କ ଶରୀରର ସମସ୍ତ ଯନ୍ତ୍ର କାର୍ଯ୍ୟକ୍ଷମ ହୁଏ। ସେମାନଙ୍କର କାର୍ଯ୍ୟକାରୀ ଶକ୍ତି ଉତ୍ତେଜିତ ହେବା ଦ୍ୱାରା ଆମର ଆଳସ୍ୟ, ମୋହ ଇତ୍ୟାଦି ଦୂରୀଭୂତ ହୋଇ ଆମେ ଖୁବ କାର୍ଯ୍ୟକ୍ଷମ ହେଉ। ପୁଣି ଠିକ୍ ସେହି ହିସାବରେ ଆମ ଦେହର ବା ଦେହ ଯନ୍ତ୍ରର ପୀଡ଼ା ଦୂରୀଭୂତ ହୁଏ। ପୀଡ଼ା ଯଦି ସାଧାରଣ ହୋଇଥାଏ ତେବେ କେବଳ ନାମ ଜପ ଦ୍ୱାରା ତାହାର ନିରାକରଣ ହୋଇପାରେ। ଯେତେ ପରିମାଣର ରୋଗାକ୍ରମଣ ସେତେ ପରିମାଣର ନାମ କମ୍ପନରେ ହିଁ ଉପକାର ହୋଇପାରେ, ଅଥବା ତତପେକ୍ଷା ଉଚ୍ଚ ଡିଗ୍ରୀର ନାମରେ ମଧ୍ୟ ହୋଇପାରେ, କିନ୍ତୁ ନିମ୍ନ ଡିଗ୍ରୀର ନାମରେ ହୋଇପାରେନା। ଯେପରି ଓଁର ଏକ ନିର୍ଦ୍ଦିଷ୍ଟ ଡିଗ୍ରୀର କମ୍ପନ ଅଛି। ସେହି ଓଁ ଜପ କଲେ ବାୟୁମଣ୍ଡଳରେ ନାମକାରୀର ଦେହରେ ବା ଶ୍ରୋତାର ଦେହରେ ଓଁ ଡିଗ୍ରୀର ଯେଉଁ କମ୍ପନ ଅଛି ତାହା ହିଁ ସ୍ପନ୍ଦିତ ହେବ। ଭାବାତ୍ମକ ବା ବର୍ଣ୍ଣାତ୍ମକ ନାମ ଦ୍ୱାରା ସ୍ଥୂଳ କମ୍ପନ ହୁଏ, କିନ୍ତୁ ଧ୍ୱନ୍ୟାତ୍ମକ ନାମ, ଅନାହତ ନାଦ ବା ବୀଜମନ୍ତ୍ର ଦ୍ୱାରା ସୂକ୍ଷ୍ମ କମ୍ପନ ହୁଏ। ପୁଣି ଯେଉଁ ବୀଜମନ୍ତ୍ର ଯେତେ ସୂକ୍ଷ୍ମତର ଓ ସୂକ୍ଷ୍ମତମ ଅର୍ଥାତ୍ ସତ୍ୟାଦି ଉଚ୍ଚତମ ଧାମର ବୀଜ, ତାହା ଜପ କରିବା ଦ୍ୱାରା ସେତେ ଅଧିକ ସୂକ୍ଷ୍ମଦେଶ, ଇଥର ବା ଇଲେକଟ୍ରନାଦି ପର୍ଯ୍ୟନ୍ତ ଏବଂ ନର ଦେହର ସେତେ ଅଧିକ ସୂକ୍ଷ୍ମଦେଶ ବା ମର୍ମସ୍ଥାନ ପର୍ଯ୍ୟନ୍ତ କମ୍ପିତ ହୁଏ ଏବଂ ସେତେ ବେଶୀ ଶକ୍ତିର କମ୍ପନ ଉପସ୍ଥିତ ହୁଏ, ସୁତରାଂ କଠିନ ରୋଗ ଆରୋଗ୍ୟ ପାଇଁ ବା କୌଣସି କଠିନ କାର୍ଯ୍ୟ ସାଧନ ଅଥବା ଉଚ୍ଚତମ ଆଧ୍ୟାତ୍ମିକତା ଲାଭ କରିବା ପାଇଁ ଉଚ୍ଚତମ ସ୍ତରର ବୀଜ ଜପ କରିବା ଦରକାର।

ସେଥିପାଇଁ ସାଧକ ଗାଇଛନ୍ତି - 'ନାମେ ଶୁଷ୍କତରୁ ମୁଞ୍ଜରିଲା।' ଅର୍ଥାତ୍ ନାମ ଦ୍ୱାରା ଶୁଷ୍କତରୁ ପଲ୍ଲବିତ ହୁଏ। ସେଥିପାଇଁ ନାମ ଦ୍ୱାରା ମୃତ ମଣିଷ ମଧ୍ୟ ବଞ୍ଚିପାରେ। ଯେଉଁମାନେ ରୋଗୀ, ସେମାନଙ୍କୁ ସତ୍ୟନାମ ଜପ କରାଇବା ଦ୍ୱାରା ଉପରୋକ୍ତ କାରଣରୁ ଏବଂ ସେଥି ସହିତ ବିଶ୍ୱାସ ବଳରେ ଆରୋଗ୍ୟ ଲାଭ ଘଟିଥାଏ। ଯେ ଯେଉଁ ଉଦ୍ଦେଶ୍ୟରେ ଯେପରି ଭାବରେ ନାମ କରେ, ସେହି କାର୍ଯ୍ୟରେ ତାହାର ମନୋଯୋଗ ହୋଇ ମନ ସଂଯତ ଓ ସଂଯୁକ୍ତ ହୁଏ ଏବଂ ତାହା ଫଳ ଲାଭ କରିବାରେ ସହାୟତା କରେ। କିନ୍ତୁ ଯେଉଁ ରୋଗୀର ସଂଜ୍ଞାଶୂନ୍ୟାବସ୍ଥା ହୋଇଥାଏ, ତାକୁ ନାମ ଦ୍ୱାରା ଆରୋଗ୍ୟ କରିବାକୁ ହେଲେ, ନାମକାରୀ ବ୍ୟକ୍ତିକୁ ଉଚ୍ଚତମ ଶକ୍ତିମାନ ନାମ ଜପ କରି ନାମମୟ ହୋଇ ରୋଗୀକୁ ସ୍ପର୍ଶ କରି ଏକାନ୍ତ ମନରେ ନାମ କରିବାକୁ ହେବ। ତଦ୍ୱାରା ତାହାର ନାମକାରୀର ଶରୀରରେ ଯେ କମ୍ପନ ହୁଏ ତାହା ବୈଦ୍ୟୁତିକ ଶକ୍ତି ଧାରା ପରି ରୋଗୀର ଶରୀରର ସମଜାତୀୟତା ବଶତଃ ଆଭ୍ୟନ୍ତରରେ ପ୍ରବେଶ କରି ପୂର୍ବୋଲ୍ଲିଖିତ ପ୍ରଣାଳୀ କ୍ରମେ ରୋଗ ନିରାମୟ କରେ। ଏହା ସଙ୍ଗେ ସଙ୍ଗେ ତାହାର ନିରାମୟ ଭାବର ଇଚ୍ଛାଶକ୍ତିର କ୍ରିୟା ମଧ୍ୟ ହୋଇଥାଏ। ମଣିଷର ଶାଖା ଅର୍ଥାତ୍ ହସ୍ତପଦର ଅଙ୍ଗୁଳି ନେଗେଟିଭ ପୋଲର କାର୍ଯ୍ୟ କରେ। ସେହି ଅଙ୍ଗୁଳି ସମୂହରେ ଅନ୍ତର୍ବାହୀ ଓ ବହିର୍ବାହୀ ସ୍ନାୟୁ ରହିଛି, ତଦ୍ୱାରା ଚୈତନ୍ୟ ଶକ୍ତିଧାରା ବାହିତ ହୋଇଥାଏ। ଉତ୍ତମାଙ୍ଗ ବା ଦେହ ପଜିଟିଭ ପୋଲ କାର୍ଯ୍ୟ କରେ। ସୁତରାଂ ଯେ ବ୍ୟକ୍ତି ନାମମୟ ହୋଇ ନାମ କରେ ତାହାର ହସ୍ତ ରୋଗୀର ଉତ୍ତମାଙ୍ଗରେ ବା ଦେହରେ ସଂସ୍ଥାପିତ ହେଲେ ଭଲ କାର୍ଯ୍ୟ ହୁଏ। ନାମର କମ୍ପନ ରୋଗୀର ଗୃହ, ତନ୍ମଧ୍ୟସ୍ଥ ବାୟୁ, ଅଣୁ-ପରମାଣୁ ଓ ଇଥର ଇତ୍ୟାଦିକୁ ମଧ୍ୟ ସ୍ପନ୍ଦିତ କରିଦିଏ। ତାହାର ଫଳ ମଧ୍ୟ ରୋଗୀ ଲାଭ କରିଥାଏ। ଯେପରି କୌଣସି ସ୍ଥାନରେ କୌଣସି ଅସତ୍ କାର୍ଯ୍ୟ କଲେ ବା ଅସତ୍ ବାକ୍ୟ ଉଚ୍ଚାରିତ ହେଲେ ସେହି ସ୍ଥାନର ଅଣୁ-ପରମାଣୁ ଓ ଇଥର ପ୍ରଭୃତିରେ ସେହି ଅସତ୍ ଭାବର କମ୍ପନ ଯେପରି ବିସ୍ତାର ଲାଭ ଘଟିଥାଏ, ନାମ କମ୍ପନରେ ମଧ୍ୟ ତଦ୍ରୁପ ହୋଇଥାଏ। ଗୋଟିଏ ସତ୍ୟ ଘଟଣା ଅଛି। କୌଣସି ଏକ ସ୍ଥାନରେ ଗୋଟିଏ ଛୁରୀ ଦ୍ୱାରା ନରହତ୍ୟା ହୋଇଥିଲା। ତାପରେ ଦେଖାଗଲା, ସେହି ନରହତ୍ୟା ଭାବ କମ୍ପନ ସେହି ଛୁରୀରେ ଏପରି ଭାବରେ ପ୍ରବେଶ କରିଥିଲା ଯେ, ଯେ କେହି ବ୍ୟକ୍ତି ସେହି ଛୁରୀ ହାତରେ ଧରିଲେ ତାହାର ନରହତ୍ୟା କରିବାର ଇଚ୍ଛା ହେଉଥାଏ। ସେହିପରି ସାଧୁପୁରୁଷ ଓ ମହାପୁରୁଷଗଣ ନାମମୟ ରହୁଥିବାରୁ ସେମାନଙ୍କ ଅଙ୍ଗ ସଂଶ୍ଳିଷ୍ଟ ପ୍ରତ୍ୟେକ ବସ୍ତୁ ହିଁ ନାମ କମ୍ପନମୟ ହୋଇଥାଏ। ସେତେବେଳେ ସେହିସବୁ ବସ୍ତୁ ଦ୍ୱାରା ଅନେକଙ୍କର ଅନେକ ଉଦ୍ଦେଶ୍ୟ ସଫଳ ହୁଏ। ଯେପରି ସାଧୁ ପିଟରଙ୍କ ଗାମୁଛା ସ୍ପର୍ଶ ଦ୍ୱାରା ବହୁ ବ୍ୟକ୍ତିଙ୍କର ରୋଗ ଆରୋଗ୍ୟ ହେଉଥିଲା। ସାଧୁଙ୍କ ଚରଣଧୂଳି ବା ଚରଣାମୃତରେ ଅନେକ ରୋଗ ଆରୋଗ୍ୟ ହୋଇଥାଏ। ଜଣେ ଜଜକୋର୍ଟର ଓକିଲ ପୂଣ୍ୟପୋଥିର ଭାଷ୍ୟକାର ଲେଖିଛନ୍ତି ଜଣେ ଭଦ୍ରଲୋକର ହାତ ଧରି ମୋର ମନ ହେଉଥିଲା - ଯେପରି ତାଙ୍କର ସମସ୍ତ ଶିରାକମ୍ପନ ସେହି ଓଁକାର ଧ୍ୱନି ଶୁଣା ଯାଉଛି।

ଉପରୋକ୍ତ ଉପାୟରେ ସତ୍ୟନାମର ଶକ୍ତିରେ ମୃତ ବ୍ୟକ୍ତିର ଜୀବନ ଲାଭ ହୋଇପାରେ। ଯଦି ମୃତ୍ୟୁର ସମ ସମୟରେ ବା ଠିକ ଅବ୍ୟବାହିତ ପରେ ସତ୍ୟନାମର ଶକ୍ତି ପ୍ରୟୋଗ କରାଯାଏ, ତା'ହେଲେ ତାହାର ସେହି ଅନ୍ତରତମ ମର୍ମସ୍ଥାନ ମସ୍ତିଷ୍କରେ ଚୈତନ୍ୟ ଶକ୍ତି ଉତ୍ତେଜିତ ହୋଇ ବୈଦ୍ୟୁତିକ ଶକ୍ତି ସ୍ରୋତ ଓ କୃତ୍ରିମ ଶ୍ୱାସ ପ୍ରକ୍ରିୟା ଦ୍ୱାରା ଯେପରି ହୁଏ ସେହିପରି ଭାବରେ ସମସ୍ତ ଯନ୍ତ୍ର ଏକ ସଙ୍ଗରେ କାର୍ଯ୍ୟ କରିବା ଦ୍ୱାରା ଜୀବନଲାଭ ଘଟିଥାଏ - ଅବଶ୍ୟ ଯଦି ଅଭ୍ୟନ୍ତରସ୍ଥ କୌଣସି ଯନ୍ତ୍ର ଧ୍ୱଂସପ୍ରାପ୍ତ ନ ହୋଇଥାଏ। ଏକଥା ବିଜ୍ଞାନଶାସ୍ତ୍ର ସମ୍ମତ ଓ ପ୍ରତ୍ୟକ୍ଷ ପରୀକ୍ଷିତ।

ସଦଗୁରୁ ନାମମୟ ହୋଇଥିବାରୁ ଦର୍ପଣବତ୍ ହୋଇଥାନ୍ତି। ସେଥିପାଇଁ ଯେଉଁ ବ୍ୟକ୍ତି ଯେଉଁ ଭାବ ନେଇ ସଦଗୁରୁଙ୍କ ନିକଟରେ ଉପସ୍ଥିତ ହୁଅନ୍ତି, ସେ ସଦଗୁରୁଙ୍କ ନିକଟରୁ ସେହି ଭାବ ପ୍ରାପ୍ତ ହୋଇଥାନ୍ତି ଏବଂ ତାଙ୍କ ଭିତରର ସେହି ଭାବ ସଦଗୁରୁଙ୍କ ଦର୍ଶନ ସ୍ପର୍ଶନରେ ଉତ୍ତେଜିତ ଓ ଜାଗ୍ରତ ହୋଇ ପ୍ରକାଶ ପାଏ, ଯଥା କାମକ୍ରୋଧାଦି। କିନ୍ତୁ ସେହି ସୁପ୍ତଭାବ ସମୂହ ଜାଗ୍ରତ ହୋଇ ପ୍ରକାଶିତ ହେବାରୁ ସେମାନେ ଯେଉଁ ପରିମାଣରେ ଭିତରେ ଥିଲେ ସେହି ପରିମାଣରେ ରହିପାରନ୍ତି ନାହିଁ, ବହିର୍ଗତ ହୋଇଯାଆନ୍ତି। ଏହି କାରଣରୁ ଦେଖାଯାଏ ଯେ ସଦଗୁରୁଙ୍କର ଦର୍ଶନ ଓ ସ୍ପର୍ଶନ ପରେ ବ୍ୟକ୍ତିର ଚରିତ୍ରରେ ଉନ୍ନତି ହୁଏ। ସତଭାବ ନେଇ ତାଙ୍କ ନିକଟସ୍ଥ ହେଲେ ସଦଭାବର ଉଦବୋଧନ ହୁଏ, ବୃଦ୍ଧି ହେବାକୁ ଲାଗେ। ପୁଣି ତାଙ୍କ ମଧ୍ୟରେ ନାମର ଶକ୍ତିର କମ୍ପନ ବର୍ତ୍ତମାନ ଥିବାରୁ ତାଙ୍କର ଦର୍ଶନ ସ୍ପର୍ଶନରେ ଅଥବା ତାଙ୍କର ଅଙ୍ଗ ସଂଲଗ୍ନ ଶକ୍ତି ସଞ୍ଚାରିତ ବସ୍ତୁ ଦ୍ୱାରା ନାନାବିଧ ଅଦ୍ଭୁତ ଘଟଣା ସଙ୍ଘଟିତ ହୋଇଥାଏ।

ବିଶ୍ୱାସରେ ରୋଗ ଆରୋଗ୍ୟ ହୁଏ ବୋଲି ଶୁଣାଯାଏ, ସେ କଥା ସତ୍ୟ। କିନ୍ତୁ ସେହି ବିଶ୍ୱାସ ସହିତ ଯଦି ସତ୍ୟନାମ ଜପ କରାଯାଏ, ତା'ହେଲେ ବହୁ ଅସାଧ୍ୟ ବ୍ୟାଧି ଆରୋଗ୍ୟ ହୋଇ ମୁମୂର୍ଷୁ ଓ ମୃତ ବ୍ୟକ୍ତିର ଜୀବନଲାଭ ହୁଏ।

(ପୃଷ୍ଠା ୭ରେ)

## ଅତିବଡ଼ୀ ଜଗନ୍ନାଥ ଦାସ



ଡ଼ଃ.ଅରୁନ୍ଧତୀ ଦେବୀ

ଓଡ଼ିଆ ସାହିତ୍ୟର ପଞ୍ଚସଖା ଯୁଗର କବି ଅତିବଡ଼ୀ ଜଗନ୍ନାଥ ଦାସ ଥିଲେ ପଣ୍ଡିତ ଓ ଆଧ୍ୟାତ୍ମିକ ପୁରୁଷ। ସେ ଓଡ଼ିଆ ଜାତିର ଜୀବନବେଦ ଭାଗବତର ସ୍ରଷ୍ଟା। ତାଙ୍କ ଭାଗବତ, ସଂସ୍କୃତ ଭାଗବତର ଆକ୍ଷରିକ ଅନୁବାଦ ନୁହେଁ। ଡ.ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ମତରେ ଜଗନ୍ନାଥ ଦାସଙ୍କ ଭାଗବତ, ମୂଳ ଭାଗବତ ଠାରୁ ଭିନ୍ନ । ସେ ସମକାଳୀନ ସାମାଜିକ ଅବସ୍ଥାକୁ ଦୃଷ୍ଟିରେ ରଖି ଭାଗବତ ରଚନା କରିଥିଲେ। ମୂଳଭାଗବତରେ ଯେଉଁଠି ସାମାଜିକ ମୂଲ୍ୟବୋଧ ନ ଥିବା ଅନୁଭବ କରିଥିଲେ, ସେହି ଅଂଶ ଯେ ପରିହାର କରିଥିଲେ। ସମାଜର ଉପକାର ପାଇଁ ସେ ଭାଗବତ ରଚନା କରିଥିଲେ। ଏକାଦଶ ସ୍କନ୍ଧ ପର୍ଯ୍ୟନ୍ତ ସେ ଲେଖିଥିଲେ। ଦ୍ୱାଦଶ ଓ ତ୍ରୟୋଦଶ ସ୍କନ୍ଧ ରଚନା କରିଥିଲେ ଯଥାକ୍ରମେ ମହାଦେବ ଦାସ ଏବଂ ଦ୍ୱାରିକା ଦାସ। ଏହି ଭାଗବତର ଅଧ୍ୟାୟ ତିନିଶହ ବୟାଳିଶ। କଥିତ ଅଛି ଜଗନ୍ନାଥ ଦାସଙ୍କ ମାତା ପୁରାଣ ଶୁଣିବା ପାଇଁ ଥରେ ମନ୍ଦିରକୁ ଯାଇଥିଲେ। ମାତ୍ର ଦକ୍ଷିଣା ଦେବାକୁ ସକ୍ଷମ ନଥିବାରୁ ପୁରାଣ ପଣ୍ଡା ଶୁଣାଇବାକୁ ମନା କରିଦେଇଥିଲେ। ମନ ଦୁଃଖରେ ଘରକୁ ଫେରି ପୁତ୍ରଙ୍କୁ ଓଡ଼ିଆରେ ଭାଗବତ ରଚନା ପାଇଁ ଉପଦେଶ ଦେଇଥିଲେ। ପୁଣି, ଏଥି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ, ତାଙ୍କୁ ନିର୍ଦ୍ଦେଶ ଦେଇଥିବା ରାମଦାସଙ୍କ ଦାର୍ଢ୍ୟତାଭକ୍ତି ରସାମୃତରେ ଉଲ୍ଲେଖିତ। ପ୍ରଭୁ ସ୍ୱପ୍ନରେ କହିଥିଲେ - ଭୟ ନକର ତୁମ୍ଭେ କିଛି, ଗୀତ ତୁ କର ମୁହିଁ ଅଛି। ଜଗନ୍ନାଥ ଦାସ ପୁରୀ ନିକଟବର୍ତ୍ତୀ କପିଳେଶ୍ୱରପୁରରେ ଜନ୍ମ ହୋଇଥିଲେ। କମ୍ ବୟସରେ ବିଭିନ୍ନ ଶାସ୍ତ୍ରରେ ପାରଦର୍ଶିତା ଲାଭ କରିଥିଲେ। ଉଣେଇଶ ବର୍ଷ ବୟସରେ ଶ୍ରୀକ୍ଷେତ୍ର ଆସି, ଶ୍ରୀଜଗନ୍ନାଥଙ୍କ ସେବାରେ ନିଜକୁ ଉତ୍ସର୍ଜିତ କରିଥିଲେ। ଶ୍ରୀ ଚୈତନ୍ୟ, ତାଙ୍କୁ ନିତ୍ୟ ସହଚର ଭାବେ ଗ୍ରହଣ କରିଥିଲେ। ଶ୍ରୀ ଚୈତନ୍ୟ ହିଁ ତାଙ୍କୁ ଅତିବଡ଼ୀ ଉପାଧି ଦେଇଥିଲେ। ଜଗନ୍ନାଥ ଦାସଙ୍କ ଅନ୍ୟ ପ୍ରସିଦ୍ଧ ରଚନା ମଧ୍ୟରେ ଗୁପ୍ତ ଭାଗବତ, ଅର୍ଥକୋଇଲି, ଶୂନ୍ୟ ଭାଗବତ, ତୁଳାଭିଣା, ବ୍ରହ୍ମଗୀତା, ଭାଗବତ ସାର, ଦାରୁବ୍ରହ୍ମ ଗୀତା ଆଦି ପ୍ରଧାନ। ଫେବୃଆରୀ ୩ ତାରିଖ କିନ୍ତୁ ତିଥି ଓ ନକ୍ଷତ୍ର ଅନୁଯାୟୀ ମାଘ ସପ୍ତମୀ ଦିନ ଏହି କିମ୍ବଦନ୍ତୀ ଆଧ୍ୟାତ୍ମିକ ସାହିତ୍ୟ ସ୍ରଷ୍ଟାଙ୍କ ମହାପ୍ରୟାଣ ଘଟିଥିଲା।




ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,
ମୋ : ୯୯୩୭୧୭୨୮୧୦





### ବଞ୍ଚିବାର ଆଶାନେଇ

ଶରତ କୁମାର ମିଶ୍ର

ବଞ୍ଚିବାର ଆଶା ନେଇ ସଭିଏଁ ଜନତା
ଆଶା ମଧ୍ୟ ରଖିଥାଏ ଗଛ ଗୁଳ୍ମଲତା ।
ମଞ୍ଜିରୁ ହୁଅଇ ବୀଜ, ବୀଜରୁ ପାଦପ
କିଛି ଦିନ ପରେ ସେ, ଦେଖାଏ ତା' ରୂପ ।
ପ୍ରକୃତିର ବଂଧୁ ସିଏ, ବଢେ ପ୍ରକୃତରେ
ମେଲାଏ ତା' ଶାଖା ସିଏ ମନ ଆନନ୍ଦରେ ।
ନିତିଦିନ କରେ ସିଏ ନର ସେବା ଜାଣ
ପ୍ରଚୁର ମାତ୍ରାରେ ଦାନ କରି ଅମ୍ଳାନ ।
ବୃକ୍ଷ ଜନ୍ମ ଧନ୍ୟ ତାର କରି ଜନ ସେବା
ଆସ ହେ, ସୁଜନେ ବୃକ୍ଷ ରୋପଣ କରିବା ।
ସମୟଶା ମଣିଷର ବଞ୍ଚିବାର ଆଶା
ମିଛମାୟା ସଂସାରରେ ପାଉଛି ନିରାଶା ।
କିଏ ଖାଏ ହାତରେ, କିଏ ସୁନା ଚାମଚରେ
ପିଜା ଖାଏ ପୁଣି କିଏ, ରହେ ଉପାସରେ ।
ବଞ୍ଚିବାର ଆଶା ନେଇ, ନର କରୁଛି କରମ
ଜନ ସେବା କରି ସିଏ, ଅରଜେ ଧରମ ।




+ ପଟିଆ, ଭୁବନେଶ୍ୱର- ୭୫୧୦୨୪
ମୋ:୮୩୩୫୮୨୨୨୧୦


### ସହରୀ ସପନ

ନୂତନ କୁମାର ବେହେରା





ମଣିଷ ମନର ଆଶା ଭାବ ଭାବନାରେ
ଲତା ଗୁଳ୍ମ ପ୍ରାୟେ ବଢ଼େ ଡ଼ଙ୍କେଇ ବଙ୍କେଇ
ଅନାବାଦୀ ମରୁ ମୃତ୍ତିକାରେ ଡାଳ ପତ୍ର ମେଲି
ଫୁଟେ ତହିଁ ଜାତି ଜାତି ସପନର ଫୁଲ
ଉଲ୍ଲସିତ ହୁଏ ପ୍ରାଣ ଦିଏ ପୁଲକ ଖେଳାଇ

ଭୋଗ କରିବାକୁ ସବୁ ଐଶ୍ୱର୍ଯ୍ୟ ପ୍ରାଚୁର୍ଯ୍ୟ
କରି ଅଭିଳାଷ ତୋଳେ ସେ କଳ୍ପନାର ସୌଧ
ଗଜଦନ୍ତ ପଲଙ୍କର ଦୁଗ୍ଧ ଫେନନିଭ ଶଯ୍ୟାରେ
ସହରୀ ସପନ ଦେଖେ ଚେଇଁ ଶୋଇ ଶୋଇ
ସବୁ ସପନ କି ହୁଏ ବାସ୍ତବରେ ରୂପାୟନ

ପାର୍ଥିବ କାମନା ବାସନାର ଉତ୍କଟ ନିଶା
କରାଏ ବିହ୍ୱଳ ହୁଏ ତା' ପ୍ରଭାବରେ ପାଗଳ
ପ୍ରତିଦ୍ୱନ୍ଦିତାର ସମୟ ସୁଅରେ ଯାଏ ଭାସି
ଏକ ଶୁଷ୍କ ପତ୍ର ସମ ନିଜର ନିୟନ୍ତ୍ରଣ ହରାଇ
ସହରୀ ସପନର ଯାଦୁରେ ହୁଏ କାବୁ

ସେ ଯେ ମାୟାପୁରୀର ମାୟା ଜାଲ ଘେରା
ମରୀଚିକା ପରି ମରୁ ପ୍ରାନ୍ତରକୁ ଓଟାରି ନିଅଇ
ଆଖି ଅଛି ସେ ଆଖି ସପନ ଦେଖିବ ନିଶ୍ଚିତ
ସେ ସପନ ଯେ ନିଦ୍ରାର ଏକ ଅବାସ୍ତବତା
ଏକାନ୍ତରେ ଦେଖୁଥାଏ ନିଜ ସ୍ୱତନ୍ତ୍ରତା ହରାଇ

ଭାଙ୍ଗି ଯାଏ ଯେବେ ସହରୀ ସପନ ତାର
ଦେଖେ ଖାଲି ଶୂନ୍ୟ ଶୂନ୍ୟତାର ସବୁ ଛାଉଣି
ବିକଳେ ବିଳାପେ ନିଜ କାନ୍ଦ ନିଜେ ଶୁଣି
ସରି ଯାଏ ରାତି ସରେନା ସେ ସହରୀ ସପନ
ଚାକଚକ୍ୟ ରୂପ ତାର କୁହୁକର ପେଡ଼ି

ଘନ ଘନ ବଦଳାଏ ରଙ୍ଗ ତରଙ୍ଗ ଖେଳାଇ
ସପନ ଆଉ ବାସ୍ତବତାର ଫରକ ନ ଜାଣି
ପଥହରା ହୁଏ ଯିଏ ଦିଏ ସେ ଠିକଣା ହଜାଇ
ଶ୍ରମ ସାଧନା ବିନା ଜଣେ ଛୁଏଁ ନାହିଁ କେବେ
ସାର୍ଥକତାରେ ସଫଳତାର ଶୀର୍ଷ ସୀମା

ଅବା ପାଏନା ସୁଖ ସନ୍ତୋଷ ଶାନ୍ତି ତୃପ୍ତି ଜମା
ସଭ୍ୟତାର ଅଗ୍ରଗତିରେ ଦେଖେ ସହରୀ ସପନ
ସରସ ସୁନ୍ଦର କରିବାକୁ ତାର ଜୀବନ
ହୁଏ ଯେବେ ବ୍ୟତିକ୍ରମ କଷ୍ଟ ଭୋଗେ ଦାରୁଣ
ଜୀବନର ଯନ୍ତ୍ରଣା ହୁଅଇ ନୈରାଶ୍ୟ କରୁଣ

ବୁଦ୍ଧି ବିବେକ ଜ୍ଞାନକୁ କରେ ଯିଏ ପାଥେୟ
ସଜାଡ଼ି ତା' ଜୀବନ ସଂସାରକୁ କରେ ମଧୁମୟ
ସହରୀ ସପନ ଦେଇଥାଏ ପ୍ରଗତିର ଆହ୍ୱାନ
କରି ତାର ସଠିକ୍ ସମୀକ୍ଷା କଲେ ଅଭିଯାନ

ଆଶା ଆକାଂକ୍ଷାର ଇଚ୍ଛା ହୋଇଥାଏ ପରିପୂର୍ଣ୍ଣ
ନତୁବା ସହରୀ ସପନ ମନରେ ପ୍ରାଣରେ
କେବଳ କାଳରାତ୍ରିର ଏକ ଉଭଟ ଚିତ୍ରଣ।


+ ବାରିପଦା,ମୟୂରଭଞ୍ଜ
ମୋ: ୮୦୧୮୩୫୩୩୨୨


### ପାଷାଣର ପ୍ରତିଧ୍ୱନି

ସସ୍ମିତ ମହାନ୍ତି



କିଛି ଅକୁହା ଝଡ଼ର ଅବ୍ୟବହିତ
ପୂର୍ବରୁ
ଯାହାର ଧୂସର ରୋମାଞ୍ଚ
ନୃଶଂସତାରେ ବୁଡ଼ବୁଡ଼ ......
କେତେ ଯେ ଅକୁହା ହୃଦୟର କଥା
କଳାର କୋଣାର୍କ ଆଜିବି କହୁଛି
କହୁଛି ବାରଶ ବଢ଼େଇ ଅନ୍ତର ତଳର
ବ୍ୟଥା
ଲିଭିଯାଇଥିବା ସିନ୍ଦୂର ଟୋପାରେ
ବ୍ୟଥା ବିଦ୍ଧୁର ସୀମନ୍ତିନୀର
ନିଥର ମୌନତା !

ଦିନେ ନୁହେଁ ବର୍ଷେ ନୁହେଁ
ବାରବରଷ
ଛଡାଇ ନେଇଛି ଆଲୁଅକୁ. !!
ବିରହ ଅବା ଅବସାଦରେ
ସିଝୁଥିବା ସୁନ୍ଦାର କ୍ଲେଶକୁ
ଏକ ନୁଖୁରା ଅନୁକମ୍ପାରେ
ଦେଖେ ପାଷାଣ ଦେହରେ
ପ୍ରିୟାର ରୂପ
ସବୁ ଅକୁହା ଲୁହର ଭୂର୍ଜ ପତ୍ରରେ
ଆକାଶକୁ ହାତ ବଢ଼େଇବାର
ଗଭୀର ନିଦ୍ରାରେ ଆବାହନୀ ତୋଳେ
ପ୍ରିୟାର ଆଲିଙ୍ଗନ...
ଶେଷ ଶଯ୍ୟାର ଧାରେ

ଅବସାଦ ରେ ସିଝୁଥିବା 'ମା'ର
ମମତା
ବଞ୍ଚିବାର ଆବାହନୀ ତୋଳୁଥିବା
ଶିଳ୍ପୀ କୁଳ
ଧର୍ମପଦର ତ୍ୟାଗକୁ
ହାତଠାରି କୋଣାର୍କ ଆଜିବି କହେ
କ୍ଷତ ତ ଏଠି ଅନିବାର୍ଯ୍ୟ!!!

କୋରରେ ବୋହିଲାଣି ଝଡ଼
ଖୋଲା ରହିଗଲା ପଲକ
ଚୁମ୍ବନ ପାଇଁ ନୁହେଁ ଦଂଶନ ପାଇଁ
ନିର୍ଜନ ରାତିରେ
ଆଜି ବି ଶୁଭେ ପାଷାଣ ପ୍ରତିଧ୍ୱନି
ବିରହର ବେହାଗ ରାଗିଣୀ...


+ ଡାଲମିଲ ଲେନ୍
ଝାଞ୍ଜିରମଙ୍ଗଳା,
ତେଲେଙ୍ଗାବଜାର,
କଟକ-୭୫୩୦୦୯

# କମି ନାହିଁ ରଶ୍ମିଙ୍କ ଚାହିଦା



ନିଜକୁ ଟିଭି ପରଦାର ସବୁଠୁ ଲୋକପ୍ରିୟ ତଥା ଦାମୀ କଳାକାର ଆସନରେ ବସାଇ ପାରିଥିବା ଅଭିନେତ୍ରୀ ରଶ୍ମି ଦେଶାଇ ଓରଫ ଶିବାନୀ ଦେଶାଇଙ୍କର ଚାହିଦା ଏବେ ବି ଅକ୍ଷୁଣ୍ଣ ରହିଛି । ନିଜର କୋଡ଼ିଏ ବର୍ଷର ଅଭିନୟ ଜୀବନ ଭିତରେ ଆସାମୀ, ହିନ୍ଦୀ, ଗୁଜରାଟୀ, ଭୋଜପୁରୀ ଓ ଇଂରେଜୀ ଭାଷାର ୨୬ଟି ସିନେମା ସାଙ୍ଗକୁ ୩୦ରୁ ଅଧିକ ଟିଭି ଧାରାବାହିକ ସମେତ ୧୧ଟି ସଂଗୀତ ଭିଡିଓ ଓ ଦୁଇଟି ୱେବ୍ ସିରିଜ୍‌ରେ ସେ ଅଭିନୟ କରି ସାରିଛନ୍ତି । ଆସାମର ନାଗାଓଁ ଠାରେ ୧୯୮୬ ଫେବ୍ରୁଆରି ୧୩ ତାରିଖରେ ଏକ ଗୁଜରାଟୀ ପରିବାରରେ ଜନ୍ମ ନେଇଥିବା ରଶ୍ମିଙ୍କର ପୂରା ଜୀବନ ମୁମ୍ବାଇରେ କଟିଛି । ପର୍ଯ୍ୟଟନ ଓ ପରିଭ୍ରମଣ ପାଠ୍ୟକ୍ରମରେ ଡିପ୍ଲୋମା ଡିଗ୍ରି ଲାଭ କରିଥିବା ରଶ୍ମିଙ୍କର ପିଲାଟି ଦିନରୁ କିନ୍ତୁ ଅଭିନୟରେ ରୁଚି ରହିଥିଲା । ୨୦୦୨ରେ ତାଙ୍କର ସିନେ ଜଗତକୁ ପ୍ରବେଶ ହୋଇଥିଲା ଆସାମୀ ଫିଲ୍ମ 'କନ୍ୟାଦାନ'ର ଏକ ସଂକ୍ଷିପ୍ତ ଭୂମିକା ଜରିଆରେ । ତେବେ ସେହି ବର୍ଷ ସେ ବଲିଉଡ୍‌ରେ ପାଦ ଥାପିଥିଲେ ହିନ୍ଦୀ ସିନେମା 'ୟେ ଲମହେ ଜୁଦାଇ କେ' ମାଧ୍ୟମରେ । ଏହା ପରେ ସେ ଭୋଜପୁରୀ ଫିଲ୍ମରେ ଢେର ଲୋକପ୍ରିୟ ହୋଇଥିଲେ । ଦୁଇ ବର୍ଷ ଭିତରେ 'ତୁଳସୀ', 'ବଲମା ବଡ଼ା ନାଦାନ', 'ନଦିୟେ କି ତୀର', 'କବଲେ ଆୟେ ବାହାର' ଓ 'ତୋଝସେ ପ୍ୟାର ବା' ଆଦି ୧୨ଟି ଭୋଜପୁରୀ ସିନେମାରେ ଭିନ୍ନ ଭିନ୍ନ ଚରିତ୍ରରେ ଅବତୀର୍ଣ୍ଣ ହୋଇ ସେ ଏକ ପ୍ରତିଷ୍ଠିତ ନାୟିକା ପାଲଟିଗଲେ । ୨୦୦୬ରେ ଟିଭି ପରଦାକୁ ଆସି ସେ ଧାରାବାହିକ 'ରାବଣ'ରେ ମନ୍ଦୋଦରୀ ଚରିତ୍ରରେ ଦର୍ଶକଙ୍କୁ ଭରପୂର ମନୋରଂଜନ ଦେଇପାରିଥିଲେ ।

ଏହା ପରେ 'ପରୀ ହୁଁ ମେଁ', 'ସ୍... ଫିର କୋଇ ହୈ' ଓ 'ମିତ ମିଲା ଦେ ରବା' ଆଦି ଧାରାବାହିକ ପାଇଁ ତାଙ୍କୁ ଆଶାତୀତ ଲୋକପ୍ରିୟ ମିଳିଥିଲା । ତେବେ ୨୦୦୯ରୁ ୨୦୧୪ ଯାଏ ପ୍ରସାରିତ 'ଉତ୍ତରଣ' ଧାରାବାହିକରେ ସେ ନିର୍ବାହ କରିଥିବା ତପସ୍ୟା ଠାକୁର ଭୂମିକା ତାଙ୍କୁ ସବୁଠୁ ଦାମୀ ଟିଭି ତାରକାର ମର୍ଯ୍ୟାଦା ଆଣିଦେଇଥିଲା । ୨୦୧୭ରେ ଗୁଜରାଟୀ ଫିଲ୍ମ 'ସୁପରଷ୍ଟାର'ରେ ମଧ୍ୟ ସେ ନିଜକୁ ପରଖିଥିଲେ । ସେହିପରି ବିଭିନ୍ନ ବାସ୍ତବଧର୍ମୀ ଧାରାବାହିକରେ ରଶ୍ମି ପ୍ରତିଯୋଗୀ ସାଜି ନିଜ ପ୍ରଶଂସକମାନଙ୍କୁ ଆପ୍ୟାୟିତ କରିବା ସହ ୱେବ୍ ଧାରାବାହିକ 'ତନ୍ଦୁର'ରେ ନିଜର ଦକ୍ଷତା ଦେଖାଇଥିଲେ । ଗତ ବର୍ଷ ଖେଳିଥିବା ୱେବ୍ ଧାରାବାହିକ 'ରାତ୍ରି କେ ଯାତ୍ରୀ'ରେ ରଶ୍ମିଙ୍କ ପୂର୍ବ ଚମକ ବେଶ୍ ବାରି ହୋଇପଡ଼ିଥିଲା । ଗତବର୍ଷ 'କାତିଲାନା', 'ତେରେ ପିଣ୍ଡ', 'ପର୍ୱା' ଓ 'ଖୟାଲତ' ଆଦି ସଂଗୀତ ଭିଡିଓରେ ରଶ୍ମିଙ୍କ ନୃତ୍ୟାଭିନୟକୁ ଦର୍ଶକ ମନଭରି ଉପଭୋଗ କରିଛନ୍ତି ।

# ଦ୍ୱାଦଶ ଶ୍ରେଣୀ ପରେ ପାଠପଢ଼ା ଛାଡ଼ି ଦେଇଥିଲେ ଦୀପିକା : ବାପା-ମା'ଙ୍କ ଠାରୁ ଶୁଣିଥିଲେ ବହୁତ ଗାଳି



ଫିଲ୍ମ 'ପଠାନ' ଜାନୁଆରି ୨୫ରେ ୧୦୦ଟି ଦେଶର ୮୦୦୦ରୁ ଅଧିକ ପରଦାରେ ମୁକ୍ତିଲାଭ କରିଥିଲା । ଏଥିରେ ଶାହରୁଖ ଖାନ ଓ ଦୀପିକା ପାଦୁକୋଣଙ୍କ କେମେଷ୍ଟ୍ରିକୁ ଲୋକେ ବେଶ ପସନ୍ଦ କରୁଛନ୍ତି । ନିକଟରେ ପାଠପଢ଼ା କାହିଁକି ଅଧାରେ ରହିଗଲା ତାହାର କାରଣ ବଖାଣିଛନ୍ତି ଦୀପିକା ।

ଦୀପିକା କହିଛନ୍ତି, 'ମୁଁ ମଡେଲିଂ ଜୀବନ ୯ବର୍ଷ ବୟସରୁ ଆରମ୍ଭ କରିଛି । ମୁଁ ପାଠପଢ଼ା ଅପେକ୍ଷା ଅଭିନୟ ପ୍ରତି ଅଧିକ ରୁଚି ରଖୁଥିଲୁ । ପଠାପଢ଼ାରେ ମୋର ବିଶେଷ ମନ ଲାଗି ନଥାଏ । ବହୁତ କଷ୍ଟରେ ୧୦ମ ଓ ଦ୍ୱାଦଶ ଶ୍ରେଣୀ ପାସ ହୋଇଛି ।

ଯୁକ୍ତତିନରେ ବି ନାମ ଲେଖାଇଥିଲି, କିନ୍ତୁ ସମୟ ଅଭାବରୁ କଲେଜ ଯାଇ ପାରିଲି ନାହିଁ । ତେଣୁ ମୋ ପାଠପଢ଼ାରେ ଡୋରି ବନ୍ଧା ହୋଇଯାଇଥିଲା । ଆଉ ମଡେଲିଂ ଓ ଆଡ ଫିଲ୍ମ କାମ ପାଇଁ ମୁମ୍ବାଇରୁ ଦିଲ୍ଲୀ ଯିବା ଆସିବା କରିବାକୁ ପଡ଼ିଥାଏ । ତେଣୁ ପାଠ ବି ପଢ଼ି ହୋଇ ନଥାଏ ।

ଏହି କାରଣରୁ ବାପା-ମା'ଙ୍କ ଠାରୁ ବହୁତ ଗାଳି ବି ଖାଇଛି । ସେମାନେ ସବୁବେଳେ କହୁଥିଲେ ପାଠପଢ଼ା ଶେଷ କରିଦେ ତା'ପରେ ଯାହା କରିବାର ଅଛି କରିବୁ । କିନ୍ତୁ ପରେ ମୋର ଅଭିନୟ ପ୍ରତି ନିଷ୍ଠା ଦେଖି ମୋତେ ମୋ ଲକ୍ଷ୍ୟରେ ଆଗେଇ ଯିବାକୁ କହିଥିଲେ । ଯେମିତି କି ମୋତେ ଉଡ଼ିବା ପାଇଁ ଡେଣା ଲଗାଇ ଦେଇଥିଲେ । ସେମାନଙ୍କ ସମର୍ଥନ ପାଇଁ ଆଜି ମୁଁ ଏହି ସ୍ଥାନରେ ଆସି ଛିଡ଼ା ହୋଇଛି । ଆଇ ଲଭ ୟୁ ମମି-ବାପା ।

ଜୀବନରେ ଆପଣ ଯାହା କରିବାକୁ ଲକ୍ଷ୍ୟ ରଖିଛନ୍ତି ସେଦିଗରେ ହିଁ ଆଗେଇ ଚାଲନ୍ତୁ, ସଫଳତା ନିଶ୍ଚୟ ପାଇବେ ।'

# ଫିଲ୍ମ 'ଶ୍ରୀ' ସହିତ ବଲିଉଡକୁ ଫେରିବେ ଜ୍ୟୋତିକା

ସାଉଥର ଲୋକପ୍ରିୟ ଅଭିନେତ୍ରୀ ଜ୍ୟୋତିକା ଖୁବ ଶୀଘ୍ର ବଲିଉଡକୁ ଫେରିବାକୁ ଯାଉଛନ୍ତି । ଅଭିନେତ୍ରୀ ଫିଲ୍ମ 'ଶ୍ରୀ' ସହିତ ବଲିଉଡକୁ ଫେରିବେ । ଏବେ ଏହି ଫିଲ୍ମ ପାଇଁ ସୁଟିଂ ଶେଷ ହୋଇଛି । ଜ୍ୟୋତିକା ଏହି ଫିଲ୍ମରେ ବଲିଉଡ ଅଭିନେତା ରାଜକୁମାର ରାଓଙ୍କ ବିପକ୍ଷରେ ନଜର ଆସିବେ । ଅଭିନେତ୍ରୀ ନିଜ ଇନଷ୍ଟାଗ୍ରାମ ଆକାଉଣ୍ଟରେ ରାଜକୁମାରଙ୍କ ସହ ଫଟୋ ସେୟାର କରି ଏହି ସୂଚନା ଦେଇଛନ୍ତି । 'ଶ୍ରୀ'ର ନିର୍ଦ୍ଦେଶନା ତୁଷାର ଦେଉଥିବା ବେଳେ ଏହାର ପ୍ରଯୋଜକ ଅଛନ୍ତି ନିଧି ପରମାର ହିରାନନ୍ଦାନୀ । ତେବେ ସୁଟିଂ ଶେଷ କରିବା ପରେ ରାଜକୁମାରଙ୍କ ସହ ଫଟୋ ସେୟାର କରି ଅଭିନେତ୍ରୀ ଲେଖିଛନ୍ତି, 'ଭାରୀ ହୃଦୟ ସହ ମୁଁ ଫିଲ୍ମ 'ଶ୍ରୀ'ରେ ଥିବା ମୋ ଭାଗର ସୁଟିଂ ଶେଷ କରିଛି । ମୁଁ ଏପର୍ଯ୍ୟନ୍ତ କାର୍ଯ୍ୟ କରିଥିବା ସର୍ବୋତ୍ତମ କ୍ରୁମାନଙ୍କ ମଧ୍ୟରୁ ଏହା ଅନ୍ୟତମ । ମୋତେ ଏହି ଅର୍ଥପୂର୍ଣ୍ଣ ସିନେମାର ଏକ ଅଂଶ କରିଥିବାରୁ ତୁଷାର ଏବଂ ନିଧିଙ୍କୁ ଧନ୍ୟବାଦ । ରାଜ, ମୁଁ ତୁମର ଜଣେ ବଡ ପ୍ରଶଂସକ । ବଲିଉଡର ଜଣେ ସର୍ବୋତ୍ତମ ଅଭିନେତାଙ୍କ ସହ ସ୍କ୍ରିନ୍ ସ୍ପେସ୍ ସେୟାର କରିବା ଏକ ଗୌରବର ବିଷୟ । ତୁମଠାରୁ ବହୁତ କିଛି ଶିଖିଛି ଏବଂ ଜଣେ କଳାକାର ଭାବରେ ମୁଁ ଏହି ଟିମରୁ ଯାହା ନେଉଛି ତାହା ହେଉଛି ... ଅଭିବୃଦ୍ଧି ।'



# କାରରେ ନୁହେଁ, ହେଲିକପ୍ଟର ଯୋଗେ ପ୍ରତିଦିନ ସୁଟିଂ ସେଟକୁ ଯାଉଛନ୍ତି କମଲ ହାସନ



ଟଲିଉଡ ଏବଂ ବଲିଉଡ ସିନେମାର ଲୋକପ୍ରିୟ ଅଭିନେତା କମଲ ହାସନ ଏବେ ନିଜ ସଫଳତାକୁ ଉପଭୋଗ କରୁଛନ୍ତି । ଯେବେଠାରୁ ଫିଲ୍ମ 'ବିକ୍ରମ' ବକ୍ସ ଅଫିସରେ ୪୦୦କୋଟି ଟଙ୍କା ରୋଜଗାର କରିଛି ସେବେଠାରୁ କମଲ ହାସନଙ୍କ ଅଭିନୟ କ୍ୟାରିୟର ପୁଣି ଥରେ ଉପରମୁହାଁ ହୋଇଛି । ମଝିରେ ସେ ରାଜନୀତିରେ ପ୍ରବେଶ କରିବା ପାଇଁ ଫିଲ୍ମରୁ ବିରତି ନେଇଥିଲେ । ହେଲେ ପରେ ସେ ନିଜ ନିଷ୍ପତ୍ତି ବଦଳାଇ ଫିଲ୍ମ 'ବିକ୍ରମ' ସହ ବଡ଼ ପରଦାକୁ ଫେରିଥିଲେ । ଏତେ ଦିନର ବ୍ୟବଧାନ ପରେ କମଲ ଫେରିଥିଲେ ବି ତାଙ୍କ କ୍ରେଜ ପୂର୍ବଭଳି ରହିଛି ବୋଲି ଫିଲ୍ମର ଆୟ ପ୍ରମାଣ କରିଥିଲା ।

ଏହି ଫିଲ୍ମର ସଫଳତା ପରେ କମଲ ଏବେ ଫିଲ୍ମ 'ଇଣ୍ଡିଆନ୍-୨' ପାଇଁ ସୁଟିଂ ଆରମ୍ଭ କରିଛନ୍ତି । ଏହି ଚଳଚ୍ଚିତ୍ରର ସୁଟିଂ ସମୟରେ ସେ କାରରେ ନୁହେଁ ବରଂ ହେଲିକପ୍ଟର ଯୋଗେ ସୁଟିଂ ସେଟ୍ ଯାଉଥିବା ଜଣାପଡ଼ିଛି । କମଲ ହାସନ ଏବେ ହେଲିକପ୍ଟରକୁ ତାଙ୍କ କ୍ୟାବରେ ପରିଣତ କରିଛନ୍ତି । ଅଭିନେତା ପ୍ରତିଦିନ ହେଲିକପ୍ଟରରେ ଯାତାୟାତ କରୁଥିବା ଜଣାପଡ଼ିଛି । ଏହାର ଏକ ଭିଡିଓ ମଧ୍ୟ ଏବେ ସାମ୍ନାକୁ ଆସିଛି, ଯେଉଁଥିରେ କମଲ ହେଲିକପ୍ଟରରେ ବସୁଥିବା ଦେଖାଯାଇଛି ।

# ଭିକାରି ଭାବି ଟଙ୍କା ଫିଙ୍ଗୁଥିଲେ ଲୋକେ: ୩ଫୁଟର ଅବଦୁ ରୋଜିକ ବଖାଣିଲେ ନିଜ ଦୁଃଖ

୩ଫୁଟର ଅବଦୁ ରୋଜିକ ନିଜ ଦୁଃଖ ବଖାଣି କହିଛନ୍ତି, 'ଏମିତି ଏକ ସମୟ ଥିଲା ଲୋକେ ଭିକାରି ଭାବି ମୋ ଉପରକୁ ଟଙ୍କା ଫିଙ୍ଗୁଥିଲେ ।' 'ବିଗ ବସ' ସିଜନ ୧୬ରୁ ନିଜର କ୍ୟାରିୟର ଆରମ୍ଭ କରିଥିଲେ ୩ଫୁଟର ଅବଦୁ । ଏହି ସୋ' ଜରିଆରେ ସମଗ୍ର ଦେଶରେ ସେ ଲୋକପ୍ରିୟତା ହାସଲ କରିଥିଲେ । ଏବେ ଅବଦୁ ରୋଜିକ କୋଟିକୋଟି ଟଙ୍କାର ମାଲିକ ଥିବା ବେଳେ ସେ ବିଳାସମୟ ଜୀବନ ଅତିବାହିତ କରୁଛନ୍ତି । ଏମିତି କି ସଲମାନ ବି ତାଙ୍କର ଜଣେ ବଡ଼ ଫ୍ୟାନ ରହିଛନ୍ତି । ତେବେ ଏଭଳି ସୁଖ ଓ ବିଳାସମୟ ଜୀବନ ଅବଦୁ ରୋଜିକଙ୍କୁ ସହଜରେ ମିଳି ନାହିଁ । ଏଥିପାଇଁ ତାଙ୍କୁ ଅନେକ ସଂଘର୍ଷ କରିବା ସହିତ ଲୋକଙ୍କ ଠାରୁ ଟାହିଟାପରା ବି ଶୁଣିବାକୁ ମିଳିଛି । ଅବଦୁ ପ୍ରଥମେ ମାର୍କେଟ ଓ ରାସ୍ତାରେ ଗୀତ ଗାଉଥିଲେ । ତାଙ୍କର ଉଚ୍ଚତା କମ ଥିବା ହେତୁ ଅନେକ ଲୋକ ତାଙ୍କୁ ଥଟ୍ଟା କରିବା ସହିତ ଭିକାରି ଭାବି ଟଙ୍କା ଫିଙ୍ଗି ଚାଲି ଯାଉଥିଲେ । ଆଉ ଏମିତି ବି ସ୍ଥାନ ଅଛି ଗୀତ ଗାଉଥିବା ବେଳେ ଲୋକେ ତାଙ୍କୁ ଉକ୍ତ ସ୍ଥାନରୁ ତଡ଼ି ମଧ୍ୟ ଦେଇଥିଲେ । ଏମିତି କି ଛୋଟ ଉଚ୍ଚତା ପାଇଁ ସେ ସ୍କୁଲ ପାଠପଢ଼ା ବନ୍ଦ କରି ଦେଇଥିଲେ । କାରଣ ଉଚ୍ଚତାକୁ ନେଇ ତାଙ୍କ ସହପାଠୀମାନେ ଚିଡ଼ାଉ ଥିଲେ, କେହି ସାଙ୍ଗ ହେଉ ନଥିଲେ । ଏହି କାରଣରୁ ତାଙ୍କୁ ଏକାଏକା ଲାଗୁଥିଲା ।



ଏଥିସହିତ ଅବଦୁ କହିଛନ୍ତି, ' ଏସବୁକୁ ଖାତିର ନକରି ସେ ଆଗକୁ ବଢ଼ିଥିଲେ । ଆଉ ଆଜି ସମସ୍ତେ ତାଙ୍କ ସଫଳତାକୁ ଦେଖୁଛନ୍ତି । କିଛିଲୋକ ତାଙ୍କ ସଂଘର୍ଷମୟ ଜୀବନ ଠାରୁ ଆରମ୍ଭ କରି ସଫଳତା ଯାତ୍ରାକୁ ନେଇ କିଛି ପ୍ରେରଣା ପାଇଥିବା କହିଛନ୍ତି ।

# ନୂଆ ରୂପରେ ମୁକ୍ତିଲାଭ କରିବ 'ଶଳା ବୁଢ଼ାର୍ ବଦ୍‌ଲା'

ପୂର୍ବରୁ ସୁପରହିଟ୍ ହୋଇ ସାରିଥିବା ସବ୍ୟସାଚୀ ମହାପାତ୍ରଙ୍କ ଜାତୀୟ ପୁରସ୍କାର ବିଜୟୀ ସମ୍ବଲପୁରୀ ଚଳଚ୍ଚିତ୍ର 'ଶଳା ବୁଢ଼ାର୍ ବଦ୍‌ଲା' ପୁଣିଥରେ ନୂଆ ପ୍ରସ୍ତୁତି ସହ ସାରା ଭାରତରେ ମୁକ୍ତିଲାଭ କରିବାକୁ ଯାଉଛି । ମୂଳତଃ ସମ୍ବଲପୁରୀ/କୋଶଲି ଭାଷାରେ ନିର୍ମିତ ଏହି ସିନେମା ଶଳାବୁଢ଼ା ଶୃଂଖଳାର ତୃତୀୟ ସିନେମା । ଏହି ସିନେମାରେ ପାରଂପରିକ ଓଡ଼ିଆ ସଂସ୍କୃତି, ପରଂପରା ଓ ଚଳଣିର ଝଲକ ରହିଛି ଯାହା ୨୦୨୧ର ୬୭ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ପୁରସ୍କୃତ ହୋଇଥିଲା । ନୂଆକରି ଏହି ଚଳଚ୍ଚିତ୍ରକୁ ଉନ୍ନତ ସାଉଣ୍ଡ ମିକିଂ ଓ ଓଡ଼ିଆ ଭାଷାରେ ଡବିଂ କରି ପ୍ରସ୍ତୁତ କରାଯାଇଛି । ପୁଣିଥରେ ଏହା ସୁପରହିଟ୍ ହେବ ବୋଲି ନିର୍ମାତା ଆଶା ରଖିଛନ୍ତି । ୨ ବର୍ଷ ତଳେ ଏହା ପଶ୍ଚିମ ଓଡ଼ିଶାରେ ମୁକ୍ତିଲାଭ କରି ସୁପରହିଟ୍ ହୋଇଥିଲା । ବିଭିନ୍ନ ସିନେମାଘରେ ଏହାର ରେକର୍ଡ ୬ ସପ୍ତାହ ପର୍ଯ୍ୟନ୍ତ ହାଉସ୍‌ଫୁଲ ଯାଇଥିଲା । ଏହାକୁ ସାରା ଓଡ଼ିଶାରେ ରିଲିଜ୍ କରିବା ଯୋଜନା ଥିବାବେଳେ କୋଭିଡ୍ ମହାମାରୀର ଆଗମନ କାରଣରୁ ସବୁ ବନ୍ଦ ହୋଇ ଯାଇଥିଲା । ବର୍ତ୍ତମାନ ନୂଆଭାବେ ପ୍ରସ୍ତୁତି ସିନେମାଟି ଆସନ୍ତା ମାର୍ଚ୍ଚ ସୁଦ୍ଧା ମୁକ୍ତିଲାଭ କରିବ ଓ ଲୋକେ ଏହାକୁ ପସନ୍ଦ କରିବେ ବୋଲି ନିର୍ଦ୍ଦେଶକ ଶ୍ରୀ ମହାପାତ୍ର ଆଶାବ୍ୟକ୍ତ କରିଛନ୍ତି । ପୂର୍ବରୁ ଶ୍ରୀ ମହାପାତ୍ରଙ୍କର ଭୁଖା, ଶଳାବୁଢ଼ା, ଆଦିମ ବିଚାର ଭଳି କଳାତ୍ମକ ସିନେମା ଗୁଡ଼ିକ ଜାତୀୟ ପୁରସ୍କାର ପାଇବା ସହ ବ୍ୟବସାୟିକ ସଫଳତା ବି ଲାଭ କରିଛି । ବର୍ତ୍ତମାନ କଳାତ୍ମକ ଓ ବ୍ୟବସାୟିକ ଚଳଚ୍ଚିତ୍ର ମଧ୍ୟରେ ଥିବା ବନ୍ଧ ଭାଙ୍ଗି ସାରିଛି ଓ ଲୋକେ କଳାତ୍ମକ ସିନେମାକୁ ବହୁ ସଂଖ୍ୟାରେ ଦେଖି ବ୍ୟବସାୟିକ ସଫଳତା ଦେଉଛନ୍ତି ବୋଲି ନିର୍ମାତା କୁମାର ସି. ଦେବ କହିଛନ୍ତି ।



# ରାଜ୍ୟବ୍ୟାପୀ ଡିଭିଜନସ୍ତରରେ ପାଣି ପଂଚାୟତ ପକ୍ଷ ପାଳନ

ଭୁବନେଶ୍ୱର , ୨/୦୨ (ନି.ପ୍ର): ରାଜ୍ୟ ଜଳ ସଂପଦ ବିଭାଗ ତରଫରୁ ଆଜିଠାରୁ ଫେବୃୟାରୀ ୧୫ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପାଣି ପଂଚାୟତ ପକ୍ଷ ପାଳନ କରାଯାଉଛି । ଜଳ ପରିଚାଳନା କ୍ଷେତ୍ରରେ ପାଣି ପଂଚାୟତଗୁଡିକର ଗୁରୁତ୍ୱପୂର୍ଣ୍ଣ ଭୂମିକା, ସହଭାଗୀ ଜଳସେଚନ ମାଧ୍ୟମରେ ତୃଣମୂଳସ୍ତରରେ ଜଳର ଉପଲବ୍ଧତାରେ ଗୁଣାତ୍ମକ ମାନ ବୃଦ୍ଧି ଆଦି ପରିପ୍ରେକ୍ଷୀରେ ଏହି ପାଣି ପଂଚାୟତ ପକ୍ଷ ପାଳନ କରାଯାଛି। ଚଳିତ ବର୍ଷ ପାଣି ପଂଚାୟତ ପକ୍ଷ ଫେବୃୟାରୀ ୧ତାରିଖରେ ସମସ୍ତ ଡିଭିଜନ ସ୍ତରରେ , ଫେବୃୟାରୀ ୮ରେ ସମସ୍ତ ଜିଲ୍ଲା ଏବଂ ଫେବୃୟାରୀ ୧୫ରେ ରାଜ୍ୟସ୍ତରରେ ଏହିପରି ୩ଟି ସ୍ତରରେ ପାଳନ କରାଯିବାକୁ ଥିବା ପରିପ୍ରେକ୍ଷୀରେ ଆଜି ରାଜ୍ୟର ୧୧୭ଟି ପାଣି ପଂଚାୟତ ଡିଭିଜନ ସ୍ତରରେ ପାଣି ପଂଚାୟତ ପକ୍ଷ ପାଳନର ଶୁଭାରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ପାଣି ପଂଚାୟତର ଭୂମିକା ସଂପର୍କରେ ବାର୍ତା ନେଇ ପରିକ୍ରମା କରୁଥିବା ସଚେତନତା ରଥ ସବୁ ବିଭିନ୍ନ ଡିଭିଜନରେ ସ୍ଥାନୀୟ ମାନ୍ୟବର ମନ୍ତ୍ରୀମାନେ ମାନ୍ୟବର ବିଧାୟକ ଓ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ସେହିପରି ବିଭିନ୍ନ ଜିଲ୍ଲାରେ ଜିଲ୍ଲାପାଳମାନେ ମଧ୍ୟ ପତାକା ଦେଖାଇ ରଥ ଯାତ୍ରାର ଶୁଭାରମ୍ଭ କରିଥିଲେ ।

କଟକରେ ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀ ସଂପଦ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପତାକା ଦେଖାଇ ପାଣି ପଂଚାୟତ ରଥର ଶୁଭାରମ୍ଭ କରିଥିବା ବେଳେ , ରାୟଗଡା ଠାରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ମନ୍ତ୍ରୀ ଶ୍ରୀ ଜଗନ୍ନାଥ ସାରକା ଏବଂ ଅନୁଗୋଳଠାରେ ଉପବାଚସ୍ପତି ଶ୍ରୀ ରଜନୀକାନ୍ତ ସିଂ ରଥର ଶୁଭାରମ୍ଭ କରିଥିଲେ । ଏହା ବ୍ୟତୀତ ବିଧାୟକ ଭଦ୍ରକ, ବିଧାୟକ ବରବଡ, ବିଧାୟକ ତଳସରା, ବିଧାୟକ,ଚିତ୍ରକୋଣ୍ଡା,ବିଧାୟକ ପାଲଲହଡା, ବିଧାୟକ, ଦଶପଲ୍ଲା, ବିଧାୟକ, ଚମ୍ପୁଆ, ବିଧାୟକ, ଘସିପୁରା, ବିଧାୟକ, ଡାବୁଗାଁ,ବିଧାୟକ,ଉମରକୋଟ ପ୍ରମୁଖ ନିଜ ନିଜ ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ପାଣି ପଂଚାୟତ ଡିଭିଜନରେ ପତାକା ଦେଖାଇ ପାଣି ପଂଚାୟତ ପାଳନ ପକ୍ଷ କାର୍ଯ୍ୟକ୍ରମ ଓ ରଥ ପରିକ୍ରମାର ଶୁଭାରମ୍ଭ କରିଥିଲେ । ସେହିପରି ବିଭିନ୍ନ ଜିଲ୍ଲାରେ ଜିଲ୍ଲାପାଳମାନେ ମଧ୍ୟ ପତାକା ଦେଖାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।

ଏହି ପରିପ୍ରେକ୍ଷୀରେ ବିଭିନ୍ନ ଡିଭିଜନ ସ୍ତରରେ ବିଦ୍ୟାଳୟ ଗୁଡିକରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ ଲିଖନ, ପେଂଟିଂ ଓ କୁଇଜ୍ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପାଣି ପଂଚାୟତ ପକ୍ଷ ପାଳନ ଅବସରରେ ବିଭିନ୍ନ ସ୍ତରରେ ପ୍ରଦର୍ଶନୀ ଓ ପାଣି ପଂଚାୟତ ସମାବେଶମାନ ଆୟୋଜନ କରାଯାଇଛି । ସୂଚନା, ଶିକ୍ଷା ଓ ଯୋଗାଯୋଗ କାର୍ଯ୍ୟକ୍ରମ, ପ୍ରଦର୍ଶନୀ ମାଧ୍ୟମରେ ଜଳର ଉପଯୁକ୍ତ ବିନିଯୋଗ ନେଇ ସାମାଜିକ-ବ୍ୟବହାରିକ ପରିବର୍ତ୍ତନର ଆବଶ୍ୟକତା ସଂପର୍କରେ ସଚେତନତା ସଭା ଓ ପାଣି ପଂଚାୟତ ରଥ ପରିକ୍ରମା କରୁଛି । ଏହି ପରିପ୍ରେକ୍ଷୀରେ ବ୍ୟାନର , ପାଣି ପଂଚାୟତ ପକ୍ଷ ପାଳନ ଲୋଗୋ, ସ୍ଲୋଗାନ, ସଂଗୀତ, ଶପଥ ପାଠ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ସେହିପରି ବିଭିନ୍ନ ଜିଲ୍ଲା ପାଇଁ ଜଳ ପ୍ରଭାରୀ ଭାବେ ନିୟୋଜିତ ଜଳ ସଂପଦ ବିଭାଗର ବରିଷ୍ଠ ଅଧିକାରୀମାନେ ଏହି ସବୁ କାର୍ଯ୍ୟକ୍ରମକୁ ତଦାରଖ କରୁଛନ୍ତି ।

# ଅନୈତିକ ଲିଙ୍ଗ ନିରୂପଣ ହେଲେ ଦୃଢ କାର୍ଯ୍ୟାନୁଷ୍ଠାନ ହେବ: ଜିଲ୍ଲାପାଳ

ସୁବର୍ଣ୍ଣପୁର , ୨/୦୨ (ନି.ପ୍ର): ପିସି ଏବଂ ପିଏନଡିଟି ଜିଲ୍ଲା ପରାମର୍ଶଦାତା କମିଟିର ସ୍ୱତନ୍ତ୍ର ବୈଠକ ଆଜି ସୁବର୍ଣ୍ଣପୁର ଜିଲ୍ଲାପାଳ ଅବୋଲି ସୁନୀଲ ନରଓ୍ୱଣେ ଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି । ସୁବର୍ଣ୍ଣପୁର ଜିଲ୍ଲାରେ କ୍ରମଶଃ ହ୍ରାସ ପାଉଥିବା କନ୍ୟା ସନ୍ତାନ ସଂଖ୍ୟାକୁ ନେଇ ଜିଲ୍ଲାପାଳ ଉଦବେଗ ପ୍ରକାଶ କରିବା ସହ ଏଥି ନିମନ୍ତେ ସମସ୍ତେ ସଜାଗ ରହିବାକୁ ସୂଚାଇଥିଲେ। ଯଦି ଜିଲ୍ଲାର କୌଣସି ଅଲଟ୍ରାସାଉଣ୍ଡ କ୍ଲିନିକରେ ଲିଙ୍ଗ ନିରୂପଣ ହେବାର ପ୍ରମାଣିତ ହୁଏ ତେବେ ଆଇନତଃ ଦୃଷ୍ଟାନ୍ତ ମୂଳକ ଦଣ୍ଡ ବିଧାନ କରାଯିବ ବୋଲି ଜିଲ୍ଲାପାଳ ଏହି ଅବସରରେ ଉଲ୍ଲେଖ କରିଥିଲେ । ଏଥି ନିମନ୍ତେ ଦୋଷୀଙ୍କୁ ତିନି ବର୍ଷ ଯାଏଁ ଜେଲ ଦଣ୍ଡ ଏବଂ ଦଶ ହଜାର ଟଙ୍କା ପର୍ଯ୍ୟନ୍ତ ଜରିବାନାରେ ଦଣ୍ଡିତ କରାଯାଇପାରେ । ଜିଲ୍ଲାର ଯେ କୌଣସି ପିସି ଏଣ୍ଡ ପି ଏନ ଡି ଟି ସମ୍ବନ୍ଧୀୟ ପ୍ରସଙ୍ଗ ପାଇଁ ଜନସାଧାରଣ ଚାଇଲ୍ଡ ଲାଇନ୍ ନମ୍ବର ୧୦୮ ଟୋଲ୍ ଫ୍ରି ନମ୍ବରରେ ଯୋଗାଯୋଗ କରିପାରିବେ ଛ ଅନୈତିକ ଭୃଣ ନିରୂପଣ ନିମନ୍ତେ ଯୋଗ୍ୟ ସୂଚନାଦାତା ଙ୍କୁ ସରକାର ଙ୍କ ତରଫରୁ ଅର୍ଥରାଶିର ପ୍ରୋତ୍ସାହନ ବ୍ୟବସ୍ଥା ରହିଛି ଛ ସୂଚନା ପ୍ରଦାନ ଦିଗରେ ସୂଚନାଦାତାଙ୍କୁ ୨୫୦୦୦/-ପର୍ଯ୍ୟନ୍ତ ପ୍ରୋତ୍ସାହନ ଦିଆଯିବ । ସୂଚନାଦାତାଙ୍କୁ ତିନୋଟି କିସ୍ତିରେ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଥିବା ବେଳେ,ପ୍ରଥମ କିସ୍ତି ୫,୦୦୦ / -, ସଫଳ ସୂଚନା ପରେ ୨ୟ କିସ୍ତି ୧୦,୦୦୦ /- ଓ ୩ୟ କିସ୍ତି ରେ ଯାଂଚ ପରିଚାଳନାରେ ସହଯୋଗ ପାଇଁ ୧୦,୦୦୦ / - ଟଙ୍କା ପ୍ରଦାନ ର ବ୍ୟବସ୍ଥା ରହିଛି କ୍ଷ ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଶ୍ୱରଂଜନ ପତି, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡାକ୍ତର ଦୈତ୍ୟ ନାରାୟଣ ପାଢୀ, ଅତିରିକ୍ତ , ଡ଼ିଏମଓ ଡାକ୍ତର ଦୁର୍ଗାଦତ ଦାଶ , ଡାକ୍ତର ପ୍ରକାଶ ଚନ୍ଦ୍ର ଦଣ୍ଡସେନା, ଡାକ୍ତର ଦିଲ୍ଲୀପ ପୁରୋହିତ,ଡାକ୍ତର ଜିତାରାମ ବିଦ,ଡାକ୍ତର ନରେନ୍ଦ୍ର ମେହେର, ଏଡଭୋକେଟ ଅଟଳ ମହାପାତ୍ର, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ସାମ୍ବାଦିକ ସ୍ୱାଧୀନ ମେହେର, ଡିସିପିଓ ଚତୁର୍ଭୁଜ ଦାଶ, ଜିଲ୍ଲା ପରାମର୍ଶଦାତା ବାଲ୍ୟ ବିବାହ ନିରାକରଣ ରାକେଶ ପ୍ରଧାନ, ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ସାହୁ, ଡିପିଏମ ବିଶ୍ୱମ୍ଭର ବେହେରା, ଡିଏମଆରସିଏଚ ସୁଧାଂଶୁ ନାୟକ, ଏଏମଏଲଏ ଏବଂ ଆଇ ଏସ ଶୋଭାନା ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ପ୍ରଶାସନିକ ବୈଠକ

ଜୟପୁର, ୨/୦୨ (ନି.ପ୍ର): ଆସନ୍ତା ୩ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜୟପୁର ଗସ୍ତରେ ଆସୁଛନ୍ତି । ଏହି ଗସ୍ତ ସମ୍ପୁର୍ଣ୍ଣ ସରକାରୀ କାଯ୍ୟକ୍ରମ ହୋଇଥିବାରୁ ଜୟପୁର ପୌର ପାଳିକା ତରଫରୁ ଟାଉନ ହଲ ଓ ବ୍ଲକ ତରଫରୁ ବ୍ଲକ ସଭା ଗୃହରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ପୌର ପାଳିକା ତରଫରୁ ଆୟୋଜିତ ବୈଠକରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପୌର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଉପାଧ୍ୟକ୍ଷ ବି. ସୁନିତା, ପୌର କାଯ୍ୟନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ, ପୌର କର୍ମଚାରି, କାଉନସିଲର ପ୍ରମୁଖ ଉପସ୍ଥିତ ରହିଥିଲେ । ସେହିପରି ବ୍ଲକ ସଭା ଗୃହରେ ବିଡିଓ ରାଜୀବ ଦାସ, ସହକାରି ଯନ୍ତ୍ରୀ ବିଶ୍ୱ ନାଥ ପାତ୍ର ଲୋକ ପ୍ରତିନିଧି ମାନେ ଉପସ୍ଥତ ରହିଥିଲେ। ବୈଠକରେ ଲୋକ କିପରି ଆସିବେ, କେଉଠି ଖାଇବେ ସମସ୍ତ ଦିଗ ଉପରେ ଆଲୋଚନା କରାଯାଇଥିଲା ।

# ଷଷ୍ଠ ଯଶୁଆପୁର ମହୋତ୍ସବ-୨୦୨୩ ଉପଲକ୍ଷେ ସ୍ୱତନ୍ତ୍ର ଡାକ ଲଫାପା ଉନ୍ମୋଚିତ

ଭୁବନେଶ୍ୱର, ୨/୦୨ (ନି.ପ୍ର): ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଯଶୁଆପୁର ଗ୍ରାମର ସାମାଜିକ ଅନୁଷ୍ଠାନ ଯଶୁଆପୁର ବିକାଶ ପରିଷଦ ଓ ଡାକ ବିଭାଗ, ଓଡ଼ିଶା, ଭୁବନେଶ୍ୱରଙ୍କ ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ମୁଖ୍ୟ ଡାକଘରଠାରେ ଷଷ୍ଠ ଯଶୁଆପୁର ମହୋତ୍ସବ-୨୦୨୩ ଉପଲକ୍ଷେ ସ୍ୱତନ୍ତ୍ର ଡାକ ଲଫାପା ଉନ୍ମୋଚିତ ହୋଇଯାଇଛି। ଯଶୁଆପୁର ବିକାଶ ପରିଷଦର ପ୍ରତିଷ୍ଠାତା ତଥା ସାମଜସେବୀ ରଞ୍ଜନ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜୟଦେବ ବିଧାୟକ ଡଃ ଅରବିନ୍ଦ ଢାଲି ଯୋଗଦେଇ ଡାକ ଲଫାପାକୁ ଉନ୍ମୋଚନ କରିଥିଲେ। ସମ୍ମାନିତ ଅତିଥି ଭାବରେ ପୂର୍ବତନ ବିଧାୟକ ତଥା ପରିବେଶବିତ୍ ଡଃ ଦିଲ୍ଲୀପ ଶ୍ରୀଚନ୍ଦନ, ଡାକ ବିଭାଗର ମୁଖ୍ୟ ପୋଷ୍ଟ ମାଷ୍ଟର ମନୋଜ କୁମାର ପଟ୍ଟନାୟକ, ବିଜୁ ଜନତା ଦଳର ମୁଖପାତ୍ର ତଥା ବସୁଧାର ଉପଦେଷ୍ଟା ଅପୂର୍ବା ଅପରୂପା, ବିଶିଷ୍ଟ ଶିକ୍ଷାବିତ୍ ବିଧୁଭୂଷଣ ପଟ୍ଟନାୟକ, ପ୍ରମୋଦ ପାଢୀ, ନାରାୟଣ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନର ସଦସ୍ୟ ତାପସ ରଞ୍ଜନ ମଲ୍ଲିକ, ବିଶ୍ୱଜିତ ସାମନ୍ତରାୟ, ଦୀପକ କୁମାର ସ୍ୱାଇଁ, ଲକ୍ଷ୍ମଣ ଜେନା, ଅଭିମନ୍ୟୁ ଭୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହିଡାକ ଲଫାପାକୁ ଅଜିତ କୁମାର ରାଉତ ଅଳଙ୍କୃତ କରିଥିଲେ।

# କେନ୍ଦୁଝରଗଡ଼ ମ୍ୟୁନିସିପାଲଟିରେ ଅବହେଳିତ ପୋଖରୀର ପୁନରୁଦ୍ଧାର କେବେ ?

କେନ୍ଦୁଝର, ୨/୦୨ (ନି.ପ୍ର): କେନ୍ଦୁଝରଗଡ଼ ମ୍ୟୁନିସପାଲଟି ଅଂଚଳ ମଧ୍ୟରେ ରାଜା ରାଜୋଡା ସମୟରୁ ରହିଥିବା ତଥା ଅବହଳିତ ଅବସ୍ଥାରେ ପଡି ରହିଥିବା କେତେକ ପୋଖରୀର ଇତିମଧ୍ୟରେ ପୁନରୁଦ୍ଧାର ସାଙ୍ଗକୁ ସୌନ୍ଦର୍ଯ୍ୟକରଣ କାର୍ଯ୍ୟକ୍ରମ ବିଭାଗ ପକ୍ଷରୁ ଗ୍ରହଣ କରାଯିବା ସହ ଶେଷ ମଧ୍ୟ କରାଯାଇଛି । ସେ ସମୟରେ ପ୍ରଜା ମାନଙ୍କର ହିତ ତଥା ବ୍ୟବହାର ପାଇଁ ରାଜାମାନେ ପୋଖରୀ ମାନ ଖୋଳିଥିଲେ । ଯାହା ମଧ୍ୟରେ ପୁରାତନ ହାଡବନ୍ଧ ପୋଖରୀ, ବଡଶାସନ ପୋଖରୀ ଆଦି ରହିଛି । ଅବଶ୍ୟ ଖଣିଜ ପାଣ୍ଠିରୁ ଏଥିପାଇଁ ଅର୍ଥ ଯୋଗାଇ ଦିଆଯାଉଛି । ତଥାପି ଅନ୍ୟ କେତେକ ପୋଖରୀ ରହିଯାଇଥିଲେ ମଧ୍ୟ ଦୃଷ୍ଟି ଦିଆଯାଉ ନଥିବା ଅଭିଯୋଗ ହେଉଛି । ଯଦିଓ ପୂର୍ବରୁ କେତେକ କ୍ଷେତ୍ରରେ ବର୍ଷକୁ ବର୍ଷ କେନ୍ଦୁଝରଗଡ଼ ମ୍ୟୁନିସିପାଲଟି ପକ୍ଷରୁ ପୋଖରୀର ପୁନରୁଦ୍ଧାର ନାମରେ କେବଳ କେତେକ ପୋଖରୀର ଅଧପନ୍ତରିଆ ପଙ୍କ ଉଦ୍ଧାର କରାଯାଇ କାର୍ଯ୍ୟ ଶେଷ ଦର୍ଶାଯାଇ ବିଲ୍ କରାଯାଇଥାଏ । ଯଦିଓ ଚଳିତ ଥର ପୁନୁରୁଦ୍ଧାର ସାଙ୍ଗକୁ ସୌନ୍ଦର୍ଯ୍ୟକରଣ କାର୍ଯ୍ୟକ୍ରମ କରାଯାଉଛି । ଏଥର ଦ୍ୱିତୀୟ ଥର ପାଇଁ ବିଳମ୍ବରେ ହେଲେ ବି ପୁଣି ପାଓ୍ୱାର ହାଉସ ଓ ଉପାଧ୍ୟାୟ ପୋଖରୀ ଦ୍ୱୟର ପୁନରୁଦ୍ଧାର ସାଙ୍ଗକୁ ସୌନ୍ଦର୍ଯ୍ୟକରଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏଥିପାଇଁ ସର୍ଭେ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଛି । ଓଡିଶା ବ୍ରିଜ କନଷ୍ଟ୍ରକସନ କମ୍ପାନୀ ପକ୍ଷରୁ ଏହି କାମ କରାଯାଉଥିବା ଜଣାପଡିଛି । କିନ୍ତୁ, ସବୁ ସତ୍ତ୍ୱେ ଏବେ ବି କେନ୍ଦୁଝରଗଡ଼ ମ୍ୟୁନିସିପାଲଟି ଅଂଚଳରେ ଅନ୍ୟ କେତେକ ପୋଖରୀ ଅବହେଳିତ ଅବସ୍ଥାରେ ରହିଅଛି । ସେଥିପ୍ରତି ମ୍ୟୁନିସପାଲଟି କର୍ତୁପକ୍ଷଙ୍କ ଦୃଷ୍ଟି ପଡିବା ନିହାତି ଦରକାର । ସହର ମଧ୍ୟରେ ୧୩ ନମ୍ବର ଓ୍ୱାର୍ଡ ତଥା ମନୋଜମଞ୍ଜରୀ ଶିଶୁ ଭବନ ପାର୍ଶ୍ୱରେ ତଥା କନଭେଂଟ ସ୍କୁଲ ପଛପଟେ ରହିଥିବା ରାଜାଙ୍କ ସମୟର ପୋଖରୀ, ଡି.ଆର.ଡି.ଏ. ଅଫିସ ସମ୍ମୁଖ ପୋଖରୀ, ଶିରିପୁର ପୋଖରୀ ଆଦି ଗୁଡିକ ପୁନରୁଦ୍ଧାର ସହ ସୋନ୍ଦର୍ଯ୍ୟକରଣର କାର୍ଯ୍ୟକ୍ରମ ହାତକୁ ନିଆଯିବାର ଆବଶ୍ୟକତା ରହିଅଛି । ଏ ଦିଗରେ କେନ୍ଦୁଝରଗଡ଼ ମ୍ୟୁନିସପାଲଟି କର୍ତୃପକ୍ଷ ତୁରନ୍ତ ପଦକ୍ଷେପ ନେବା ଲାଗି ବିଭିନ୍ନ ମହଲରୁ ଦାବୀ ଉଠିଛି । ଅନୁରୁପ ଭାବେ ଜିଲ୍ଲାପାଳ ଲୋକଙ୍କ ସମୁହ ସ୍ୱାର୍ଥ ପାଇଁ ଏ ଦିଗରେ କେନ୍ଦୁଝରଗଡ଼ ମ୍ୟୁନିସିପାଲଟି ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ସହ ଆବଶ୍ୟକ ଅର୍ଥ ପ୍ରଦାନ କରିବା ଦିଗରେ ପଦକ୍ଷେପ ନେବେ ବୋଲି ପୌରବାସୀ ଆଶା ରଖିଛନ୍ତି । ଏବଂ ମ୍ୟୁନିସିପାଲଟିର ନିର୍ବାଚିତ ପ୍ରତିନିଧିମାନଙ୍କର ମଧ୍ୟ ଏ ଦିଗରେ ସେମାନଙ୍କର ରହିଥିବା ଦାୟିତ୍ୱବୋଧକୁ ଉପଯୋଗ କରିବେ ବୋଲି ପୌରବାସୀ ଆଶା କରିବା ସ୍ୱଭାବିକ୍ ।

# ଆଇନଜୀବି କୈଳାଶ ଚନ୍ଦ୍ର ଦାସଙ୍କ ବିୟୋଗରେ ଶୋକ

ଜୟପୁର, ୨/୦୨ (ନି.ପ୍ର): ଜୟପୁର ସହରର ଆଇନଜୀବି କୈଳାଶ ଚନ୍ଦ୍ର ଦାସଙ୍କ ଅକାଳ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଛି । ଜୟପୁର ସ୍ଥିତ ଜିଲା କୋର୍ଟ ପରିସରରେ ଏହି ଶୋକସଭା ଆୟୋଜିତ ହୋଇଛି ।
ଏଠାରେ ଜିଲା ସଭାପତି ସରୋଜ ଦାସ, ସମ୍ପାଦକ ଆନନ୍ଦ ରଥ, ଉପ ସଭାପତି ଗିରିଧର ଖରା, ସହ ସମ୍ପାଦକ ପି. ସନ୍ୟାସି ରାଓ, ବିରେଶ ପଟ୍ଟନାୟକ, ମଦନ ମୋହନ ନାୟକ ପ୍ରମୁଖ ଉପସ୍ଥିତ ରହି ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକାକୁଳ ପରିବାରକୁ ଭଗବାନ ଶକ୍ତି ଦେବା ନେଇ ପ୍ରାର୍ଥନା କରାଯାଇଥିଲା ।

# ମଧୁମାଟି ସାହିତ୍ୟ ସଂସଦ ତରଫରୁ ଅଧ୍ୟାପକ ଡଃ ରଞ୍ଜନ କୁମାର ସ୍ୱାଇଁ ସମ୍ବର୍ଦ୍ଧିତ

ମାଲକାନଗିରି, ୨/୦୨ (ନି.ପ୍ର): ମାଲକାନଗିରି ମହାବିଦ୍ୟାଳୟର ବାଣିଜ୍ୟ ବିଭାଗୀୟ ମୁଖ୍ୟ ଜିଲ୍ଲା ଯୁବ ରେଡକ୍ରସର ଆବାହକ ତଥା ସମ୍ପାଦକ, ଉତ୍କଳ ସମ୍ମିଳନୀ ଶାଖା ସଭାପତି ଡଃ. ରଞ୍ଜନ କୁମାର ସ୍ୱାଇଁଙ୍କୁ କଟକ ଜିଲ୍ଲା ଗୋପୀନାଥପୁର ଠାରେ ମଧୁମାଟି ସାହିତ୍ୟ ସଂସଦ ତରଫରୁ ମଧୁମାଟି ଗୋପବନ୍ଧୁ ସମ୍ମାନ -୨୦୨୩ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି । ଏହି ଅବସରରେ ଡଃ. ରଞ୍ଜନ କୁମାର ସ୍ୱାଇଁଙ୍କୁ ମାଲକାନଗିରି ମହାବିଦ୍ୟାଳୟ ତରଫରୁ ଅଧ୍ୟାପକ ଓ ଅଧ୍ୟାପିକାଙ୍କ ଗହଣରେ ଅଧକ୍ଷ ଅଶୋକ କୁମାର୍ ଷଡ଼ଙ୍ଗୀଙ୍କ ଦ୍ୱାରା ପୁଷ୍ପଗୁଚ୍ଛ ତଥା ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା । ମାଲକାନଗିରି ଜିଲ୍ଲାରେ ଡଃ. ରଞ୍ଜନ କୁମାର ସ୍ୱାଇଁଙ୍କ ମାନବବାଦୀ କାର୍ଯ୍ୟକଳାପ ଗୁଡ଼ିକୁ କଟକ ଜିଲ୍ଲା ସ୍ଥିତ ଗୋପୀନାଥପୁରରେ ଆୟୋଜିତ ଏହି ବର୍ଣ୍ଣାଢ଼୍ୟ ଉତ୍ସବରେ ଭୂୟସୀ ପ୍ରଶଂସା କରାଯାଇଥିଲା । ଆଦିବାସୀ ଅଧ୍ୟୁଷିତ ଏବଂ ନକ୍ସଲ୍ ପ୍ରବଣ ମାଲକାନଗିରି ଜିଲ୍ଲାରେ ସାହିତ୍ୟର ମଧୁସଂଚାର କରିବାରେ ଡଃ. ସ୍ୱାଇଁଙ୍କ ପ୍ରଚେଷ୍ଟା ମଧୁମାଟି ଉତ୍ସବରେ ତାଙ୍କ ନିମନ୍ତେ ଏବଂ ସମଗ୍ର ମାଲକାନଗିରି ଜିଲ୍ଲା ନିମନ୍ତେ ଗୌରବ ଆଣିବା ସହ ଓଡ଼ିଶା ଲୋକଙ୍କ ଦୃଷ୍ଟିଭଙ୍ଗୀ ପରିବର୍ତ୍ତନରେ ମଧ୍ୟ ସହାୟକ ହୋଇଛି । ଏହି ଶୁଭ ପୁରସ୍କାର ନିମନ୍ତେ ମାଲକାନଗିରି ମହାବିଦ୍ୟାଳୟ, ଜିଲ୍ଲା ପ୍ରଶାସନ, ବୁଦ୍ଧିଜୀବି ମହଲ ଏବଂ କୋଣ ଅନୁକୋଣରୁ ଶୁଭେଚ୍ଛାର ସୁଅ ଛୁଟିଛି । ଆଶା କରାଯାଉଛି ଭବିଷ୍ୟତରେ ଡ଼ଃ । ସ୍ୱାଇଁ ଏହିଭଳି ମାନବ ସେବା ତଥା ସାହିତ୍ୟ ଚେତନା ଦ୍ୱାରା ନିଜ ମହାବିଦ୍ୟାଳୟ ତଥା ସମଗ୍ର ମାଲକାନଗିରି ଜିଲ୍ଲା ନିମନ୍ତେ ସୁନାମ ଅର୍ଜନ କରିବେ ।

# ନୂଆପଡ଼ା ଜିଲ୍ଲା ପ୍ରେସକ୍ଲବର ସାଧାରଣ ବୈଠକ

ନୂଆପଡା, ୨/୦୨ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସହର ସ୍ଥିତ କଲ୍ୟାଣ ମଣ୍ଡପ ଦୁଇ ଠାରେ ନୂଆପଡା ଜିଲ୍ଲା ପ୍ରେସକ୍ଲବର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ପୂର୍ବତନ ସଭାପତି ଅଜିତ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିଲେ । ପରେ ନୂତନ ନିର୍ବାଚିତ ସଭାପତି ପରମେଶ୍ୱର ବାରିକ, ସାଧାରଣ ସମ୍ପାଦକ ତପନ ରଞ୍ଜନ ଦାଶ, ଉପ ସଭାପତି ଡେନିସ ରାୟ, କୋଷାଧ୍ୟକ୍ଷ ହେମନ୍ତ କୁମାର ବେହେରା, ସଂଯୋଜକ କୁନାଲ ଚରଣ ବେହେରାଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା । ଦାୟିତ୍ୱ ଦେବା ସମୟରେ ପୂର୍ବତନ ସଭାପତି ଅଜିତ ପଣ୍ଡା ନୂଆପଡା ଜିଲ୍ଲା ପ୍ରେସକ୍ଲବ ଯେଉଁ ଲକ୍ଷ୍ୟ ନେଇ ଗଠନ କରାଯାଇଛି ତାକୁ ସମ୍ମାନ ଦେବା ପାଇଁ ନବ ନିଯୁକ୍ତ କମିଟିକୁ ପରାମର୍ଶ ଦେଇଥିଲେ । ପରେ ସମସ୍ତ ନୂତନ ନିର୍ବାଚିତ କମିଟିକୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ପ୍ରେସ କ୍ଲବ ବରିଷ୍ଠ ପରାମର୍ଶଦାତା ଦ୍ୱୟ ମେଜର ଡ଼. ରାମଚନ୍ଦ୍ର ମିଶ୍ର ଓ ବରିଷ୍ଠ ଆଇନଜୀବୀ ଚିତରଞ୍ଜନ ସିଂ ଦେଓ ନୂତନ କମିଟିକୁ ସ୍ୱାଗତ କରିଥିଲେ । ପରେ ସାତ ଜଣ ନୂତନ ସଦସ୍ୟ, ଦୀନବନ୍ଧୁ ଛତ୍ରିଆ, ଗଣେଶ ରଣା, ମୁନା ପାଣିଗ୍ରାହୀ, ବିପୁଳ କୁମାର ଦାସ, ଚିତ ମହାନ୍ତି, ସୃଜିତ ସିଂ ମହାରଥା, ରଘୁ ନାଗ ଓ ଜୟମାଧବ ହୋତାଙ୍କୁ ସାମିଲ କରାଯାଇଥିଲା ।

# ଧର୍ମଶାଳାରେ ପାଣି ପଂଚାୟତ ପକ୍ଷ ପାଳନ ସମାରୋହ ଦିବସ ପାଳିତ

ଧର୍ମଶାଳା, ୨/୦୨ (ନି.ପ୍ର): ଯାଜପୁର ଜିଲା ଜାରକା ଜଳସେଚନ ବିଭାଜନ ଅନୁକୂଲ୍ୟରେ ବଡକାଏମା ପଂଚାୟତସ୍ଥ କାଏମାସ୍ଥିତ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପରିସରରେ ପାଣି ପଂଚାୟତ ପକ୍ଷ ପାଳନ ସମାରୋହ ଦିବସ ପାଳିତ ହୋଇଯାଇଛି । ଜାରକା ଜଳସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଇଂ କାମଦେବ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଭାଗୀୟ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଇଂ ଧନେଶ୍ୱର ସାମଲ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହିତ ପାଣି ପଂଚାୟତର ପକ୍ଷ ପାଳନ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏଥିସହ ଚାଷୀଙ୍କୁ ଜଳସେଚନ ସୁବିଧା ଉପରେ ଗୁରୁତ୍ୱାରୋପ କରିବା ସହ ଚାଷଜମିର ତଳ ମୁଣ୍ଡ ଯାଏ ପାଣି ଯୋଗାଇ ଦେବାକୁ ବିଭାଗ ଉଦ୍ୟମ ଜାରି ରଖିଥିବା କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ କୃଷି, ଉଦ୍ୟାନ,ପ୍ରାଣୀ ସମ୍ପଦ ବିଭାଗର ଅଧିକାରୀଙ୍କ ସହ ଜଳସେଚନ ଡିଭିଜନ ଅଧିନରେ ଥିବା ବିଭିନ୍ନ ପାଣି ପଂଚାତୟର କର୍ମକର୍ତାମାନେ ଯୋଗ ଦେଇ ସରକାରଙ୍କ ବିଭିନ୍ନ ଯୋଜନା ଓ ଏହାର ଫାଇଦା ସମ୍ପର୍କରେ ଚାଷୀମାନଙ୍କୁ ଅବଗତ କରାଯାଇଥିଲା । ଏହି ଅବସରରେ ଅନୁଷ୍ଠିତ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀମାନଙ୍କୁ ବିଭାଗ ପକ୍ଷରୁ ମାନପତ୍ର ଓ ଅର୍ଥ ରାଶି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଧର୍ମଶାଳା ଓ ବଡଚଣା ବ୍ଲକର ବହୁ ଚାଷୀ ଓ ଜନପ୍ରତିନିଧି ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମ ପର୍ଯ୍ୟାୟକ୍ରମେ ଚାଲୁ ରହିବ ବୋଲି ଜଣାପଡିଛି ।

# ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ

ଜୟପୁର, ୨/୦୨ (ନି.ପ୍ର): ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ କରିଥିବା ଅଭିଯୋଗ ରେ ଜଣକୁ ଗିରଫ କରିଛି ଜୟପୁର ମହିଳା ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ଡଙ୍ଗାଗୁଡାର କାହ୍ନୁ ମଦୁଲି । ପୋଲିସ ସୁଚନା ଅନୁଯାଇ ସହରର ଜଣେ ନବାଳିକାକୁ ଅପହରଣ ଓ ଦୁଷ୍କର୍ମ ହୋଇଥିବା ନେଇ ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ରେ ଜାଣି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ମହିଳା ଥାନା ଅଧିକାରି ମମତା ପାଣିଗ୍ରାହୀ ଗଣ ମାଧ୍ୟମକୁ ସୁଚନା ଦେଇଛନ୍ତି ।

# ନିର୍ମାଣ ଶ୍ରମିକଙ୍କ ଲାଗି ୨୦ ଦଫା ଦାବି ନେଇ କେନ୍ଦ୍ରୀୟ ଶ୍ରମିକ ସଂଗଠନଙ୍କ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ଘେରାଉ

ଭୁବନେଶ୍ୱର, ୧/୦୨ (ନି.ପ୍ର): କେନ୍ଦ୍ରୀୟ ଶ୍ରମିକ ସଂଗଠନମାନଙ୍କ ତରଫରୁ ନିର୍ମାଣ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ଓ ୨୦ ଦଫା ଦାବି ନେଇ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ଘେରାଉ କରଯାଇଥିଲା । ଏଥିରେ ଆଇଏନ୍‌ଟିୟୁସିର ରାମଚନ୍ଦ୍ର ଖୁଂଟିଆ, କିଶୋର ଜେନା, ଏଆଇଟିୟୁସିର ବିଜୟ ଜେନା, ରାମଚନ୍ଦ୍ର ପଣ୍ଡା, ଏଚ୍‌ଏମ୍‌ଏସ୍‌ର କୃଷ୍ଣଚନ୍ଦ୍ର ପାତ୍ର, ସଂଯୁକ୍ତା ମହଲ, ସିଆଇଟିୟୁର ଲୋଭକାନ୍ତ ସ୍ୱାଇଁ, ଏଆଇସିସିଟିୟୁର ରାଧାକାନ୍ତ ସେଠି, ମହେନ୍ଦ୍ର ପରିଡ଼ା, ଏଲ୍‌ପିଏଫ୍‌ର ବୀରେନ୍ଦ୍ର ପ୍ରସାଦ ଦାସ, ମନୋରଞ୍ଜନ ମହାରଣା, ଏଆଇୟୁଟିୟୁସିର ଜୟସେନ ମେହେର, ରାଜକିଶୋର ମଲ୍ଲି, ଟିୟୁସିସିର ଲକ୍ଷ୍ମୀଧର ଗିରି ପ୍ରମୁଖ ଯୋଗ ଦେଇଥିଲେ ।
ଧାରଣାସ୍ଥଳରେ ପହଂଚିଲା ପରେ ବିଭିନ୍ନ କେନ୍ଦ୍ରୀୟ ସଂଗଠନର ନେତାମାନେ ତାଙ୍କର ବକ୍ତବ୍ୟରେ କହିଥିଲେ ଯେ, ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼କୁ ସରକାର ନିଜ ନିୟନ୍ତ୍ରଣରେ ରଖୁଛନ୍ତି, ଏହା ବିରୁଦ୍ଧରେ ଆନ୍ଦୋଳନ ଆହୁରି ଆନ୍ଦୋଳନ ଆହୁରି ଶକ୍ତିଶାଳୀ ହେବା ସହ ଅନଲାଇନ ନାମରେ ନିର୍ମାଣ ଶ୍ରମିକମାନଙ୍କୁ ତାଙ୍କ ଅଧିକାରରୁ ବଂଚିତ କରିପାରିବେ ନାହିଁ । ପ୍ରଥମେ ମାଷ୍ଟରକ୍ୟାଂଟିନ ଛକରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟରେ ପହଂଚିଥିଲେ । ଏହାପରେ ଏକ ୧୮ ଜଣିଆ ପ୍ରତିନିଧି ଦଳ ଶ୍ରମ କମିଶନରଙ୍କୁ ଭେଟି କେନ୍ଦ୍ର ସରକାର କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ଆଇନକୁ ଅନ୍ୟାନ୍ୟ ଆଇନ ସହିତ ମିଶ୍ରଣ ଯୋଜନାକୁ ପ୍ରତ୍ୟାହାର କରାଯାଉ । ଏ ଦିଗରେ ମୁଖ୍ୟମନ୍ତ୍ରୀ ହିସାବରେ କେନ୍ଦ୍ର ସରକାରଙ୍କର ଏଭଳି ନିଷ୍ପତି ବିରୋଧରେ ରାଜ୍ୟ ତରଫରୁ ପ୍ରତିବାଦ କରିବା ପାଇଁ ଆପରଙ୍କୁ ଅନୁରୋଧ କରୁଛୁ, ନିର୍ମାଣ ଶ୍ରମିକ ପଞ୍ଜିକରଣ, ନବୀକରଣ ଓ ସହାୟତା ଆବେଦନ ବାହାର ଅନଲାଇନରେ କରାଯିବା ସହିତ ଶ୍ରମ କାର୍ଯ୍ୟାଳୟରେ ମଧ୍ୟ କରାଯିବା ପ୍ରକ୍ରିୟାକୁ ଚାଲୁ କରାଯିବ ଏବଂ ଓଟିପି ବ୍ୟବସ୍ଥାକୁ ଉଚ୍ଛେଦ କରଯାଉ, ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ଦାଖଲ କରାଯାଇଥିବା ଦରଖାସ୍ତ ଗୁଡ଼ିକୁ ଯାଂଚ କରି ପଞ୍ଜିକରଣ କରାଯାଉ, ଏନ୍‌ଆଇସି ଓ ବ୍ୟାକ୍ ଲଗ୍ ଏଂଟ୍ରି ହୋଇଥିବା ସମସ୍ତ ସହାୟତା ତଥା ମୃତ୍ୟୁକାଳୀନ ସହାୟତା, ପ୍ରସୂତୀକାଳୀନ ସହାୟତା, ବିବାହ ସହାୟତା, ଶିକ୍ଷା ସହାୟତା ଓ ମେଡ଼ିକାଲ ସହାୟତାକୁ ଅବିଳମ୍ବେ ଏନ୍‌ଇଏଫ୍‌ଟି ମାଧ୍ୟମରେ ପ୍ରଦାନ କରାଯାଉ, ନିର୍ମାଣ ଶ୍ରମିକ ପକ୍କାଘର ଯୋଜନା ତୁରନ୍ତ କାର୍ଯ୍ୟକାରୀ କରାଯାଉ ଓ ଘୋଷିତ ସମସ୍ତ ସହାୟତା ପ୍ରଦାନ କରାଯାଉ, ୬୦ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ନିର୍ମାଣ ଶ୍ରମିକ ମାନଙ୍କୁ ମାସିକ ୧୦,୦୦୦ ଟଙ୍କା ପେନସନ ଦିଆଯାଉ, ସର୍ବନିମ୍ନ ମଜୁରୀ ୨୬,୦୦୦ ଟଙ୍କା ମାସିକ ପ୍ରଦାନ କରାଯାଉ, ଶ୍ରମିକ କୋଡ୍ ବାତିଲ୍ କରାଯାଉ, କରୋନା ତଥା ଅନ୍ୟାନ୍ୟ ସମସ୍ୟା ଯୋଗୁଁ ୩ ବର୍ଷରୁ ଉର୍ଦ୍ଧ୍ୱ ବାର୍ଷିକ ଦେୟ ପଇଠ କରିନଥିବା ନିର୍ମାଣ ଶ୍ରମିକ ମାନଙ୍କ ଆବେଦନକୁ ବିଚାର କରି ନବୀକରଣ ଅବଧିର ସମୟସୀମା ୫ ବର୍ଷକୁ ବୃଦ୍ଧି କରାଯାଉ ଓ ସେହି ସମୟ ମଧ୍ୟରେ ମୃତ୍ୟୁବରଣ କରିଥିବା ନିର୍ମାଣ ଶ୍ରମିକମାନଙ୍କର ପୁନଃକ୍ଷମ ଅବଧିକୁ ୫ ବର୍ଷ ଧରାଯାଉ, ସେସ୍ ଆଦାୟକୁ ଦୃଢ ଭାବରେ କାର୍ଯ୍ୟକାରୀ କରାଯାଉ, ନିର୍ମାଣ ଶ୍ରମିକ ଶିକ୍ଷା ସହାୟତା ଆବେଦନ ପ୍ରକ୍ରିୟାକୁ ରାଜ୍ୟ ସ୍କଲାରସିପ୍ ପୋର୍ଟାଲରୁ ବାଦ୍ ଦିଆଯାଉ ଏବଂ ବିଗତ ଚାରିବର୍ଷ ଧରି ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ପଡ଼ି ରହିଥିବା ଶିକ୍ଷା ସହାୟତା ଆବେଦନ ଫର୍ମ ଗୁଡ଼ିକୁ ଅବିଳମ୍ବେ ଏନର୍ଜ କରି ସହାୟତା ପ୍ରଦାନ କରାଯାଉ, ସମସ୍ତ ଦୂରାରୋଗ୍ୟ ଓ ଦୁର୍ଘଟଣା ଜନିତ ଚିକିତ୍ସା ଅବିଳମ୍ବେ ପ୍ରଦାନ କରାଯାଉ, ୨୦୧୯ ମସିହା ଠାରୁ ବାଦ୍ ଦିଆଯାଇଥିବା ଘରୋଇ ବୈଷୟିକ ଶିକ୍ଷା ସହାୟତା ପୁନର୍ବାର ଲାଗୁ କରାଯାଉ, ସମସ୍ତ ସଂଶୋଧନ ଯଥା ନାମ, ଠିକଣା, ଜନ୍ମ ତାରିଖ ଆଦି ସଂଶୋଧନର କ୍ଷମତା ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ପ୍ରଦାନ କରାଯାଉ, ସମସ୍ତ ଜିଲ୍ଲାର ଶ୍ରମ କାର୍ଯ୍ୟାଳୟରେ ଖାଲି ପଡ଼ିଥିବା ପଦବୀ ଯୁଦ୍ଧକାଳୀନ ଭିଁ ରେ ନିଯୁକ୍ତି ଦିଆଯାଉ, ବର୍ତମାନ ସୁଦ୍ଧା ବିଭିନ୍ନ କାରଣରୁ ବ୍ୟାଙ୍କରୁ ଫେରି ଆସିଥିବା ସମସ୍ତ ସହାୟତା ରାଶି ଅବିଳମ୍ବେ ହିତାଧିକାରୀ ମାନଙ୍କୁ ପ୍ରଦାନ କରାଯାଉ, ସାଇକେଲ, ଯନ୍ତ୍ରପାତି ଓ ନିରାପତା ଉପକରଣ ସହାୟତା ପ୍ରଦାନ କରାଯାଉ, ସାଇକେଲ, ଯନ୍ତ୍ରପାତି ଓ ନିରାପତା ଉପକରଣ କ୍ରୟ କରି ଶ୍ରମ କାର୍ଯ୍ୟାଳୟରେ ଦାଖଲ କରିଥିବା ଭାଟ୍ ରସିଦ ବାବଦରେ ସହାୟତା ପ୍ରଦାନ କରାଯାଟ, ବିବାହ ସାର୍ଟିଫିକେଟ ହିତାଧିକାରୀଙ୍କ ବ୍ଲକରୁ ବାହାର କରିବା ପାଇଁ ଅନୁମତି ପ୍ରଦାନ କରାଯାଉ, ଟ୍ରେଡ ୟୁନିୟନ ଜରିଆରେ ପଞ୍ଜିକରଣ ହୋଇଥିବା ହିତାଧିକାରୀ ମାନଙ୍କର ନବୀକରଣ ଟ୍ରେଡ ୟୁନିୟନ ମାଧ୍ୟମରେ କରାଯାଉ, ନିର୍ମାଣ ଶ୍ରମିକ ମାନଙ୍କ ସ୍ୱାର୍ଥକୁ ରକ୍ଷା କରିବା ପାଇଁ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ମାନଙ୍କ ସହିତ ଓବି ଏବଂ ଓସିଡବ୍ଲୁଡବ୍ଲୁ ବୋର୍ଡ଼ବୈଠକ ଅନୁଷ୍ଠିତ ହୋଇ ନିର୍ମାଣ ଶ୍ରମିକଙ୍କ ଅଭିଯୋଗ ଓ ସମସ୍ୟାର ସମାଧାନ କରାଯାଉ ଓ କରୋନା ସହାୟତା ବାବଦ ୧୫୦୦ ଟଙ୍କା ଅବିଳମ୍ବେ ପ୍ରଦାନ କରିବା ପାଇଁ ସ୍ମାରକପତ୍ର ପ୍ରଦାନ କଲା ପରେ ୪୮ ଘଂଟିଆ ଧାରଣାକୁ ପ୍ରତ୍ୟାହୃତ କରାଯାଇଥିଲା ।

## ସତ୍ୟନାମର ମାହାତ୍ମ୍ୟ...

ନାମ ପ୍ରୟୋଗର ଆହୁରି କେତେ ଗୁଡ଼ିଏ ପ୍ରକ୍ରିୟା ଅଛି ତାହା ସଦଗୁରୁ ଉପଦେଶଗମ୍ୟ। ସେହି ପ୍ରଣାଳୀ ଅବଗତ ନ ହେଲେ ପ୍ରକୃତ ଭାବରେ କାର୍ଯ୍ୟରେ ସଫଳତା ଆସେନାହିଁ। ଆୟୁର୍ବେଦ ଶାସ୍ତ୍ରୋକ୍ତ ଚିକିତ୍ସା ପ୍ରଣାଳୀରେ ରୋଗ ଆରୋଗ୍ୟ ହୋଇଥାଏ। ପୁଣି ଏଲୋପ୍ୟାଥିକ ଚିକିତ୍ସା ପ୍ରଣାଳୀରେ ମଧ୍ୟ ରୋଗାରୋଗ୍ୟ ହୁଏ। ମାନସିକ ଶକ୍ତି ବା ହିପନଟିଜମ ଦ୍ୱାରା ରୋଗାରୋଗ୍ୟ ହୋଇଥାଏ। ସୂକ୍ଷ୍ମତ୍ତ୍ୱ ହୋମିଓପ୍ୟାଥିର ଉଚ୍ଚଶକ୍ତିର ଏକ ମାତ୍ରାରେ ମଧ୍ୟ ରୋଗାରୋଗ୍ୟ ହୁଏ। ପୁଣି ଶତସହସ୍ର ଔଷଧ ଦ୍ୱାରା ଚିକିତ୍ସା ନକରି ମଧ୍ୟ ମାତ୍ର ବାରଗୋଟି ବାଇଓକେମିକ ବା ଟିସୁରେମିଡ଼ି ଦ୍ୱାରା ରୋଗାରୋଗ୍ୟ ହେଉଛି। ସେହିଭଳି ବର୍ତ୍ତମାନ ନବଯୁଗରେ ପ୍ରଣାଳୀକ୍ରମରେ ଏକ ସତ୍ୟନାମ ଦ୍ୱାରା ସହଜରେ ସତ୍ୱର ରୋଗାରୋଗ୍ୟ ହେଉଅଛି ଏବଂ ହେବ, ଅକାଳ ମୃତ୍ୟୁର ହାତରୁ ରକ୍ଷା ମିଳିପାରିବ। ତାହାର ସୂତ୍ରପାତ ହେଉଅଛି। ତାହା ସୁଦୂର ଭବିଷ୍ୟତରେ ନୁହେଁ। ଏ ନୁହେଁ କାହାଣୀ ଏ ନୁହେଁ ସ୍ୱପ୍ନ। ସେଦିନ ଆଗତପ୍ରାୟ। ପୂର୍ବୋକ୍ତ ସେହିସବୁ ଚିକିତ୍ସା ପ୍ରଣାଳୀ ଦ୍ୱାରା ରୋଗ ଆରୋଗ୍ୟ ଅପେକ୍ଷା ସତ୍ୟନାମରେ ରୋଗ ଆରୋଗ୍ୟର ଶକ୍ତି ଅତ୍ୟନ୍ତ ଅଧିକ। ପ୍ରତ୍ୟକ୍ଷ ସତ୍ୟ କଥା। ଯେ କେହି ପରୀକ୍ଷା କରି ଦେଖିପାରନ୍ତି। କଳକୀ ଅବତାର ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଏହି ସତ୍ୟନାମର ପ୍ରବର୍ତ୍ତକ ଓ ନାମ ହସ୍ପିଟାଲର ପ୍ରତିଷ୍ଠାତା। ନାମ କମ୍ପନ ମାଧ୍ୟମରେ ରୋଗୀ ଚିକିତ୍ସା (ଭାଇବ୍ରୋମିଟର) ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଏକ ଅଭିନବ ପରିକଳ୍ପନା।

ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ
(ମୋ) : ୯୪୩୭୦୫୧୯୫୭

## ନବୀ ମୁମ୍ବାଇ ଫେଷ୍ଟ

ଭୁବନେଶ୍ୱର,୦୨/୦୨ (ନି.ପ୍ର): ନବୀ ମୁମ୍ବାଇ ଫେଷ୍ଟ ରେ ଶ୍ରୀମତୀ ଜାହ୍ନବୀ ମିଶ୍ର ଙ୍କ ଲିଖିତ ଓଡ଼ିଆ କ୍ଷୁଦ୍ରଗଳ୍ପ ସଂକଳନ 'ରୂପାନ୍ତର' ର ହିନ୍ଦୀ ସଂସ୍କରଣ ଲୋକାର୍ପଣ କରାଯାଇଥିଲା। ପୁସ୍ତକ ଟି ଡଃ ଭଗବାନ ତ୍ରିପାଠୀ ଙ୍କ ଦ୍ୱାରା ହିନ୍ଦୀରେ ଅନୁବାଦିତ ଓ ଶ୍ରୀ ଜୟନ୍ତ ମହାପାତ୍ର ଙ୍କ ଦ୍ୱାରା ପ୍ରକାଶିତ ହୋଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡଃ ବି.ଏନ୍ ଗାଇକୱାଡ- ମହାରାଷ୍ଟ୍ର, ଡଃ ଡି.ପି ସିଂ ଏବଂ ଶ୍ରୀମତୀ ସୀମା ତ୍ରିବେଦୀ- ଉତ୍ତର ପ୍ରଦେଶ, ଶ୍ରୀମତୀ ଶରଦା ଅନଚନ୍- କର୍ଣ୍ଣାଟକ,ଶ୍ରୀ ମନୋଜ ମୁଣ୍ଡିୟାତ-କେରଳ ରୁ ପ୍ରତିନିଧିତ୍ୱ କରିଥିଲେ। ତିନି ଦିନ ବ୍ୟାପି ଚାଲିଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ରେ ସାହିତ୍ୟ ଆଲୋଚନା କୁ ସ୍ଥାନ ଦିଆଯାଇଥିଲା । ସାହିତ୍ୟ ଚର୍ଚ୍ଚା ର ବିଷୟ ଥିଲା 'ସାହିତ୍ୟ ରେ ଅନୁବାଦ' । ଏଥିରେ ବର୍ତ୍ତମାନ ସମୟରେ ସାହିତ୍ୟ ଜଗତରେ ଅନୁବାଦ ର ସ୍ଥିତି, କେଉଁ ପ୍ରକାର ଆହ୍ୱାନର ସମ୍ମୁଖୀନ ହେଉଛି ଅନୁବାଦ ସାହିତ୍ୟ, ଭାରତୀୟ ଜନ ଜୀବନ ଉପରେ ଅନୁବାଦ ସାହିତ୍ୟ ର ପ୍ରଭାବ ଏବଂ ଏହା କିପରି ଜାତୀୟ ସଂହତି ଓ ଏକତା ରକ୍ଷା କରିବାରେ ସହାୟ ହେଉଛି, ଏ ବିଷୟରେ ମୁଖ୍ୟ ବକ୍ତାମାନେ ଖୁବ୍ ସାବଲିଳ ଭାବରେ ନିଜ ନିଜର ବକ୍ତବ୍ୟ ରଖି ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ତାଇୱାନ ସୀମାରେ ସେନା....

ବଡ ଯୁଦ୍ଧ ହେବାକୁ ଯାଉଛି । ଯଦି ଆମେରିକା ପ୍ରକୃତରେ ଏହି ୟୁନିଟକୁ ମୃତୟନ କରେ ତେବେ ବେଜିଂ ଓ ୱାଶିଂଟନ ଭିତରେ ଯୁଦ୍ଧ ସମ୍ଭାବନା ରହିଛି । ସେପଟେ ଆମେରିକାର ଏହି ପଦକ୍ଷେପକୁ ନେଇ ଚିହିଁକି ଉଠିଛି ଚୀନ । ତାଇୱାନ ମାମଲାରେ ହସ୍ତକ୍ଷେପ ନକରିବା ପାଇଁ ଆମେରିକାକୁ ବାରମ୍ବାର ତାଗିଦ କରୁଛି ଚୀନ । ଆବଶ୍ୟକ ପଡିଲେ ଅଧିକମାତ୍ରାରେ ସେନା ସହ ଆମେରିକାକୁ ମୁକାବିଲା କରିବା ପାଇଁ ଚୀନ ପ୍ରସ୍ତୁତ ବୋଲି କହିଥିଲା । ୱାନ ଚୀନ ପଲିସିକୁ ଗମ୍ଭୀରତା ସହ ଗ୍ରହଣ କରିବାକୁ ଆମେରିକାକୁ ଅପିଲ କରିଛି ଚୀନ । ସେପଟେ ଚୀନର ଆକ୍ରମଣ ଆଶଙ୍କାକୁ ଦୃଷ୍ଟିରେ ରଖି ତାଇୱାନ ସଜାଗ ହୋଇଛି । ତାଇୱାନ ସୀମାରେ ଚୀନ ୨୦ଟି ଲଢୁଆ ବିମାନର ଅନୁପ୍ରବେଶ କରିବା ପରେ ନିଜର ମିସାଇଲ ସିଷ୍ଟମକୁ ସକ୍ରିୟ କରିଛି ତାଇୱାନ । କେବଳ ବାୟୁସେନାରେ ଚୀନ ଅନୁପ୍ରବେଶ କରିନି ବରଂ ସୀମା ନିକଟରେ ୯ଟି ଯଦ୍ଧପୋତକୁ ମୃତୟନ ମଧ୍ୟ କରିଛି । ତାଇୱାନ ରାଷ୍ଟ୍ରପତି ସାଇ ଇଂଗ ୱେନ ସଜାଗ ରହିବାକୁ ସେନାକୁ ଆଦେଶ ଦେଇଛନ୍ତି । ଚୀନର ଲଢୁଆ ବିମାନକୁ ନଷ୍ଟ କରିବା ପାଇଁ ତାଇୱାନ ସମସ୍ତ ପ୍ରସ୍ତୁତି କରିଛି । କିଛି ଦିନ ପୂର୍ବରୁ ଜାପାନ ଆଶଙ୍କା କରିଥିଲା କି ତାଇୱାନ ଓ ଚୀନ ମଧ୍ୟରେ ସ୍ଥିତି ବିଗଡିପାରେ ଓ ଯୁଦ୍ଧ ପାଇଁ ସତର୍କ ଘଣ୍ଟି ବାଜିପାରେ । ୩ୟ ଥର ପାଇଁ ଚୀନର ରାଷ୍ଟ୍ରପତି ହେବା ପରେ ସି ଜିନପିଙ୍ଗ ନିଜ ସେନାକୁ ସମ୍ବୋଧିତ କରିଥିଲେ ଓ ଶତ୍ରୁଙ୍କ ସହ ଲଢିବା ପାଇଁ ସେନାକୁ ସଜାଗ ରହିବା ପାଇଁ ଅପିଲ କରିଥିଲେ । ସେବେଠୁ ତାଇୱାନ ଉପରେ ତୀକ୍ଷଣ ନଜର ରଖିଛି ଚୀନ ।

# ଶ୍ରୀପଦଗଞ୍ଜୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ



ବାରିପଦା,୦୨/୦୨ (ନି.ପ୍ର): ବାରିପଦା ସହର ସ୍ଥିତ ଶ୍ରୀପଦଗଞ୍ଜ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ,୨୦୨୨-୨୩ ଫେବୃଆରୀ ୧ ତାରିଖରେ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଜାତା ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ରୂପେ ବାରିପଦା ବ୍ଲକ ଶିକ୍ଷାଧିକାରୀ ପ୍ରଭାତୀ ପଟ୍ଟନାୟକ ଯୋଗଦେଇ ଛାତ୍ରଛାତ୍ରୀମାନେ ଗୁରୁଭକ୍ତି, କର୍ତ୍ତବ୍ୟ ନିଷ୍ଠା, ଅଜସ୍ର ପରିଶ୍ରମ ବଜାୟ ରଖି ସୁନାଗରିକ ରୂପେ ନିଜକୁ ଗଢି ତୋଳିବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ରୂପେ ପୂର୍ବତନ ୱାର୍ଡ କାଉନସିଲର ସରୋଜ କୁମାର ମହାପାତ୍ର ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ଶିକ୍ଷା କର୍ମଚାରୀ ତଥା ଶିକ୍ଷାର୍ଥୀଗଣ ବିଦ୍ୟାଳୟକୁ ମନ୍ଦିର ରୂପେ ମନେ କରି ବିଦ୍ୟାଳୟର ଉନ୍ନତି କରିବାପାଇଁ ଉପସ୍ଥିତ ସମସ୍ତ ବୁଦ୍ଧିଜିବୀ ମାନଙ୍କୁ ଜଣାଇଥିଲେ। ସମ୍ମାନିତ ଅତିଥି ରୂପେ ପୂର୍ବତନ ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ତ୍ରିପାଠୀ, ନହରପଦା କ୍ଲଷ୍ଟରର ସି.ଆର.ସି.ସି. କନକଲତା ମାଝୀ, ପୂର୍ବତନ ୱାର୍ଡ କାଉନସିଲର ସୁମିତ୍ରା ପାତ୍ର ଯୋଗଦେଇ ବାର୍ଷିକ ଉତ୍ସବ ଓ କ୍ରୀଡା ଉତ୍ସବ ଉପଲକ୍ଷେ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଏହି ଉତ୍ସବରେ ସମସ୍ତ ଅତିଥିମାନଙ୍କୁ ଫୁଲତୋଡା ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ୨୦୨୨ ହାଇସ୍କୁଲ ମ୍ୟାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ଶ୍ରୀମାନ ମଂଜିତ ରଣା, ରାଜ୍ୟସ୍ତରୀୟ କ୍ରୀଡା ପ୍ରତିଯୋଗୀ କ୍ରିକେଟ୍‌ରେ ଶ୍ରୀମାନ ଜିତ୍ ଦେ, ଫୁଟବଲରେ ଶ୍ରୀମାନ ସୋନାର ସିଂ ବେଶ୍ରା, ୨୦୨୨-୨୩ରେ ଜିଲ୍ଲା ସ୍ତରୀୟ ବିଜ୍ଞାନ ମେଳାରେ ଅଂଶଗ୍ରହଣ କରିଥିବା କୁନି ବୈଜ୍ଞାନିକରୂପେ ଶ୍ରୀମାନ ଗୋବିନ୍ଦ ଚନ୍ଦ୍ର ବେହେରା ଏବଂ ୨୦୨୧-୨୨ରେ ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳାରେ ଅଂଶ ଗ୍ରହଣ କରିଥିବା କୁନି ବୈଜ୍ଞାନିକ ଆଶିଷ କୁମାର ଦେ ପ୍ରମୁଖଙ୍କୁ ପୁରସ୍କୃତ କରିବା ସହ ଅନ୍ୟାନ୍ୟ ବିଭିନ୍ନ ପ୍ରତିଯୋଗୀତାରେ କୃତି ୫୦ରୁ ଅଧିକ ଛାତ୍ରଛାତ୍ରୀମାନଙ୍କୁ ଟ୍ରଫି ଓ ସାର୍ଟିଫିକେଟ୍ ଦେଇ ପୁରସ୍କୃତ କରାଯାଇଥିଲା। ସ୍ୱଗତ ସଂଗୀତ, ନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପରିବେଷଣ କରିଥିଲେ। ଅତିଥି ପରିଚୟ ଶିକ୍ଷୟତ୍ରୀ ରତ୍ନା ବାର୍ନାଜୀ, ମଂଚ ପରିଳନା ଶିକ୍ଷୟତ୍ରୀ ମିନତୀ ପଟ୍ଟନାୟକ, ବାର୍ଷିକପାଠ ବିବରଣୀ ପଠନ ଶିକ୍ଷୟତ୍ରୀ ସୁଲୋଚନା ମଙ୍ଗରାଜ, ଧନ୍ୟବାଦ ଅର୍ପଣ ଶିକ୍ଷୟତ୍ରୀ ନିର୍ମଳା ଷଡଙ୍ଗୀ କରିଥିଲେ। ଜଗନ୍ନାଥଙ୍କ ପ୍ରତିମୂର୍ତ୍ତୀ ସମ୍ମୁଖରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ସମୟରେ ଶିକ୍ଷକ ସନତ କୁମାର ପ୍ରହରାଜ ବେଦ ଉଚ୍ଚାରଣ କରିଥିଲେ। କାର୍ଯ୍ୟକ୍ରମ ପରିଳନାରେ ଶିକ୍ଷୟତ୍ରୀ ଉର୍ମିଳା ସେଠୀ, ଲତିକେଶ୍ୱରୀ ସେଠୀ, ଛବି ଘୋଷ, ମୁନି ହାଁସଦା, ବିନତା ସାହୁ, ଯଶୋଦା ମହାନ୍ତ, କିରାଣୀ ଅଶ୍ୱିନି କୁମାର ଦାସ, କ୍ରୀଡା ଶିକ୍ଷକ ସଂଜୟ ଦେ, କଳା ଶିକ୍ଷକ ସରୋଜ କୁମାର ମହାନ୍ତ, ରାତ୍ରୀ ଜଗୁଆଳୀ ନରେନ୍ଦ୍ର ପାତ୍ର, ବିଦ୍ୟାଳୟ ପରିଳନାର ସମସ୍ତ ସଦସ୍ୟ, ବିଦ୍ୟାଳୟର ପୂର୍ବତନ ଛାତ୍ର ଛାତ୍ରୀ, ବର୍ତ୍ତମାନର ଛାତ୍ରଛାତ୍ରୀ ଓ ଅଭିଭାବକ ପ୍ରମୁଖ ସହଯୋଗ କରିଥିଲେ।

## ହୃଦ୍‌ଘାତରେ ଚାଷୀଙ୍କ ଅକାଳ ବିୟୋଗ



ବସ୍ତା,୦୨/୦୨ (ନି.ପ୍ର): ହଠାତ ଛାତି ଯନ୍ତ୍ରଣା ହୋଇ ଜଣେ ଚାଷୀଙ୍କର ପ୍ରାଣହାନି ଘଟିଛି ।ଗୁରୁବାର ସିଂଲା ଥାନା ବୁଲଙ୍ଗ ଚକ ଗାଁର ଚାଷୀ ଦିବାକର ବେହେରା ନିଜ ବିଲରେ ପାଖ ହାଣୁ ଥିବା ବେଳେ ଛାତି ଯନ୍ତ୍ରଣା ଜନିତ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ବସ୍ତା ହସ୍ପିଟାଲ ନିଆଯାଇଥିଲା ।ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ ।ମୃତ୍ୟୁ ବେଳକୁ ତାଙ୍କୁ ୬୫ ବର୍ଷ ହୋଇଥିଲା ବୋଲି ପୁତ୍ର ଲକ୍ଷ୍ମୀଧର ବେହେରାଙ୍କ ଠାରୁ ପ୍ରକାଶ।

## ଯୁବକଙ୍କୁ ବୀଭତ୍ସ ହତ୍ୟା, ଧାରୁଆ ମାରଣାସ୍ତ୍ରରେ ମୁହଁକୁ ହାଣିଛନ୍ତି ଦୁର୍ବୃତ୍ତ

ଭଦ୍ରକ,୦୨/୦୨ (ନି.ପ୍ର): ଭଦ୍ରକଜିଲ୍ଲା ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ଚରମ୍ପା ଧାମରା ରେଳ ଓଭରବ୍ରିଜ ନିକଟ ଏକ ଜମିରେ ଯୁବକଙ୍କ ମୃତ ଶରୀର ପଡିରହିଥିବା ଦେଖିବାକୁ ମିଳିଛି । ଯୁବକର ଏହି କ୍ଷତ, ଧାରୁଆ ମାରଣାସ୍ତ୍ରର ବୋଲି ଅନୁମାନ କରାଯାଉଛି । ମୃତକ ଜଣଙ୍କ ଭଦ୍ରକ ଟାଉନ୍ ଥାନା ଅନ୍ତର୍ଗତ ଅସ୍ଥଳ ପୂଜାରୀ ସାହିର ଅଜୟ ଦାସଙ୍କ ପୁଅ ନୀଳକଣ୍ଠ ଦାସ (ରିଣ୍ଟୁ) ବୋଲି ଜଣାପଡିଛି । ତେବେ ଘଟଣାସ୍ଥଳରେ ଗ୍ରାମାଞ୍ଚଳ ପୋଲିସ ସହ ସାଇନ୍ଟିଫିକ ଟିମ ଓ ଡଗ ସ୍କ୍ୱାର୍ଡ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । କେଉଁ କାରଣ ପାଇଁ ଯୁବକ ଜଣକୁ ହତ୍ୟା କରାଯାଇଛି ତାହା ଜଣା ପଡିନଥିବା ବେଳେ ପୋଲିସ ତଦନ୍ତ ପରେ ତାହା ସ୍ପଷ୍ଟ ହେବ ବୋଲି ସୂଚନା ମିଳିଛି ।

## ପୁଣି ରାଜ୍ୟକୁ ଫେରିବ ଶୀତ ଲହରି

ଭୁବନେଶ୍ୱର,୦୨/୦୨ (ନି.ପ୍ର): ପୁଣି ରାଜ୍ୟକୁ ଫେରିବ ଶୀତ ଲହରି । ଆଗାମୀ ୨୪ ଘଂଟା ମଧ୍ୟରେ ରାଜ୍ୟର ଅନେକ ସ୍ଥାନରେ ଆହୁରି ୨ ରୁ ୩ ଡ଼ିଗ୍ରୀ ଖସିବ ରାତ୍ରି ତାପମାତ୍ରା । ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ ଜିଲ୍ଲାକୁ ଆଗାମୀ ଦୁଇଦିନ ପାଇଁ ଶୀତଲହରୀ ସମ୍ଭାବନା ହେତୁ ଚେତାବନୀ ଜାରି କରିଛି ଆଂଚଳିକ ପାଣିପାଗ ବିଭାଗ । ରାଜ୍ୟ ମଧ୍ୟକୁ ଉତର ଦିଗରୁ ପ୍ରବେଶ କରୁଥିବା ଶୁଷ୍କ ଏବଂ ଥଣ୍ଡା ବାୟୁ ପ୍ରଭାବରେ ପୁଣି ଆଭ୍ୟନ୍ତରୀଣ ଓଡ଼ିଶାର କିଛି ଅଂଚଳରେ ଶୀତ ଲହରୀ ଅନୁଭୂତ ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରୀ ହୋଇଥିବା ଏକ ଟ୍ୱିଟ୍ ରୁ ଏହି ସୂଚନା ମିଳିଛି ।

# ବରଗଡ ୨ଜି ଜୈବ ବିଶୋଧନାଗାର ପଶ୍ଚିମ ଓଡ଼ିଶାର ବିକାଶରେ ନୂଆ ଆଧ୍ୟାୟ ଆରମ୍ଭ କରିବ : ଧର୍ମେନ୍ଦ୍ର ପ୍ରଧାନ



ଭୁବନେଶ୍ୱର,୦୨/୦୨ (ନି.ପ୍ର): କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବରଗଡ ଠାରେ ବିପିସିଏଲ ଦ୍ୱାରା ପ୍ରତିଷ୍ଠା ହେଉଥିବା ୨ଜି ଜୈବ ଇଥାନଲ ବିଶୋଧନାଗାରର ଅଗ୍ରଗତି କାର୍ଯ୍ୟର ଫଟୋ ସାମାଜିକ ଗଣମାଧ୍ୟମରେ ସେୟାର କରିଛନ୍ତି । ଶ୍ରୀ ପ୍ରଧାନ ଟ୍ୱିଟରେ ଉଲ୍ଲେଖ କରିଛନ୍ତି ଯେ ଜୈବ ବିଶୋଧନାଗାରର ନିର୍ମାଣ କାମ ଅଗ୍ରଗତି ହେଉଛି । ଏହି ପ୍ଲାଣ୍ଟ ଆରମ୍ଭ ହେଲେ ପଶ୍ଚିମ ଓଡ଼ିଶାର ବିକାଶର ନୂଆ ଅଧ୍ୟାୟ ଆରମ୍ଭ ହେବ । ବରଗଡ଼ ୨ଜି ଜୈବ ବିଶୋଧନାଗାର ୱେଷ୍ଟ ଟୁ ୱେଲଥକୁ ପ୍ରୋତ୍ସାହନ ଦେବା ସହ ଚାଷୀଙ୍କ ଆୟ ବୃଦ୍ଧି କରିବ । ରୋଜଗାର ଏବଂ ସ୍ୱରୋଜଗାରର ସୁଯୋଗ ସୃଷ୍ଟି ହେବ । ସ୍ୱଦେଶୀ ଜ୍ଞାନକୌଶଳରେ ପ୍ରସ୍ତୁତ ସବୁଜ ଇନ୍ଧନକୁ ପ୍ରୋତ୍ସାହନ ଦେବା ସଙ୍ଗେ ସଙ୍ଗେ ଓଡ଼ିଶାକୁ ଆତ୍ମନିର୍ଭର କରିବା ଦିଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଥିବା କଳ୍ପନାକୁ ସାକାର କରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

# ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ଦିନର ସର୍ବୋଚ୍ଚ ତାପମାତ୍ରା ବୌଦ୍ଧରେ ୩୫.୦ ଡ଼ିଗ୍ରୀ

ଭୁବନେଶ୍ୱର,୦୨/୦୨ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ଦିନର ସର୍ବୋଚ୍ଚ ତାପମାତ୍ରା ବୌଦ୍ଧରେ ୩୫.୦ ଡ଼ିଗ୍ରୀ ରହିଥିବା ବେଳେ ସର୍ବନିମ୍ନ ତାପମାତ୍ରା ରାଉରକେଲାରେ ୮.୦ ଏବଂ କିରେଇରେ ୭.୬ ଡ଼ିଗ୍ରୀ ରେକର୍ଡ଼ ହୋଇଛି। ପାର୍ବତ୍ୟାଂଚଳରେ ସର୍ବନିମ୍ନ ତାପମାତ୍ରା ଜି. ଉଦୟଗିରିରେ ୭.୬ ଡ଼ିଗ୍ରୀ ରେକର୍ଡ଼ ହୋଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ଦିନର ସର୍ବୋଚ୍ଚ ତାପମାତ୍ରା ୩୨.୩ ଡ଼ିଗ୍ରୀ ଏବଂ ସର୍ବନିମ୍ନ ତାପମାତ୍ରା୧୬.୫ ଡ଼ିଗ୍ରୀ ରେକର୍ଡ଼ ହୋଇଛି। କଟକରେ ସର୍ବୋଚ୍ଚ ତାପମାତ୍ରା ୩୦.୮ ଡ଼ିଗ୍ରୀ ଓ ସର୍ବନିମ୍ନ ତାପମାତ୍ରା ୧୬.୬ ଡ଼ିଗ୍ରୀ ରେକର୍ଡ଼ ହୋଇଛି । ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରୀ ହୋଇଥିବା ଏକ ଟ୍ୱିଟ୍ ରୁ ଏହି ସୂଚନା ମିଳିଛି।

## ବ୍ରହ୍ମଗିରି ବିକାଶମଂଚ ଅଧ୍ୟକ୍ଷଙ୍କ ଅଂଚଳ ପରିଦର୍ଶନ

ପୁରୀ,୦୨/୦୨ (ନି.ପ୍ର): ପୁରୀଜିଲ୍ଲା ବ୍ରହ୍ମଗିରି ଅଂଚଳରେ ଅନେକ ଅଧୁରା କାର୍ଯ୍ୟକୁ ପୂରଣ କରିବା ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁତ୍ୱ ଦେଇ ଆସିଛନ୍ତି । ବିଗତ ୧୦ ବର୍ଷ ଭିତରେ ବ୍ରହ୍ମଗିରି ଅଞ୍ଚଳରେ ଅନେକ ବିକାଶ କରାଯାଇଛି । ବିକାଶର ଧାରାକୁ ଆଗକୁ ନେବା ପାଇଁ ବ୍ରହ୍ମଗିରି ଅଞ୍ଚଳର ଟାଣୁଆ ଯୁବନେତା ତଥା ଦୁଇଥର ଜିଲ୍ଲାପରିଷଦ ସଭ୍ୟ ଭାବେ ନିର୍ବାଚିତ ପ୍ରତିନିଧି କୈଳାସ ପରିଡ଼ାଙ୍କ ଉଦ୍ୟମଙ୍କୁ ଏବେ ଅଂଚଳବାସୀ ପ୍ରଶଂସା କରୁଛନ୍ତି । ବିଭିନ୍ନ ରୋଗରେ ପଡ଼ିଥିବା ବ୍ୟକ୍ତିଙ୍କ ଡ଼ାକ୍ତରଖାନାରେ ଭେଟିବା, ଜଳନିଷ୍କାସନ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ସାକ୍ଷାତକରି ଆଲୋଚନା କରିବା ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ଦୁଇଥର ଜିଲ୍ଲାପରିଷଦ ସଭ୍ୟ ଭାବେ ନିର୍ବାଚିତ ହେବା ପରେ ନିମାପଡ଼ାର ସମୀର ଦାଶ ବିଧାୟକ ଭାବେ ପ୍ରାର୍ଥୀ ହୋଇ ଜୟଯୁକ୍ତ ହେଉଛନ୍ତି । ସେହିପରି କୈଳାସ ଯଦି ପ୍ରାର୍ଥୀ ହଅନ୍ତି ତେବେ ଅଂଚଳବାସୀ ସମର୍ଥନ କରିବେ ବୋଲି ଗାଁ ଗାଁରେ ଅଲୋଚନା ହେଉଛି ।

# ବିରେନ୍ଦ୍ର କୁମାର ଶତପଥୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଉଦଳା,୦୨/୦୨ (ନି.ପ୍ର): ଉଦଳା ବ୍ଲକର ପାଟଶାଣୀପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିରେନ୍ଦ୍ର କୁମାର ଶତପଥୀ ତାଙ୍କର ଚାକିରୀ ଜୀବନରୁ ଅବସର ଗ୍ରହଣ କରିଛନ୍ତି । ତାଙ୍କୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ଜଣାଇବା ଉଦେଶ୍ୟରେ ବିଦ୍ୟାଳୟ ପରିସରରେ ଆଜି ଫେବୃଆରୀ ୨ ତାରିଖ ଗୁରୁବାର ଦିନ ଏକ ସାଧାରଣ ସଭାର ଆୟୋଜନ କରଯାଇଥିଲା । ଓଷ୍ଟାର ଜିଲ୍ଲା ସଭାପତି କୋକିଳ ଚନ୍ଦ୍ର ମହାନ୍ତ ଉକ୍ତ ସଭାରେ ଅଧ୍ୟକ୍ଷତା କରି ବିରେନ୍ଦ୍ର ସାରଙ୍କର ସାଧାସିଧା ଜୀବନ ଓ ଉନ୍ନତ ମାନର ଶିକ୍ଷାଦାନ ଅନ୍ୟ ମାନଙ୍କ ପାଇଁ ଦୃଷ୍ଟାନ୍ତ ପାଲଟିଛି ବୋଲି ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଶିକ୍ଷକ ଭରତ ଚନ୍ଦ୍ର ବରାଳ, ସରୋଜ କୁମାର ପଣ୍ଡା, ଗୋପିନାଥ ସୋରେନ, ମାନସ ରଂଜନ ମିରିଡ଼ିଆ, ଧର୍ମେନ୍ଦ୍ର ସେଣ ପ୍ରମୁଖ ଅଂଶ ଗ୍ରହଣ କରି ଶତପଥୀ ସାରଙ୍କର ବହୁମୁଖୀ ପ୍ରତିଭା ସମ୍ପର୍କରେ ବର୍ଣ୍ଣନା କରିଥିଲେ । ଏହାପରେ ଛାତ୍ର ଛାତ୍ରୀ ମାନେ ଶତପଥୀ ସାରଙ୍କୁ ବିଭିନ୍ନ ପ୍ରକାର ଉପହାର ପ୍ରଦାନ କରିବା ସହ ନିଜ ନିଜର ଅନୁଭବ ବ୍ୟକ୍ତ କରିଥିଲେ । ଶେଷରେ ବିଦ୍ୟାଳୟ ପରିଚାଳନା କମିଟି ତରଫରୁ ମାନପତ୍ର, ଉତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ।

# ଅଲଚିକି ଭାଷାର ପ୍ରତିଷ୍ଠାତା ୰ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠାର ଶୁଭ ଶିଳାନ୍ୟାସ



ନୀଳଗିରି,୦୨/୦୨ (ନି.ପ୍ର): ଅଲଚିକି ଭାଷାର ପ୍ରତିଷ୍ଠାତା ୰ପଣ୍ଡିତ ରଘୁନାଥ ମୁର୍ମୁଙ୍କର ପୂର୍ଣ୍ଣାଦୟବ ପ୍ରତିମୂର୍ତି ପ୍ରତିଷ୍ଠାର ଶୁଭ ଶିଳାନ୍ୟାସ ନୀଳଗିରିର ମାନ୍ୟବର ବିଧାୟକ ଇଂ. ସୁକାନ୍ତ କୁମାର ନାୟକ କହିଛନ୍ତି । ତେଲିପାଳସ୍ଥିତ କଲ୍ୟାଣମଣ୍ଡପ ନିକଟରେ ଆଜିର ଏହି ଶୁଭ ଶିଳାନ୍ୟାସ କରାଯାଇଥିବା ବେଳେ ବିଧାୟକ ନିଜସ୍ୱ ପାଣ୍ଠିରୁ ଏହା ପୂର୍ଣ୍ଣାବୟବ ପ୍ରତ୍ନମୂର୍ତୀ ନିର୍ମାଣ କରାହେବ ବୋଲି ପ୍ରକାଶ କରିଛନ୍ତି । ତେଲପାଳ ସରପଂଚ ବାହାବଳୀ ମାରାଣ୍ଡି, ସମିତିସଭ୍ୟା ଟିକି ସିଂ, ପୂର୍ବତନ ସରପଂଚ ସେରାଲ ବାସ୍କେ, ପ୍ରଧାନ ଶିକ୍ଷକ ଗୋବିନ୍ଦ ହାଂସଦା, ପିଠାହତା ସରପଂଚ ମିନତୀ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଚିତ୍ତ ରଂଜନ ଦାସ ମହାପାତ୍ର ହେଲେ ଅଠର ଦେଉଳର ମୁଖ୍ୟ ପୂଜକ



ଉଦଳା,୦୨/୦୨ (ନି.ପ୍ର): ବାଥୁଡ଼ି ଜନଜାତିର ଆରାଧ ଦେବତା ବଡ଼ାମ ଠାକୁର ଅଟନ୍ତି । ମୟୂରଭଞ୍ଜ ଜିଲ୍ଲାରେ ଥିବା ଅଠର ଦେଉଳ ଉକ୍ତ ଦେବତାଙ୍କର ମୁଖ୍ୟ ଆସ୍ଥାନ ବା ପୀଠ ଅଟେ । ଅଠର ଦେଉଳରେ ବଡ଼ାମ ଠାକୁରଙ୍କୁ ପୂଜାର୍ଚ୍ଚନା କରୁଥିବା ପୂଜକଙ୍କର ରହିଛି ଏକ ସ୍ୱତନ୍ତ୍ର ସମ୍ମାନ । ଏହି ପୂଜକ ପୁରାଣ ବର୍ଣ୍ଣିତ ବିଶ୍ୱାବସୁ ଋଷିଙ୍କର ବଂଶଧର ଅଟନ୍ତି ବୋଲି ବାଥୁଡ଼ି ସମ୍ପ୍ରଦାୟ ମଧ୍ୟରେ ବିଶ୍ୱାସ ରହିଛି । ତେବେ ଏଠାରେ ପୂଜକ ଭାବରେ ଦିର୍ଘ ବର୍ଷ ଧରି ନିୟୋଜିତ ଥିବା ବୃନ୍ଦାବନ ମହାପାତ୍ରଙ୍କର ଦେହାନ୍ତ ହୋଇଯିବା ଫଳରେ ନୂତନ ପୂଜକ କିଏ ହେବେ , ସେଇଥିପାଇଁ ବାଥୁଡ଼ି ଜନଜାତି ମଧ୍ୟରେ ବିଭିନ୍ନ ପ୍ରକାର କଥା ଆଲୋଚନା ହେଉଥିଲା । ନିୟମ ଅନୁସାରେ ପୂଜକଙ୍କର ପୁତ୍ର ହିଁ ପୂଜକ ଦାୟିତ୍ୱ ଗ୍ରହଣ କରିଥାନ୍ତି । କିନ୍ତୁ ୰ ବୃନ୍ଦାବନ ମହାପାତ୍ର ଅପୁତ୍ରିକ ଥିଲେ । ଯେଉଁଥିପାଇଁ ସାଧାରଣରେ ଚର୍ଚ୍ଚା ଜୋର ଧରିଥିଲା । ଏହାର ସମାଧାନ ପାଇଁ ଗତ ଜାନୁଆରୀ ୨୯ ତାରିଖ ରବିବାର ଦିନ ସାନ ମାମୁଡ଼ିଆ ବଡ଼ାମ ଠାକୁର ପଡ଼ିଆରେ କୁଳିଅଣା ବଡ଼ାମ ବାହିନିର ଆବାହକ ପ୍ରଶାନ୍ତ କୁମାର ନାଏକଙ୍କ ଅଧ୍ୟକ୍ଷତାରେ ବୈଠକ ବସିଥିଲା । ଏଥିରେ ମୟୂରଭଞ୍ଜ ସମେତ ବାଲେଶ୍ୱର ଓ କେଉଁଝର ଜିଲ୍ଲାରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ । ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ, କରଞ୍ଜିଆର ପୂର୍ବତନ ବିଧାୟକ ବିଜୟ କୁମାର ନାଏକ, ବାରିପଦା ବଡ଼ାମ ବାହିନିର ଆବାହକ କୃଷ୍ଣ ଚନ୍ଦ୍ର ନାଏକ, ବାଥୁଡ଼ି ସଂସ୍କୃତିକ ସମାଜର ସଂପାଦକ ସୁବାଶ ଚନ୍ଦ୍ର ନାଏକ, ଭୁବନେଶ୍ୱର କେନ୍ଦ୍ରୀୟ ଆବାହକ ସୁବାସ ନାଏକ, ଯୁବ ବାଥୁଡ଼ି ସମାଜର ସଭାପତି ବିରେନ୍ଦ୍ର ମଢ଼େଇ, ଉପଦେଷ୍ଟା ଇଂ. ନୟାଧର ପଢ଼ିଆଳ, ଉଦଳା ଶାଖାର ସଭାପତି ଦିବାକର ପଢ଼ିଆଳ, ବିଜୟ କୁମାର ସେନାପତି ପ୍ରମୁଖ ଯୋଗ ଦେଇ ୰ ବୃନ୍ଦାବନ ମହାପାତ୍ରଙ୍କ ପୁତୁରା ଚିତରଂଜନ ଦାସମହାପାତ୍ରଙ୍କୁ ଅଠର ଦେଉଳର ମୁଖ୍ୟ ପୂଜକ ରୂପେ ଦାୟିତ୍ୱ ଅର୍ପଣ କରିଥିଲେ । ଏହାପରେ ଅଠର ଦେଉଳର ଉନ୍ନତି ପାଇଁ ଆଲୋଚନା ଆରମ୍ଭ ହୋଇଥିଲା । ପ୍ରକାଶ ଥାଉକି ଅନ୍ୟ ଜନଜାତିର ଲୋକେ ବିଧର୍ମିଙ୍କ ଦ୍ୱାରା ପ୍ରଭାବିତ ହୋଇ ଯେଉଁ ଭଳି ଧର୍ମ ପରିବର୍ତନ କରୁଛନ୍ତି, ବାଥୁଡ଼ି ଜନଜାତି ସେଥିରୁ ବହୁ ଉର୍ଦ୍ଧରେ । ସେଥିପାଇଁ ବାଥୁଡ଼ି ଜନଜାତିର ପ୍ରଶଂସା ବିଭିନ୍ନ ମହଲରେ ଶୁଣିବାକୁ ମିଳିଥାଏ ।

# ଧାନକିଣା ଅବ୍ୟବସ୍ଥା ନେଇ ବିଜେପି କୃଷକ ମୋର୍ଚ୍ଚାର ଦାବିପତ୍ର



ବାଲେଶ୍ୱର,୦୨/୦୨ (ନି.ପ୍ର): ଜିଲାର ଖରିଫ ଧାନ କିଣାରେ ଅବ୍ୟବସ୍ଥା ଓ ଚାଷୀ ଶୋଷଣ ହେଉଥିବା ଅଭିଯୋଗ ନେଇ ବିଜେପି କୃଷକ ମୋର୍ଚ୍ଚା ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବିଜେପି ଜିଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଥା କୃଷକ ମୋର୍ଚ୍ଚା ଜିଲା ସଭାପତି କୈଳାସ ଚନ୍ଦ୍ର ବାରିକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ସାକ୍ଷାତ ସହ ଜିଲାରେ ଚାଲିଥିବା ଧାନକିଣାରେ ଅବ୍ୟବସ୍ଥା ସମ୍ପର୍କରେ ଅବଗତ କରିଛି। ବିଶେଷ କରି ଧାନ ବିକ୍ରିର ୨୦ ଦିନ ପର୍ଯ୍ୟନ୍ତ ଚାଷୀଙ୍କ ଜମାଖାତାକୁ ପ୍ରାପ୍ୟ ନ ଆସିବା, ବିଭିନ୍ନ ଆଳ ଦେଖାଇ ମଣ୍ଡିରେ ଚାଷୀଙ୍କଠାରୁ କ୍ୱିଣ୍ଟାଲ ପିଛା ୮ ରୁ ୧୦ କିଲୋ ଧାନ କାଟି ନେବା, ଚାଷୀଙ୍କୁ ଅଖା-ସୁତୁଲି ନ ଦେବା, ଚାଷୀଙ୍କ ଠାରୁ ଧାର୍ଯ୍ୟ ଟୋକନ ପରିମାଣ ଧାନ କୟ ନ କରିବା ଭଳି ଅବ୍ୟବସ୍ଥା ଯୋଗୁଁ ଚାଷୀକୂଳ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଅଛନ୍ତି ବୋଲି ଦଳୀୟ କର୍ମକର୍ତ୍ତାମାନେ ଆରୋପ କରିଛନ୍ତି। ୭ଦିନ ମଧ୍ୟରେ ଚାଷୀଙ୍କୁ ସେମାନଙ୍କ ପ୍ରାପ୍ୟ ନ ମିଳିଲେ ଓ ଅନ୍ୟାନ୍ୟ ସମସ୍ତ ସମସ୍ୟାର ସମାଧାନ କରା ନ ଗଲେ ବିଜେପି କୃଷକ ମୋର୍ଚ୍ଚା ତୀବ୍ର ଆନ୍ଦୋଳନକୁ ଓହ୍ଲାଇବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ମୋର୍ଚ୍ଚା ପକ୍ଷରୁ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ମୋର୍ଚ୍ଚା ଜିଲା ସଭାପତି ଶ୍ରୀ ବାରିକ, ବିଜେପି ଜିଲଣ ସଭାପତି ଶ୍ରୀ ମହାପାତ୍ର ଓ ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ସମେତ ପୂର୍ବତନ ଜିଲା ସଭାପତି ଲମ୍ବୋଦର ନାୟକ, କୃଷକ ମୋର୍ଚ୍ଚା କର୍ମକର୍ତ୍ତା ସୂର୍ଯ୍ୟ ନାରାୟଣ ସାହୁ, ପର୍ଶୁରାମ ପରିଡ଼ା, ସତ୍ୟଜିତ ମିଶ୍ର, ଶ୍ରୀନିବାସ ପ୍ରଧାନ ଆଶିଷ କୁମାର ଘୋଷ, ସସ୍ମିତା ପଣ୍ଡା, ମୃତ୍ୟୁଞ୍ଜୟ ଜେନା, ପ୍ରଶାନ୍ତି ପଣ୍ଡା, ଶୁଭଙ୍କର ମହାପାତ୍ର, ମମତା ମହାପାତ୍ର, ସର୍ବେଶ୍ୱର ମହାନ୍ତି, କମଲ ଲୋଚନ ଦାସ, ରାକେଶ କୁମାର ମହାପାତ୍ର, ନିରାକାର ପଣ୍ଡା, ବିଭୂପଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।


CONTACT NO :- 06782-263149
**Mail ID :- eepwdbls2@gmail.com**

**OFFICE OF THE EXECUTIVE ENGINEER**
BALASORE (ROADS & BUILDINGS ) DIVISION-II
**AT/PO- BHASKARGANJ , BALASORE E**
**SHORT TENDER CALL NOTICE**
**BID INVITATION NO. EE (R and B) BLS-II- 53/ 2022-23**
**No. 1046 dt. 31.01.2023**

| | | | |
|---|---|---|---|
| 1 | The Executive Engineer , Balasore (R & B) Division-II , Balasore on behalf of the Governor of Odisha invites Percentage rate bids to be received in **ONLINE MODE** only for Roads & Buildings works . | | |
| 2 | No. of Work | : | 8 Nos. |
| 3 | Nature of work : | : | Building & road work s of Balasore (R&B) Division-II |
| 4 | Class of Contractor : | : | **"D", "C" & "B" Class of Contractor** |
| 5 | Approx. value of work | : | **Rs.6.08 Lakhs to 24.05 Lakhs** |
| 6 | Tender Cost. : . | : | Rs.4000.00 & Rs.6000.00 per work |
| 7 | Availability of Bid Documents in the website : | : | From 10.00 Hours of dt. 06.02.2023 to 16:00 hours of dt 16.02.2023 |
| 8 | Date of Opening of Bid : | : | Dt. 16.02.2023 at 16.30 Hours. |
| 9 | Other details can be seen in the Bidding documents from the website : https:// tendersorissa.gov.in. | | |

Sd/-A.K Ray (31.01.2023)
**Executive Engineer,**
**Balasore (R&B) Division-II**

**OIPR : 34155/11/0012/2223**

ଶୁକ୍ରବାର,ଫେବୃଆରୀ ୦୩, ୨୦୨୩

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ଜିଲ୍ଲା ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

ବାଲେଶ୍ୱର,୦୨/୦୨ (ନି.ପ୍ର): ଜିଲ୍ଲା ସ୍କୁଲର ୧୭୦ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଗୁରୁବାର ଉଦଘାଟିତ ହୋଇଯାଇଛି । ଜିଲ୍ଲା ସ୍କୁଲ ପଡ଼ିଆ (ପୁରୁଣା ଷ୍ଟାଡିଅମ)ରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ଯୋଗଦେଇ ଏହି କ୍ରୀଡ଼ାକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷା ଗ୍ରହଣ ସାଙ୍ଗକୁ ଛାତ୍ରଛାତ୍ରୀଙ୍କ ଶାରୀରିକ ମାନସିକ ବିକାଶ ନିମନ୍ତେ କ୍ରୀଡ଼ା ଏକାନ୍ତ ଆବଶ୍ୟକ ବୋଲି ସେ କହିଥିଲେ। ଛାତ୍ରଛାତୀଙ୍କ କ୍ରୀଡ଼ା ପ୍ରତିଭାକୁ ପ୍ରୋତ୍ସାହିତ କରିବାରେ ବିଦ୍ୟାଳୟ ସ୍ତରୀୟ ଏହି ଉତ୍ସବ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ପାରିଛି ବୋଲି ଏସପି ଶ୍ରୀମତୀ ନାଥ ମତପ୍ରକାଶ କରିଥିଲେ। ବାଲେଶ୍ୱର ପୌରାଧକ୍ଷା ସବିତା ସାହୁ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଦ୍ୟାଳୟ ସ୍ତରୀୟ ପାଠ୍ୟକ୍ରମରେ କ୍ରୀଡ଼ାର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ । ପରସ୍ପର ମଧ୍ୟରେ ଭାତୃତ୍ୱଭାବ ବଜାୟ ରଖି କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଜିଲ୍ଲା ଶିକ୍ଷାଧିକାରୀ ବିଷ୍ଣୁଚରଣ ସୁତାର ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ହାର-ଜିତକୁ ଗୁରୁତ୍ୱ ନଦେଇ ସର୍ବଦା ଖେଳଓ୍ୱାଡ଼ ମନୋଭାବ ନେଇ ଖେଳିବାକୁ ପରାମର୍ଶ ଦେଇଥିଲେ। ସ୍ଥାନୀୟ କାଉନସିଲର ସତ୍ୟଶିବ ସୁନ୍ଦର ଦାସ ଓ ପୁରାତନ ଛାତ୍ର ସଂସଦର ସମ୍ପାଦକ ରାଜେଶ ଗିରି ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲା ସ୍କୁଲର ପ୍ରଧାନ ଶିକ୍ଷକ ନାରାୟଣ ଦାସ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ ।ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ମାର୍ଚ୍ଚପାଷ୍ଟରେ ପଡ଼ିଆ ପରିକ୍ରମା ସହ ଅତିଥିଙ୍କୁ ଅଭିବାଦନ ପ୍ରଦାନ କରିଥିଲେ । ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆକର୍ଷଣୀୟ ଯୋଗାସନ, ଡ୍ରିଲ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଭୃତି ପରିବେଷଣ କରାଯାଇଥିଲା । ଦୁଇଦିନ ଧରି ହେବାକୁ ଥିବା ଏହି କ୍ରୀଡ଼ା ଉତ୍ସବରେ ୫୦ରୁ ଉର୍ଦ୍ଧ୍ୱ ବିଭାଗରେ ୮ଶହ ଛାତ୍ରଛାତ୍ରୀ ଅଂଶଗ୍ରହଣ କରୁଥିବା ସ୍କୁଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀଙ୍କ ସମେତ ସହରର ଅନ୍ୟାନ୍ୟ ବିଦ୍ୟାଳୟ କ୍ରୀଡ଼ା ଶିକ୍ଷକମାନେ ଉପସ୍ଥିତ ରହି ଏହି କ୍ରୀଡା ଉତ୍ସବକୁ ପରିଚାଳନା କରିଥିଲେ।

## ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା-ସହାୟିକା ସଂଘର ବିକ୍ଷୋଭ




ବାଲେଶ୍ୱର,୦୨/୦୨ (ନି.ପ୍ର): ବଭିନ୍ନ ଦାବିନେଇ ଶ୍ରମିକ ସଂଗଠନ ସିଆଇଟିୟୁ ଅନୁବନ୍ଧିତ 'ଓଡ଼ିଶା ମଧାହ୍ନ ଭୋଜନ ପାଚିକା-ସହାୟିକା ସଂଘ' ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ବିକ୍ଷୋଭ ପ୍ରଦର୍ଶିତ ହୋଇଯାଇଛି ।ଏହି ପରିପ୍ରେକ୍ଷୀରେ ପାଚିକା ଓ ସହାୟିକାଙ୍କୁ ନେଇ ଏକ ଶୋଭାଯାତ୍ରା ବାଲେଶ୍ୱର ରେଳ ଷ୍ଟେସନ ନିକଟରୁ ବାହାରି ସହର ପରିକ୍ରମା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା । ସେଠାରେ ଆୟୋଜିତ ବିକ୍ଷୋଭ ଓ ପ୍ରତିବାଦ କାର୍ଯ୍ୟକ୍ରମରେ ସଂଘର ଜିଲ୍ଲା ସଭାପତି ମୃତ୍ୟୁଞ୍ଜୟ ରାଉତ, ରାଜ୍ୟ ସାଧାରଣ ସମ୍ପାଦୀକ ଇଷାନୀ ଷଡ଼ଙ୍ଗୀ, ପୂର୍ଣ୍ଣିମା ବେହେରା, ବସନ୍ତ ପ୍ରଧାନ, ପୁତୁଲି ଦାସ, ରମାକାନ୍ତ ରଣା, କନକଲତା ଦାସ, ରେବତୀ ଦାସ, ଶ୍ୟାମାପଦ ଦାସ, ଦ୍ରୌପଦୀ ଦାସ, ମନ୍ମଥ ବେହେରା, ରାମଶଙ୍କର ଜେନା, ଶୁଶିଳା ପାଣିଗ୍ରାହୀ, ବିନୋଦିନୀ ପଣ୍ଡାଙ୍କ ସମେତ ପ୍ରମିଳା ସାହୁ, ବିଜୟ ପାତ୍ର, ରାଜକିଶୋର ଲେଙ୍କା, ଅମଲ ଦେ, ଶ୍ୟାମସୁନ୍ଦର ଜେନା ପ୍ରମୁଖ ଯୋଗଦେଇ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତକାରୀ ପାଚିକା ଓ ସହାୟିକାଙ୍କ ପ୍ରତି ରାଜ୍ୟ ସରକାରଙ୍କ ଉଦାସୀନତାକୁ ତୀବ୍ର ସମାଲୋଚନା କରିଥିଲେ। ସାମ୍ପ୍ରତିକ ସ୍ଥିତିରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଦର ଆକାଶଛୁଆଁ ଭାବେ ବୃଦ୍ଧି ପାଇଥିବା ବେଳେ ଦିନକୁ ମାତ୍ର ୪୬ ଟଙ୍କା ୬୦ ପଇସା ଭତ୍ତାରେ ପାଚିକା ସହାୟିକାମାନେ କେମିତି ଚଳୁଛନ୍ତି ଏବାବଦରେ ସରକାର କେବେ ଚିନ୍ତା କରିନାହାନ୍ତି ବୋଲି ବକ୍ତାମାନେ କହିଛନ୍ତି। ଅନ୍ୟପକ୍ଷରେ ସରକାରଙ୍କ ନିୟମ ଅନୁସାରେ ସ୍କୁଲ ହତା ମଧ୍ୟରେ ମଧାହ୍ନ ଭୋଜନ ରୋଷେଇ ହେବାକଥା। ଫଳରେ ଛାତ୍ରଛାତ୍ରୀମାନେ ତଟକା ଓ ପୃଷ୍ଟିସାର ଖାଦ୍ୟ ପାଇବେ। ମାତ୍ର ରାଜ୍ୟରେ ଅକ୍ଷୟ ପାତ୍ର ଫାଉଣ୍ଡେସନ ନାମକ ଏକ ଏନଜିଓକୁ ସରକାର ମଧାହ୍ନ ଭୋଜନ ପ୍ରସ୍ତୁତି ଓ ବଣ୍ଟନ ଦାୟିତ୍ୱ ଦେବା ପାଇଁ କାହା ସ୍ୱାର୍ଥରେ ନିଷ୍ପତି ନେଉଛନ୍ତି ବୋଲି ସେମାନେ ଆରୋପ କରିଛନ୍ତି। ସେହିଭଳି ବିଦ୍ୟାଳୟ ଭିତ୍ତିଭୂମିର ବିକାଶ ଓ ଗୁଣାତ୍ମକ ଶିକ୍ଷାଦାନ ପ୍ରତି ଦୃଷ୍ଟି ନ ଦେଇ ସରକାର ୨୫ରୁ କମ ଛାତ୍ରଛାତ୍ରୀ ଥିବା ବିଦ୍ୟାଳୟକୁ ଅନ୍ୟ ସ୍କୁଲ ସହ ମିଶ୍ରଣ କରିବା ଫଳରେ ପାଚିକା ସହାୟିକାଙ୍କୁ ଛଟେଇ କରାଯାଉଛି। ଛଟେଇ ପାଚିକା ଓ ସହାୟିକାଙ୍କୁ ପୁନଃ ନିଯୁକ୍ତି ଦେବା, ବିଦ୍ୟାଳୟ ମିଶ୍ରଣ ବନ୍ଦ କରିବା, ସର୍ବନିମ୍ନ ମଜୁରି ମାସିକ ୨୮୦୦୦ ଟଙ୍କା ପ୍ରଦାନ କରିବା, ଅବସର ବୟସ ସୀମା ୬୦ ରୁ ୬୨ ବର୍ଷକୁ ବୃଦ୍ଧି କରିବା, ପିଏଫ୍-ଇଏସ୍‌ଆଇ ଲାଗୁ କରିବା, ବର୍ଷକୁ ୨ ଖଣ୍ଡ ଶାଢ଼ି ଦେବା, କର୍ଣ୍ଣାଟକ ଓ ଉତ୍ତର ପ୍ରଦେଶ ଭଳି ଅବସର ପରେ ପାଚିକାଙ୍କୁ ମାସିକ ୩ ହଜାର ଟଙ୍କା ଭତ୍ତା ଦେବା ଏବଂ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ୨୮ ମାସର ବର୍ଦ୍ଧିତ ଭତ୍ତା ତୁରନ୍ତ ପ୍ରଦାନ ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି। ଏନେଇ ତୁରନ୍ତ ଉଚିତ ପଦକ୍ଷେପ ଗ୍ରହଣ କରାନଗଲେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ଜୋରଦାର ହେବ ବୋଲି ସଂଘର କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି।ଏହି ଅବସରରେ ସଂଘ ପକ୍ଷରୁ ରାଜ୍ୟ ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୮ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଜିଲାର ବିଭିନ୍ନ ଅଞ୍ଚଳରୁ ବହୁ ପାଚିକା ଓ ସହୟିକା ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ସ୍ୱର୍ଗତ ରାଧାଶ୍ୟାମ ପଣ୍ଡାଙ୍କ ସ୍ମୃତିଚାରଣ ସଭାରେ କର୍ମଯୋଗୀ ରାଧାଶ୍ୟାମଙ୍କ ସ୍ମରଣିକା ଉନ୍ମୋଚନ



ଖଇରା, ୦୨/୦୨ (ନି.ପ୍ର): ଔପଦା ବ୍ଲକ ଫତେପୁର ପଂଚାୟତ ହରିହରପୁର ଶାସନରେ ସ୍ୱର୍ଗତ ରାଧାଶ୍ୟାମ ପଣ୍ଡାଙ୍କ ସ୍ମୃତିଚାରଣ ସଭା ସାହିତ କର୍ମଯୋଗୀ ରାଧାଶ୍ୟାମଙ୍କ ସ୍ମରଣିକା ଉନ୍ମୋଚନ ହୋଇଯାଇଛି । ଏହି ସଭାରେ ପ୍ରଥମ ସୋପାନରେ ରାଧାଶ୍ୟାମ ସ୍ମୃତି ତରଫରୁ ରକ୍ତଦାନ ଶିବିର, ପରେ ବ୍ରାହ୍ମଣ ମାନଙ୍କ ଦ୍ୱାରା ବ୍ରହ୍ମ ସଭା, ସଭାପତି କୃଷ୍ଣ ଚନ୍ଦ୍ର ପତ୍ରୀ ଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି ।ପ୍ରଥମେ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ ପରେ ଗୀତା ପାଠ,ନୀରବ ପ୍ରାର୍ଥନା କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା । ଏହି ସଭାରେ ତାଙ୍କର ଧର୍ମ ପତ୍ନୀ ସରସ୍ୱତୀ ପଣ୍ଡା ଶ୍ରଦ୍ଧା ସୁମନ କରିବା ସହିତ କନିଷ୍ଠ ଭ୍ରାତା ବଳରାମ ପଣ୍ଡା ନାନ ଙ୍କର ଗୁଣ ଗାନ କରି ଅତ୍ମାର ସତଗତି କାମନା କରିଥିଲେ । ଜ୍ୟେଷ୍ଠ ପୁତ୍ର ବିଜୟ କୁମାର ପଣ୍ଡା ବାପାଙ୍କର ଅଧୁରା ସ୍ୱପ୍ନ କୁ ସାକାର କରିବାକୁ ପ୍ରକାଶ କରିଥିଲେ । ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବୁଦ୍ଧିରାମ ପାଣିଗ୍ରାହୀ, ସଙ୍କୀର୍ତ୍ତନ ପଣ୍ଡା, ଦୈତ୍ୟାରୀ ପଣ୍ଡା, ବାସୁଦେବ ପଣ୍ଡା ଓ ଅନ୍ୟାନ୍ୟ ବ୍ରାହ୍ମଣମାନେ ଯୋଗ ଦେଇଥିଲେ । ପରେ ସ୍ମୃତୀ ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ୧ମ ପର୍ଯ୍ୟାୟରେ ଆଞ୍ଚଳିକ ଅବସରପ୍ରାପ୍ତ ସଂଘ କୁପାରୀ ର ସଭାପତି ପ୍ରଫୁଲ ଚନ୍ଦ୍ର ବେହେରା ସଭାପତିତ୍ୱ କରିଥିଲା ବେଳେ ମୁଖ୍ୟଅତିଥୀ ଭାବେ ସ୍ଥାନୀୟ ବିଧାୟକ ସୁକାନ୍ତ କୁମାର ନାୟକ ଯୋଗଦେଇ ସ୍ୱର୍ଗତ ପଣ୍ଡାଙ୍କ ଦେହାନ୍ତରେ ଅପୁରଣୀୟ କ୍ଷତି ଘଟିଛି ବୋଲିଉଲ୍ଲେଖକରିଥିଲେ । ସେ ଜଣେ ଏକା ଧାରରେ ସୁଶିକ୍ଷକ, ସମାଜ ସେବୀ, ପରୋପକାରୀ, ଦରଦୀଙ୍କ ବନ୍ଧୁ, ବୃକ୍ଷମାନବ, କବି, ସମାଜ ସଂସ୍କାରକ ଥିଲେ ବୋଲି ପ୍ରକାଶ କରିଥିଲେ। ଅନ୍ୟତମ ଅତିଥୀ ଭାବେ ଅବସର ପ୍ରାପ୍ତ ପ୍ରାଧ୍ୟାପକ ଡ. ବ୍ରଜମୋହନ ମିଶ୍ର ଯୋଗ ଦେଇ ରାଧାଶ୍ୟାମ ବାବୁ ଜଣେ ଅନନ୍ୟ ପ୍ରତିଭା ଥିଲେ ବୋଲି ପ୍ରକାଶ କରିଥିଲେ । ସଭାର ୨ୟ ପର୍ଯ୍ୟାୟରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମନମୋହନ ପାଢୀ ସଭାପତିତ୍ୱ କରିଥିବା ବେଳେ ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ଜିଲ୍ଲାପାଳ ନିରଞ୍ଜନ ସାହୁ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଉମେଶ ଚନ୍ଦ୍ର ନାୟକ, ଅବସରପ୍ରାପ୍ତ ବିଇଓ ସୁଦର୍ଶନ ରାଉତ, ଖଇରା ସାହିତ୍ୟ ସଂସଦର ସଭାପତି ମାୟାଧର ନାୟକ, କମ୍ରେଡ ଜଗଦାନନ୍ଦ ମହାପାତ୍ର , ଭରତ ଚନ୍ଦ୍ର ପଣ୍ଡା, ଶତୃଘ୍ନ ଦାସ, ଯୋଗ ଦେଇ ସ୍ୱର୍ଗତ ପଣ୍ଡାଙ୍କର ଗୁଣ ଗାରିମା ଗାନ କରିଥଲେ ।

## କାର୍ଯ୍ୟରେ ଯୋଗାଦେଲେ ନୂତନ ତହସିଲଦାର



ଖୋର୍ଦ୍ଧା,୦୨/୦୨ (ନି.ପ୍ର): ଖୋର୍ଦ୍ଧା ରେ ନୂତନ ତହସିଲଦାର ଭାବେ ବିଭାସ ପାଣଗ୍ରାହୀ ଆଜି ଅପରାହ୍ନରେ ଦାୟତ୍ୱ ଗ୍ରହଣ କରିଛନ୍ତି ।ଖୋର୍ଦ୍ଧାରେ ଥିବା ତହସିଲଦାର ଇପିସିତ ସାହୁଙ୍କର ରଣପୁରକୁ ବଦଳି ହୋଇଥିବାବେଳେ ଗତ ୨୮ ତାରିଖରେ ସେ ଅତିରିକ୍ତ ତହସିଲଦାର ସନାତନ ମଲିକଙ୍କୁ ଦାୟିତ୍ୱ ପ୍ରଦାନ କରି ରଣପୁର ଯାଇଥିଲେ । ତେବେ ଭୁବନେଶ୍ୱର ଇଡକୋ ଆଡିସିନାଲ ଲ୍ୟାଣ୍ଡ ଅଫିସର ଥିବା ଶ୍ରୀ ପାଣିଗ୍ରାହୀଙ୍କର ଖୋର୍ଦ୍ଧା ତହସିଲଦାରଭାବେ ବଦଳି ହୋଇଥିଲା । ନୂତନ ତହସିଲଦାର ପାଣୀଗ୍ରାହଙ୍କ କହିବା କଥା ପ୍ରଥମେ ରାଜସ୍ୱ ଆଦାୟ ଉପରେ ଗୁରୁତ୍ୱ ଦେବା ସହିତ ଲୋକମାନଙ୍କ ବିଭିନ୍ନ ରାଜସ୍ୱ ସଂର୍ପକୀତ ସମସ୍ୟା କୁ ସମାଧାନ କରାଯିବା ବିଶେଷ ଗୁରୁତ୍ୱ ଦେବେ ବୋଲି କହିଥିଲେ ।

## ପଦୋନ୍ନତି ଅଦାଲତରେ ଦ୍ୱିତୀୟ ଦିନର ଶୁଣାଣି ଅନୁଷ୍ଠିତ

ଭୁବନେଶ୍ୱର,୦୨/୦୨ (ନି.ପ୍ର):ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ପଦୋନ୍ନତି ଅଦାଲତର ଆଜି ଦ୍ୱିତୀୟ ଦିନରେ ୪୮୧ଟି ଅଭିଯୋଗର ଶୁଣାଣି କରାଯାଇଥିବା ବେଳେ ୩୪୦ଟି ଆବେଦନକୁ ଅଦାଲତ ପଦୋନ୍ନତି ନିମନ୍ତେ ବିବେଚନା କରିଛନ୍ତି । ଆଜିକୁ ମିଶାଇ ୮୧୮ଟି ଆବେଦନର ଶୁଣାଣି କରାଯାଇଥିବା ବେଳେ ସେଥି ମଧ୍ୟରୁ ୬୪୮ଟି ଆବେଦନକୁ ପଦୋନ୍ନତି ପାଇଁ ଗ୍ରହଣ କରାଯାଇଛି । ଆଜି ଦ୍ୱିତୀୟ ଦିନରେ ଗ୍ରାମ୍ୟ ଉନ୍ନୟନ, ଇସ୍ପାତ୍ ଓ ଖଣି, ବିଦ୍ୟାଳୟ ଓ ଗଣଶିକ୍ଷା, ସାଧାରଣ ଉଦ୍ୟୋଗ, ଅବକାରୀ, ସୂଚନା ଓ ଲୋକ ସଂପର୍କ, ଜଳ ସଂପଦ, ପୂର୍ତ୍ତ, ଶକ୍ତି, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ଇଲୋକଟ୍ରୋନିକ୍ସ ଓ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରାଯାଇଥିଲା । ଗତ କାଲି ଭଳି ଆଜି ମଧ ୬ ଜଣ ଅତିରିକ୍ତ ଶାସନ ସଚିବ ଡ଼ଃ ନିକୁଞ୍ଜ କିଶୋର ସୁନ୍ଦରାୟ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠ, ଶ୍ରୀ ରାଜ କୁମାର ଶର୍ମା ଗୋପବନ୍ଧୁ ପ୍ରଶାସନିକ ଏକାଡେମୀ, ଶ୍ରୀ ଦେଓ ରଂଜନ ସିଂ କଳିଙ୍ଗ ଷ୍ଟାଡିୟମ ସମ୍ମିଳନୀ କକ୍ଷ, ଡ଼ଃ ମୋନା ଶର୍ମା ଇଡକୋ ସମ୍ମିଳନୀ କକ୍ଷ, ଶ୍ରୀମତୀ ଅନୁ ଗର୍ଗ କୃଷି ଭବନ ଅଡିଟୋରିୟମ ଏବଂ ଶ୍ରୀ ସତ୍ୟବ୍ରତ ସାହୁ ଏସ୍‌ଆଇଆରଡି ସମ୍ମିଳନୀ କକ୍ଷରେ ଅଭିଯୋଗର ଶୁଣାଣି କରିଥିଲେ । ଆସନ୍ତା କାଲି ଶେଷ ଦିନରେ ଜଙ୍ଗଲ ଓ ପରିବେଶ, କ୍ରୀଡା ଓ ଯୁବସେବା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ,ସମବାୟ, ବାଣିଜ୍ୟ ଓ ପରିବହନ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ପର୍ଯ୍ୟଟନ, ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି, ଗୃହ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ, ଶିଳ୍ପ, ସୂକ୍ଷ୍ମ କ୍ଷୁଦ୍ର, କ୍ଷୁଦ୍ର ଓ ମଧମ ଉଦ୍ୟୋଗ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରାଯିବ ।

## ଗିରଫ ନକଲି ଡାକ୍ତର ଆଜି ଜେଲ୍ ଗଲେ

ଭଦ୍ରକ,୦୨/୦୨ (ନି.ପ୍ର): ଗତକାଲି ଭଦ୍ରକ ମେଡିକାଲରେ ଜଣେ ନକଲି ଡାକ୍ତର ଗରିଫ ହୋଇଥିବାବେଳେ ଆଜି ତାକୁ ସହରା ଳ ଥାନା ପୁଲିସ୍ କୋର୍ଟ ଚାଲାଣ କରିଛି। ତେବେ ତାର ଜାମିନ୍ ଆବେଦନ ନାମଂଜୁର ହେବାରୁ ତାକୁ ଭଦ୍ରକ ସ୍ୱତନ୍ତ୍ର ଉପକାରାଗାରକୁ ପଠାଇ ଦିଆଯାଇଛି। ପୁଲିସ୍ ଏହି ଘଟଣାରେ ଯାଜପୁର ଜିଲା ଖନ୍ଦରା ଗ୍ରାମନିବାସୀ ଅନନ୍ତ କିଶୋର ନାୟକଙ୍କ ପୁତ୍ର ରାଜୀବ ଲୋଚନ ନାୟକଙ୍କୁ ସହରା ଳ ଥାନା କେଶ୍ ନଂ ୬୯, ତା ୧.୨.୨୩ ରିଖ, ଦଫା ୪୪୭, ୪୪୮, ୪୫୧, ୪୧୯, ୪୨୦, ୫୦୬ ରେ ଗିରଫ କରି କୋର୍ଟ ଚାଲାଣ କରିଛି। ଏଠାରେ ସୂଚନାଯୋଗ୍ୟ ଗତକାଲି ଭଦ୍ରକ ମେଡିକାଲରେ ରାଜୀବ ଚଂଚକତା କରି ବେକରେ ଷ୍ଟେଥୋ ଓ ନକଲି ଡାକ୍ତରୀ ପରିଚୟ ପତ୍ର ପକାଇ ମେଡିକାଲକୁ ଯାଉଥିବା ସମୟରେ ସିଡିଏମ୍‌ଓ ସନ୍ତୋଷ ପାତ୍ରଙ୍କ ନଜରକୁ ଆସିଥିଲା। ଫଳରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ରାଜୀବକୁ ସ୍ଥାନୀୟ ପୁଲିସ୍ ସହାୟତା କେନ୍ଦ୍ର ଜରିଆରେ ସହରା ଳ ଥାନାକୁ ହସ୍ତାନ୍ତର କରିଥିଲେ।

## ପାଣି ପଂଚାୟତ ସଚେତନତା ରଥର ଶୁଭାରମ୍ଭ




ଖୋର୍ଦ୍ଧା,୦୨/୦୨ (ନି.ପ୍ର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ଜଳସେଚନ ବିଭାଗ ପକ୍ଷରୁ ପାଣି ପଂଚାୟତ ସଚେତନତା ରଥ ର ଶୁଭାରମ୍ଭ ହୋଇଛି । ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା ଏବଂ ଖୋର୍ଦ୍ଧା ଜଳସେଚନ ବିଭାଜନ ଅଧିକ୍ଷଣଯନ୍ତ୍ରୀ ପ୍ରଦୀପ ବେହେରା ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ପରେ ଦୁଇଗୋଟି ରଥ ଖୋର୍ଦ୍ଧ ଓ ଭୁବନେଶ୍ୱର ୨ ଉପଖଣ୍ଡର ବିଭିନ୍ନ ପଂଚାୟତରେ ଥିବା ଗାଁ ଗାଁ ବୁଲି ଲୋକଙ୍କୁ ଜଳର ସୁବିନିଯୋଗ ନେଇ ସଚେତନ କରିବ । ଆଜି ଠାରୁ ୧୫ଦିନ ଏହି ଦୁଇ ରଥ ବିଭିନ୍ନ ଗାଁରେ ବୁଲିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି । ଅନ୍ୟମାନଙ୍କ ମଧରେ ଜଳସେଚନ ବିଭାଗ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ ।

## ପୁରୀରେ ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା ଉଦ୍‌ଘାଟିତ

ପୁରୀ,୦୨/୦୨ (ନି.ପ୍ର): ରାଜ୍ୟ ସରକାରଙ୍କ ହସ୍ତତନ୍ତ ଓ ହସ୍ତଶିଳ୍ପ ଓ ବୟନ ଶିଳ୍ପ ବିଭାଗ ପକ୍ଷରୁ ଏକ ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା ଆଜି ଅପରାହ୍ନ ରେ ପୁରୀ ସ୍ଥିତ ନୀଳାଚଳ ହାଟ ଠାରେ ଆୟୋଜିତ ହୋଇଯାଇଛି। ଏହି ମେଳାକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଉଦଘାଟନ କରି ଏହି ଭଳି ମେଳା ଆୟୋଜନ ଦ୍ୱାରା ବୁଣାକାର ମାନେ ସେମାନଙ୍କ ସାମଗ୍ରୀ ର ପ୍ରଦର୍ଶନ ସହ ବିକ୍ରି ପାଇଁ ସୁଯୋଗ ସୃଷ୍ଟି କରାଯାଇ ପାରୁଛି ବୋଲି କହିଥିଲେ। ଗ୍ରାହକ ମାନଙ୍କ ପାଇଁ ଶତକଡା ୧୦ ଭାଗ ରିହାତି ଥିବାରୁ ଲୋକ ମାନେ ସାମଗ୍ରୀ କ୍ରୟ ପାଇଁ ଆଗ୍ରହୀ ହେବେ ବୋଲି ସେ ଆଶା କରିଥିଲେ। ଅନ୍ୟ ମାନଙ୍କ ମଧରେ ସମ୍ବଲପୁରୀ ବସ୍ତ୍ରାଳୟର ପରିଚାଳନା ନିର୍ଦ୍ଦେଶକ ଶିଶିର କୁମାର ନାଗ, ସହକାରୀ ନିର୍ଦ୍ଦେଶକ ଶ୍ରୀକାନ୍ତ ଶ୍ରୀଚନ୍ଦନ, ବାଣିଜ୍ୟ ଅଧିକାରୀ ହେମନ୍ତ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ କଟକ, ସୋନପୁର, ବାଲେଶ୍ୱର, ଖୋର୍ଦ୍ଧା ମୟୂରଭଞ୍ଜ ଓ ପୁରୀ ଜିଲ୍ଲାର ୩୩ ଗୋଟି ବୁଣାକାର ସେମାନଙ୍କର ବସ୍ତ୍ର ର ପ୍ରଦର୍ଶନ ଓ ବିକ୍ରୟ ପାଇଁ ଯୋଗଦାନ କରିଛନ୍ତି ।ଏହି ମେଳା ଚଳିତ ମାସ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ।

## ଏମ୍‌କେସି ହାଇସ୍କୁଲର ବୈଷୟିକ ଛାତ୍ରଛାତ୍ରୀଙ୍କ କ୍ଷେତ୍ର ପରିଦର୍ଶନ




ବାରିପଦା,୦୨/୦୨ (ନି.ପ୍ର): ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ବୈଷୟିକ ଶିକ୍ଷା ଗ୍ରହଣ କରୁଥିବା ଉଭୟ ଅଟୋମୋଟିଭ୍ ଓ ଆଇଟି ବିଭାଗର ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନେ ଦକ୍ଷତା ବୃଦ୍ଧିପାଇଁ କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମରେ ସରକାରୀ ପଲିଟେକ୍‌ନିକ୍, ମୟୂରଭଞ୍ଜ, ଟିକରପଡାକୁ ଯାଇ ବୈଷୟିକ ଶିକ୍ଷାର ପ୍ରାକ୍ଟିକାଲ ସମ୍ପର୍କରେ ଜ୍ଞାନ ଆହରଣ କରିଛନ୍ତି। ଅଟୋମୋଟିଭ୍ ବିଭାଗର ଧନ୍ଦାମୂଳକ ଶିକ୍ଷକ ଦିଗବିଜୟ ମହାନ୍ତ ଓ ଆଇଟି ବିଭାଗର ଶିକ୍ଷକ ଜଗନ୍ନାଥ ସୁତାରଙ୍କ ତତ୍ତ୍ୱାବଧାନରେ ଏହି କ୍ଷେତ୍ର ପରିଦର୍ଶନ କରିଛନ୍ତି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ କୁଞ୍ଜବାଳା ମହାନ୍ତ, ଭାରପ୍ରାପ୍ତ ବୈଷୟିକ ଶିକ୍ଷକ ଲକ୍ଷ୍ମୀନାରାୟଣ ମହାନ୍ତ ଓ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ଛାତ୍ରଛାତ୍ରୀଙ୍କ କ୍ଷେତ୍ର ପରିଦର୍ଶନର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ପଲିଟିକ୍‌ନିକ୍‌ର ପ୍ରିନ୍ସିପାଲ୍ ଇଂ କମ୍ବୁପାଣି ମେହେର ଓ ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମରେ ସହଯୋଗ ପ୍ରଦାନ କରିଥିଲେ।

## ଜେଲ୍‌ରେ ନିମ୍ନମାନର ଖାଦ୍ୟ ଯୋଗାଣ ଅଭିଯୋଗ

କେନ୍ଦ୍ରାପଡ଼ା,୦୨/୦୨ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ଉପ କାରାଗାରରେ ଜେଲ୍ ଅନ୍ତେବାସୀମାନଙ୍କୁ ନିମ୍ନମାନର ଖାଦ୍ୟ ଦିଆଯାଉ ଥିବା ଅଭିଯୋଗ ହେଉଛି। ଅଭିଯୋଗ ପାଇବା ପରେ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ସଚିବ ସୁମିତ୍ରା ସାହୁ ଜେଲ୍ ପରିଦର୍ଶନ କରିବା ସହ ଜେଲ୍‌ରେ ଅନ୍ତେବାସୀମାନଙ୍କୁ ଦିଆଯାଉ ଥିବା ଖାଦ୍ୟକୁ ତଦାରଖ କରିଥିଲେ। ଗୁରୁବାର ସଚିବ ଶ୍ରୀମତୀ ସାହୁ ଜେଲ ତଦାରଖ କରିବା ସମୟରେ ଅନ୍ତେବାସୀମାନଙ୍କୁ ଦିଆଯାଉ ଥିବା ଖାଦ୍ୟ ବିଷୟରେ ପଚାରି ବୁଝିବା ସହିତ ଅନ୍ୟାନ୍ୟ ଅସୁବିଧା ସଂପର୍କରେ ପଚାରି ବୁଝିଥିଲେ।

## ସହୋଦର ସାହିତ୍ୟାୟନର ଶୋକସଭା




ଭଦ୍ରକ,୦୨/୦୨ (ନି.ପ୍ର): ନୀରବତା ଭିତରେ ବଞ୍ଚିରହିଥିବା ଦିବଂଗତ କବି ଦିବ୍ୟସିଂ ଦାସ ଅଧିକାରୀ ଏକାଧାରାରେ ଥିଲେ ଜଣେ ବାସ୍ତବ ଏବଂ କଳ୍ପନାଧର୍ମୀ କବି, ଉତ୍ତମ ପ୍ରଶାଶକ ଭାବରେ ସେ କାର୍ଯ୍ୟ କରୁଥିଲେ ମଧ କାବ୍ୟ ସାଧନା ପ୍ରତି ଥିଲା ତାଙ୍କର ଅଗାଧ ଆତ୍ମୀୟତା । ପ୍ରେମ, ବିଶାଦ, ବୈରାଗ୍ୟ ଏବଂ ଆଧିଭୌତିକତା ଥିଲା ତାଙ୍କ କବିତା ଗୁଡ଼ିକର ଅନ୍ତ ସ୍ୱର। ନଇବି କହୁଛି କଥା, ଗୀତରେ ଗୀତରେ ଅଧିକାର, ଅଭାବ ଭାବ, ଦୂରତାର ମୋହ ଇତ୍ୟାଦି ୧୨ଟି କବିତା ସଂକଳନର ଶ୍ରଷ୍ଟା ସ୍ୱର୍ଗତ କବି ଦିବ୍ୟସିଂଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ "ସହୋଦର ସାହିତ୍ୟାୟନ" ତରଫରୁ ମନମୋହନ ସଂଗୀତ ପରିଷଦ ପ୍ରାଙ୍ଗଣରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଅଛି। ଏହି ସଭାଟିକୁ ସଂଚାଳନ କରିଥିଲେ ନାଟ୍ୟଶ୍ରୀ ନିର୍ମଳ ରାଉତ। ଅନ୍ୟମାନଙ୍କ ମଧ୍ୟରେ ସହୋଦରର ପ୍ରତିଷ୍ଠାତା ଅଶୋକ ନାୟକ, ସମ୍ପାଦିକା ସୁଜାତା ରାଉତ, ସହସମ୍ପାଦକ ଗୁତୁରାଜ ଅକ୍ଷୟ, କଳା ସମ୍ପାଦକ ଚୂଡ଼ାମଣୀ ଦାସ, ସଭ୍ୟ ବିଜୟ ବହଳୀ, ଅରୁପାନନ୍ଦ ନାୟକ, ସାମ୍ବାଦିକ ଜ୍ଞାନ ରଞ୍ଜନ ପାଣି, ସାମ୍ବାଦିକ ଭଜଗୋବିନ୍ଦ ଜେନା, ମୁକ୍ତିକାନ୍ତ ମଲ୍ଲିକ, କୈଳାଶ ଦାସ ପ୍ରମୁଖ ଉପସ୍ଥିତ ରହି ଦିବଂଗତ କବିଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରାର୍ଥନା କରିବା ସହିତ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

## ଭଦ୍ରକର ଗାନ୍ଧୀବାଳାଶ୍ରମ ପାଇଁ ଓଡ଼ିଶା ସରକାରଙ୍କ ପାଇଲଟ୍ ପ୍ରୋଜେକ୍ଟ



ଭଦ୍ରକ,୦୨/୦୨ (ନି.ପ୍ର): ଭଦ୍ରକର ଐତିହାସିକ ଗାନ୍ଧୀ ସ୍ମାରକୀ ଅନୁଷ୍ଠାନ ଗରଦପୁରସ୍ଥିତ ଗାନ୍ଧୀ ଓଡ଼ିଶା ବାଳାଶ୍ରମର ଉନ୍ନୟନ କାର୍ଯ୍ୟ ପାଇଁ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ଦ୍ୱାରା ନବୀକରଣ ଓ ନୂତନ ପ୍ରକଳ୍ପ ନିର୍ମାଣ ନେଇ ଅନୁମୋଦନ କରାଯାଇଛି । ଏହି କାର୍ଯ୍ୟର ଆରମ୍ଭ ଓ ଭିତ୍ତିଭୂମିର ସମୀକ୍ଷା ପାଇଁ ଆଜି ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଭଦ୍ରକ ଗ୍ରସ୍ତରେ ଆସି ବାଳାଶ୍ରମ ପରିଦର୍ଶନ କରି ସମସ୍ତ କାର୍ଯ୍ୟ ସମ୍ବନ୍ଧରେ ଉପସ୍ଥିତ ବିଭାଗୀୟ ପଦାଧିକାରୀ ଓ ଆଶ୍ରମର କର୍ମକର୍ତ୍ତା ଓ ସଦସ୍ୟମାନଙ୍କ ସହିତ ଆଲୋଚନା କରିଥିଲେ । ଇନ୍‌ଟାକ୍‌ର ନିର୍ଦ୍ଦେଶକ ମଲ୍ଲିକା ମିତ୍ର, ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ, ସଂସ୍କୃତି ବିଭାଗର ଉପନିର୍ଦ୍ଦେଶକ ଦେବାନନ୍ଦ ବରିହା, ଭଦ୍ରକ ପୂର୍ତ୍ତବିଭାଗର ନିର୍ବାହୀ ଯନ୍ତ୍ରୀ ପରମାନନ୍ଦ ବେହେରା, ସହକାରୀ ଯନ୍ତ୍ରୀ ଅମ୍ବିକା ବଲ୍ଲଭ ସ୍ୱାଇଁ, ଇନ୍‌ଟାକ୍‌ର ସହକାରୀ ଯନ୍ତ୍ରୀ ନୃପତି ନାରାୟଣ ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ପ୍ରମୁଖ ନିର୍ଦ୍ଦେଶକଙ୍କ ସହିତ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଆଶ୍ରମର ସଭାପତି ଝରଣା ପଟ୍ଟନାୟକ, ସମ୍ପାଦକ ଅଶୋକ କୁମାର ଦାସ, ପରିଚାଳକ ହୃଷିକେଶ ମହାନ୍ତି ସେମାନଙ୍କ ଆବଶ୍ୟକତା ଓ ସହଯୋଗ ସମ୍ବନ୍ଧରେ ପ୍ରକାଶ କରିଥିଲେ । ଇନ୍‌ଟାକ୍ ଦ୍ୱାରା ପ୍ରସ୍ତୁତ ନକ୍ସାକୁ ବୈଠକରେ ଉପସ୍ଥାପନ କରାଯାଇଥିଲା । ଗାନ୍ଧୀଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ, ସୁଦୃଶ୍ୟତୋରଣ, ଗାନ୍ଧି ସଂଗ୍ରହାଳୟ, ପ୍ରାର୍ଥନା ଗୃହ, ଶିଶୁ ଉଦ୍ୟାନ, ପଶ୍ଚାତ ଭାଗରେ ପ୍ରାଚୀର, ଜିମ୍ ଆଦି ନିର୍ମାଣ ସହ କ୍ଷତିଗ୍ରସ୍ତ ଗୃହର ନବୀକରଣ କାର୍ଯ୍ୟ ନେଇ ନିର୍ଦ୍ଦେଶକ ବିଶଦ ଭାବରେ ଆଲୋଚନା କରିଥିଲେ । ସୂଚନାଯୋଗ୍ୟକି ଏହି ପ୍ରକଳ୍ପ ପାଇଁ ମଞ୍ଜୁର କରାଯାଇଥିବା ସମୁଦାୟ ୨କୋଟି ୮୮ ଲକ୍ଷ ଟଙ୍କାରୁ ୧ କୋଟି ୨ ଲକ୍ଷ ଟଙ୍କା ଉନ୍‌ଟାକ୍‌କୁ ଏବଂ ୧ କୋଟି ୮୬ଲକ୍ଷ ଟଙ୍କା ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଛି । ଖୁବ୍ ନିକଟରେ ଏସବୁ କାମ ଆରମ୍ଭ ହେବା ନେଇ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଦାସ ପ୍ରକାଶ କରିଥିଲେ । ଆଶ୍ରମରେ ଥିବା ଗାନ୍ଧୀ ସ୍ମୃତି ମନ୍ଦିର, ସଂରକ୍ଷିତ ଥିବା ଗାନ୍ଧୀ ଓ ଆଶ୍ରମର ପ୍ରତିଷ୍ଠାତା ଜୀବରାମ କଲ୍ୟାଣଜୀ କୋଠାରୀଙ୍କ ବ୍ୟବହୃତ ଚରଖା ଓ ଅନ୍ୟାନ୍ୟ ଉପକରଣ, ରୋଷେଇ ବଗିଚା, ଅନ୍ତେବାସୀଙ୍କ ହସ୍ତଶିଳ୍ପ ଆଦିକୁ ସେ ବୁଲି ଦେଖିଥିଲେ । ଆଶ୍ରମର ଅନ୍ୟତମ ସଦସ୍ୟ ସେକ୍ ଫାରୁକ୍ , ସୁଧାକର ରାଉତ, ଶାନ୍ତନୁ କୁମାର ରାଉତ, ବାବୁଲାଲ ଦାସ ପ୍ରମୁଖ ମଧ ଏହି ବୈଠକରେ ଉପସ୍ଥିତ ଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo